


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୪ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 04 October 2024

Vol.No. 35 ■ No.266 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଶିଳ୍ପ ହବ୍ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩/୧୦ (ନି.ପ୍ର): ୨୦୨୫ ଶିଳ୍ପ କନକ୍ଲେଭ-ଉତ୍କର୍ଷ ଓଡ଼ିଶା ପୂର୍ବରୁ ଆମ୍ବାସଡର୍ସ ମିଟ । ଦିଲ୍ଲୀରେ ଆମ୍ବାସଡର୍ସ ମିଟରେ ୩୪ ଦେଶର ପ୍ରତିନିଧିଙ୍କ ସହ କଥା ହେଲେ ସିଏମ୍ । ବୃହତ୍ ଶିଳ୍ପ ହବ ପାଲଟିବ ଓଡ଼ିଶା । ୨୦୨୫ରେ ଓଡ଼ିଶାରେ ହେବାକୁ ଯାଉଛି ସର୍ବବୃହତ ଶିଳ୍ପ କନକ୍ଲେଭ୍ । ରାଜ୍ୟରେ ସେମିକଣ୍ଡକ୍ଟର, ଗ୍ରୀନ ଏନର୍ଜି, ପେଟ୍ରୋ କେମିକାଲସ, ଫୁଡ ପ୍ରୋସେସିଂ ଓ ଓଞ୍ଚରେ ବିନିଯୋଗ ସମ୍ଭାବନା ଅଧିକ । ଆଗାମୀ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ର ପ୍ରାରମ୍ଭିକ ପର୍ଯ୍ୟାୟ ଭାବେ ଆଜି ଦିଲ୍ଲୀରେ ଆୟୋଜିତ ଆମ୍ବାସାଡର୍ସ ମିଟ୍ ରେ ଆଲୋଚନା ପରେ ଏଭଳି ଦୃଢ଼ ଆଶା ପୋଷଣ କରିଛନ୍ତି



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚୀନ୍, ଜାପାନ, ସିଙ୍ଗାପୁର, ବ୍ରାଜିଲ୍ ଓ ୟୁନାଇଟେଡ୍ କିଙ୍ଗଡମ୍ ଭଳି ୩୪ଟି ଦେଶର ରାଷ୍ଟ୍ରଦୂତ, ବାଣିଜ୍ୟିକ କମିଶନର ଓ ଶୀର୍ଷ ସ୍ତରର କୂଟନୈତିଜ୍ଞ ମାନଙ୍କ ସହ ସାକ୍ଷାତ ପରେ ଓଡ଼ିଶାକୁ କିପରି ଅଧିକ ବିଦେଶୀ ପୁଞ୍ଜି ନିବେଶ ଆସିପାରିବ ସେନେଇ ଆଲୋଚନା ହୋଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ। ତାସହ କହିଛନ୍ତି ଓଡ଼ିଶାରେ ଶିଳ୍ପ ବାତାବାରଣ ସୃଷ୍ଟି ପାଇଁ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗ ରହିଛି। ଆଗକୁ ଅଧିକ ପୁଞ୍ଜିନିବେଶ ସମ୍ଭାବନା ରହିଥିବାରୁ ଏହା ୨୦୩୬ରେ ସମୃଦ୍ଧ ଓଡ଼ିଶା ଓ ୨୦୪୭ରେ ବିକଶିତ ଓଡ଼ିଶା ଗଠନରେ ନିଶ୍ଚିତ ମୂଳଦୁଆ ପକାଇବ। ପୂର୍ବୋଦୟର ବିକାଶ ହେଲେ ଭାରତର ବିକାଶ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ ଉକ୍ତି ସଫଳ ହେବ। ଆଜିର କାର୍ଯ୍ୟକ୍ରମରେ ନିବେଶକଙ୍କ ସହ ସରକାରଙ୍କ ଆଲୋଚନା ବେଶ୍ ସକରାତ୍ମକ ହୋଇଥିବା ବି କହିଛନ୍ତି ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁ। ଏଣେ ଉତ୍କର୍ଷ ଓଡ଼ିଶା ଆୟୋଜନ ପୂର୍ବରୁ ଦିଲ୍ଲୀରେ ରାଜ୍ୟ ସରକାରଙ୍କ ଆମ୍ବାସଡର୍ସ ମିଟ୍ ଆୟୋଜନ ରାଜ୍ୟର ଶିଳ୍ପ ଅଭିବୃଦ୍ଧିର ଶୁଭଲକ୍ଷଣ ବୋଲି କହିଛି ଶିଳ୍ପ ସଂଘ ୟୁସିସିଆଇ। ସଂଘର ସଭାପତିଙ୍କ ମତରେ ଯେହେତୁ ଓଡ଼ିଶା ଏକ ଖଣିଜ ସଂପଦ ଭରା ରାଜ୍ୟ।

▶▶ପୃଷ୍ଠା ୭

## ଆରମ୍ଭ ହେଲା ନବରାତ୍ର: ଚଳଚଞ୍ଚଳ ଶକ୍ତିପୀଠ

ଭୁବନେଶ୍ୱର, ୩/୧୦ (ନି.ପ୍ର): ନବରାତ୍ର ଲାଗି ଉତ୍ସବମୁଖର ହୋଇ ଉଠିଛି ବିଭିନ୍ନ ଶକ୍ତିପୀଠ। ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଚାଲିଛି ନବରାତ୍ର ପୂଜା। ଷୋଡ଼ଶ ଉପଚାର ନୀତିକାନ୍ତି ସହ ହେଉଛି ସ୍ୱତନ୍ତ୍ର ପୂଜା। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି ଶକ୍ତି ସ୍ୱରୂପିଣୀ ମାଆ। ଶରତକାଳୀନ ଷୋଡ଼ଶ ପୂଜା ପାଇଁ ଚଳଚଂଚଳ କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ପୀଠ। ହୋମ ଯଜ୍ଞ, ମନ୍ତ୍ରପାଠରେ ପ୍ରକମ୍ପିତ ହେଉଛି ପୀଠ। ମା'ଙ୍କୁ ଦର୍ଶନ କରୁଛନ୍ତି ଶହଶହ ଶ୍ରଦ୍ଧାଳୁ ଓ ବ୍ରତଧାରୀ। ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଏହି ପୂଜାରେ ମା' ପ୍ରତିଦିନ ବିଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଆଜିଠୁ ମାଆ କଟକ ଚଣ୍ଡୀଙ୍କ ପୀଠରେ ଆରମ୍ଭ ହୋଇଛି ନବରାତ୍ର ପୂଜା। ନବରାତ୍ର ଅବସରରେ ମା'ଙ୍କ ପୀଠରେ ସପ୍ତସତୀ ଚଣ୍ଡୀ ପାଠ କରାଯାଉଛି। ମା' ବିରଜାଙ୍କ କ୍ଷେତ୍ରରେ ବି ଆରମ୍ଭ ହୋଇଛି ନବରାତ୍ର ଦର୍ଶନ। ଏଠାରେ ରହିଛି ନିଆରା ପରମ୍ପରା। ଶାରଦୀୟ ଦୁର୍ଗାପୂଜା ଅବସରରେ ମା'



ସିଂହଧ୍ୱଜ ରଥରେ ଦେବୀ ଦୁର୍ଗତୀ ନାଶିନୀ ଭାବେ ରଥାରୂଢ ହୋଇ ନଅ ଦିନ ବେଢ଼ା ପରିକ୍ରମା କରି ମହିଷାସୁରକୁ ନିଧନ କରିଥାନ୍ତି। ଏହାସହ ନବରାତ୍ର ସମୟରେ ଶ୍ରଦ୍ଧାଳୁଙ୍କୁ ମା'ଙ୍କ ଚରଣ ସ୍ପର୍ଶର ସୁଯୋଗ ଦେଇଥାନ୍ତି, ଯାହାକି ଦୁର୍ଲଭ ବୋଲି କୁହନ୍ତି ସେବାୟତ ଦେବୀ ପ୍ରସାଦ ପାଣି। ରାଜଧାନୀ ଭୁବନେଶ୍ୱରରେ ନବରାତ୍ର ଅବସରରେ ଦେଖିବାକୁ ମିଳିଛି ଭିନ୍ନ ଚିତ୍ର। ଓଡ଼ିଶା କିନ୍ନର ଆଖଡା ତରଫରୁ କରାଯାଇଥିଲା ସ୍ୱତନ୍ତ୍ର ଆୟୋଜନ। ବିନ୍ଦୁ ସାଗର କୂଳରେ ଏକାଠି ହୋଇ ପୂଜାର୍ଚ୍ଚନା ସହ କିନ୍ନର ମାନେ ମା' ଦୁର୍ଗାଙ୍କ ଆରାଧନା କରିଛନ୍ତି। ଏହି ଅବସରରେ ବିନ୍ଦୁସାଗର ଠାରୁ ପଲାସପଲ୍ଲୀ ପର୍ଯ୍ୟନ୍ତ କଳସ ଯାତ୍ରା କରାଯାଇଥିଲା। ତେଣେ ଶାରଦୀୟ ଦୁର୍ଗାପୂଜା ଅବସରରେ ଚଳଚଂଚଳ ରାଜ୍ୟର ଅନ୍ୟତମ ଶକ୍ତିପୀଠ ବାଙ୍କୀର ଚର୍ଚ୍ଚିକା ପୀଠ। ବାଦ୍ୟ, ଘଣ୍ଟଘଣ୍ଟା ଶବ୍ଦରେ ଉଚ୍ଛୁଳି ପଡୁଛି ମା' ଚର୍ଚ୍ଚିକାଙ୍କ ପୀଠ। ନବରାତ୍ର ପୂଜାର ରୀତିନୀତି ମୁତାବକ, ପାଟବସ୍ତ୍ରରେ ମା'ଙ୍କୁ ସୁନ୍ଦର ଭାବେ ସଜ୍ଜିତ କରାଯିବା ସହ ସୂର୍ଯ୍ୟପୂଜା, ମଙ୍ଗଳ ଆରତୀ, ମାଣ୍ଡୁଅ ଭୋଗ ଆଦି ଲାଗି କରାଯାଏ। ତେବେ ଅନ୍ୟ ଦିନ ଅପେକ୍ଷା ନବରାତ୍ର ପୂଜା ବେଳେ ମା'ଙ୍କ ବେଶ ଓ ପୂଜା ସଂପୂର୍ଣ୍ଣ ଭିନ୍ନ ହୋଇଥାଏ।

## ପାର୍ବଣରେ ବାଜିବ ଡିଜେ: କିନ୍ତୁ ଧୀରେ



କଟକ/ଭୁବନେଶ୍ୱର, ୩/୧୦ (ନି.ପ୍ର): ପାର୍ବଣ ଋତୁରେ କଟକ ମହାନଗରରେ ଡିଜେ ବାଜିବ। କିନ୍ତୁ ଧୀରେ ବାଜିବ। ଅର୍ଥାତ ୬୫ ଡେସିବଲଠାରୁ ଅଧିକ ଜୋରରେ ଡିଜେ ବାଜି ପାରିବ ନାହିଁ। ଏଥିସହ କଟକ ରାସ୍ତାଘାଟ ମରାମତି ନେଇ ଅସନ୍ତୋଷ ଝାଡ଼ିଛନ୍ତି ଓଡିଶା ହାଇକୋର୍ଟ। ଦଶହରା ପୂର୍ବରୁ ବନ୍ଦ ଓ ଅଚଳ ହୋଇ ପଡିଥିବା ସମସ୍ତ ଷ୍ଟ୍ରିଟ୍ ଲାଇଟ ମରାମତି କରିବା ପାଇଁ କୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟର ମରାମତି ପ୍ରସଙ୍ଗରେ କଟକ ମହାନଗର ନିଗମ(ସିଏମସି) ଉପରେ ବର୍ଷିଛନ୍ତି ଓଡିଶା ହାଇକୋର୍ଟ। ଭୁଲ ରିପୋର୍ଟ ଦେଲେ ଅଦାଲତ ଅବମାନନା ମାମଲାର ସାମ୍ନା କରିବାକୁ ପଡିବ ବୋଲି କୋର୍ଟ ସିଏମସି କର୍ତ୍ତୃପକ୍ଷଙ୍କୁ ଚେତାବନୀ ଶୁଣାଇଛନ୍ତି। କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ମୁତାବକ ଏକାଧିକ ୱାର୍ଡରେ ରାସ୍ତାଘାଟର ମରାମତି କାମ ଶେଷ ହୋଇନାହିଁ। ଆସନ୍ତା ଏକ ସପ୍ତାହ ମଧ୍ୟରେ ସଠିକ ଭାବରେ ସମସ୍ତ ରାସ୍ତାଘାଟର ମରାମତି

▶▶ପୃଷ୍ଠା ୭

## ଓଡ଼ିଶାରେ ଅଛନ୍ତି ୬୯୬ କଲରାପତରିଆ

ଭୁବନେଶ୍ୱର, ୩/୧୦ (ନି.ପ୍ର): ଓଡ଼ିଶାରେ ଅଛନ୍ତି ମୋଟ୍ ୬୯୬ କଲରାପତରିଆ। ରାଜ୍ୟର ପ୍ରଥମ କଲରାପତରିଆ ଗଣନା ରିପୋର୍ଟରୁ ଆସିଛି ଏହି ତଥ୍ୟ। ଚଳିତ ଥର ନିଜସ୍ୱ କଲରାପତରିଆ ଗଣନା କରିଛି ବନ ବିଭାଗ। ଘଞ୍ଚଉଇ ରିପୋର୍ଟ ଅନୁସାରେ ୨୦୨୨ରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୫୬୮ଟି କଲରାପତରିଆ ରହିଥିଲେ। ୨୦୧୮ରେ କଲରାପତରିଆ ବାଘ ସଂଖ୍ୟା ଥିଲା ୭୬୦ ଥିଲା। ଓଡ଼ିଶା ଜଙ୍ଗଲରେ କଲରାପତରିଆଙ୍କ ସଂଖ୍ୟା ଦୁଇ ବର୍ଷରେ ୧୨୮ ବଢ଼ିଛି। ୨୦୨୨ରେ ଥିଲେ ୫୬୮ । ଆଉ ଏବେ ଅଛନ୍ତି ୬୯୬। ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ପ୍ରକାଶିତ ରାଜ୍ୟ ସରକାରଙ୍କ ପ୍ରଥମ କଲରାପତରିଆ ଗଣନା ରିପୋର୍ଟରୁ ଏଭଳି ତଥ୍ୟ ମିଳିଛି। ଯଦିଓ ରାଜ୍ୟର ନିଜସ୍ୱ ପ୍ରଥମ କଲରାପତରିଆ ଗଣନାରେ ପୂର୍ବଥର ଅପେକ୍ଷା ସଂଖ୍ୟା ବଢ଼ିଛି, ହେଲେ ୨୦୧୮ର ଗଣନା ତୁଳନାରେ ଢେର୍ କମ୍ ଥିବାରୁ

▶▶ପୃଷ୍ଠା ୭

## ବବିଙ୍କ ଆକାଂକ୍ଷାରେ ପାଣି ଫଂକେଇ ଦେଲେ କି ସୁଜାତା ?

ଭୁବନେଶ୍ୱର, ୩/୧୦ (ନି.ପ୍ର): ବବିଙ୍କ ଏହି ବୟାନକୁ ନେଇ ଯାଜପୁର ରାଜନୀତି ସରଗରମ। ଲଢିବାକୁ ପ୍ରସ୍ତୁତ ଥିବା କହି ବବି କେଉଁ ଆଡ଼କୁ ଇସାରା ଦେଇଥିଲେ ? ବିଜେଡି କ୍ଷମତା କେନ୍ଦ୍ରକୁ ପୁଣିଥରେ ଏଣ୍ଟ୍ରି ମାରିବାକୁ ଯୋଜନା ନା ନିର୍ବାଚନ ମଣ୍ଡଳୀର ନାଡ଼ି ମାପୁଥିଲେ ? କାହିଁକିନା ନିର୍ବାଚନ ପୂର୍ବରୁ ଚର୍ଚ୍ଚା ହେଉଥିଲା ଯେ, ବବି ଦାସ ସମ୍ବଲପୁର ଲୋକସଭା ସିଟ୍‌ରେ ପରାଜିତ ହେଲେ ଯାଜପୁରରେ ଦଳ ଗୋଟିଏ ସିଟ୍ ଖାଲି କରି,



ସେଠାରୁ ଉପନିର୍ବାଚନ ମାଧ୍ୟମରେ ବିଧାନସଭାକୁ ପୁଣି ଏଣ୍ଟ୍ରି କରାଇବ। ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ବିଜେଡିର ବିପର୍ଯ୍ୟୟ ଘଟିଥିବାରୁ ଦଳ ଆଉ ହୁଏତ ଉପନିର୍ବାଚନ ରିସ୍କ ନନେଇ ପାରେ। ପ୍ରଶ୍ନ ଉଠୁଛି, ଯାଜପୁରରେ ନିଜର ଦବଦବା ଜାହିର କରିବାକୁ ବବି ଏଭଳି ଭାଷଣ ଦେଇନାହାନ୍ତି ତ ? ଅପରପକ୍ଷେ ଯାଜପୁର ଉପନିର୍ବାଚନ ଚର୍ଚ୍ଚା ନେଇ ତଥି ତୋଫାନ

▶▶ପୃଷ୍ଠା ୭

## ଦେଶର ଆଉ ୫ଟି ଭାଷାକୁ ମିଳିଲା ଶାସ୍ତ୍ରୀୟ ମାନ୍ୟତା

ନୂଆଦିଲ୍ଲୀ, ୩/୧୦ : ଦେଶର ଆଉ ୫ଟି ଭାଷାକୁ ମିଳିଲା ଶାସ୍ତ୍ରୀୟ ମାନ୍ୟତା। ମରାଠି, ପାଲି, ପ୍ରାକୃତି, ଅହମିୟା ଏବଂ ବେଙ୍ଗଲି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ନେଇ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ପୂର୍ବରୁ ଓଡ଼ିଆ ସମେତ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲୟାଲମକୁ ଶାସ୍ତ୍ରୀୟ ମାନ୍ୟତା ମିଳି ସାରିଛି। ଆଜିର ୫ ଭାଷାକୁ ମିଶାଇ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଭାଷା ସଂଖ୍ୟା ୧୧କୁ ବଢ଼ିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେହିପରି କୃଷକଙ୍କ ଆୟ ବୃଦ୍ଧି ସହ ମଧ୍ୟବିତ୍ତଙ୍କ ଖାଦ୍ୟ ନିରାପତ୍ତା ନେଇ ମଧ୍ୟ କ୍ୟାବିନେଟ୍ ବୈଠକରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପିଏମ୍ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଏବଂ କୃଷିନ୍ନୋତି ଯୋଜନା ପାଇଁ ପ୍ରାୟ ୧ ଲକ୍ଷ ୧ ହଜାର ୩୨୧ କୋଟି ଟଙ୍କାର ଅନୁଦାନକୁ ମିଳିଛି କ୍ୟାବିନେଟ୍ ମଞ୍ଜୁରୀ । ସେହିପରି ଖାଇବ ତେଲର ଉତ୍ପାଦନ

▶▶ପୃଷ୍ଠା ୭

## ଚର୍ଚ୍ଚାରେ ହରିଆଣାର ନେତା ଅଶୋକ ତନୱ୍ୱାର: ସକାଳେ ବିଜେପି ଅପରାହ୍ନରେ କଂଗ୍ରେସ

ନୂଆଦିଲ୍ଲୀ, ୩/୧୦ : ସକାଳେ ବିଜେପି ପାଇଁ ମାଗୁଥିଲେ ଭୋଟ, ଅପରାହ୍ନରେ କଂଗ୍ରେସରେ ହେଲେ ସାମିଲ। ଚର୍ଚ୍ଚାରେ ହରିଆଣାର ନେତା ଅଶୋକ ତନୱ୍ୱାର। କଂଗ୍ରେସ ଛାଡିବା ପରେ ତିନି ଦଳ ବଦଳାଇବା ପରେ ପୁଣି କଂଗ୍ରେସକୁ ଫେରିଛନ୍ତି। ହରିଆଣା ନିର୍ବାଚନକୁ ଦୁଇ ଦିନ ବାକିଥିବା ବେଳେ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଦଳରେ ମିଶିଛନ୍ତି। ଅଶୋକ ତନୱ୍ୱର ହରିୟାଣା କଂଗ୍ରେସର ପ୍ରଥମ ସଭାପତି ଥିଲେ। ଏହା ପରେ ରାହୁଲ ଗାନ୍ଧୀ ଏବଂ ଭୁପେନ୍ଦ୍ର ସିଂ ହୁଡାଙ୍କ ବିରୋଧରେ ଅଭିଯୋଗ ଆଣି ସେ ତୃଣମୂଳ କଂଗ୍ରେସରେ ଯୋଗ ଦେଇଥିଲେ । ପରେ ଆମ ଆଦମୀ



ପାର୍ଟିରେ ଯୋଗ ଦେଇଥିଲେ, ଏହା ପରେ ସେ ଭାଜପାରେ ଯୋଗ ଦେଇଥିଲେ। ୨୦୨୪ ଲୋକ ସଭା ନିର୍ବାଚନରେ ସେ କୁମାରୀ ଶୈଳଜାଙ୍କ ବିରୋଧରେ ସିରସାରୁ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତେବେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ଅକ୍ଟୋବର ୫ରେ ହରିୟାଣାର ୯୦ଟି ଆସନରେ ଏକକାଳୀନ ଭୋଟିଂ ହେବ । ଭୋଟ ଦେବାର ଦୁଇ ଦିନ ପୂର୍ବରୁ ଅଶୋକ ତନୱ୍ୱାର କଂଗ୍ରେସରେ ଯୋଗଦେବା ବିଜେପି ପାଇଁ ଚିନ୍ତା ବଢାଇଛି। ପ୍ରଚାର ପାଇଁ ଆଜି ହେଉଛି ଶେଷ ଦିନ,ସଂଧ୍ୟା ୬ଟା ପରେ ପ୍ରଚାର ବନ୍ଦ ହେବ ।

## କୌଣସି ମୁହୂର୍ତ୍ତରେ ବଡ଼ ଆକ୍ରମଣ କରିପାରେ ଇସ୍ରାଏଲ: ଟାର୍ଗେଟରେ ଇରାନର ପରମାଣୁ କେନ୍ଦ୍ର

ନୂଆଦିଲ୍ଲୀ, ୩/୧୦ : ଇସ୍ରାଏଲ ଟାର୍ଗେଟ୍‌ରେ ଇରାନର ପରମାଣୁ କେନ୍ଦ୍ର। ଇସ୍ରାଏଲ ଉପରେ ଇରାନ ଆକ୍ରମଣ କରିବା ପରେ ଏହାର ବିରୋଧ ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଛି ଇସ୍ରାଏଲ। ଇରାନ ପରମାଣୁ କେନ୍ଦ୍ର ଓ ଅଏଲ ଡିପୋକୁ ଟାର୍ଗେଟ କରିବାକୁ ଯୋଜନା ପ୍ରସ୍ତୁତ କରୁଛି ଇସ୍ରାଏଲ। ଇସ୍ରାଏଲ ଉପରେ ଇରାନ ଆକ୍ରମଣ ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନକୁ ଧ୍ୱଂସ କରିବାକୁ ଶପଥ ନେଇଛନ୍ତି। ଇରାନ ବିରୋଧରେ ପ୍ରତିଶୋଧ ନେବାକୁ ଇସ୍ରାଏଲ ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ତେଲ ଅଭିଭରେ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟାଳୟରେ ସୁରକ୍ଷା ମୁଖ୍ୟଙ୍କୁ ଭେଟିଛନ୍ତି। ଏଭଳି ପରିସ୍ଥିତିରେ ଇସ୍ରାଏଲ ଖୁବ ଶୀଘ୍ର ଇରାନ ଉପରେ ଭୟଙ୍କର ଆକ୍ରମଣ ଆରମ୍ଭ କରିପାରେ ବୋଲି ଅନୁମାନ କରାଯାଉଛି। ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ






ମଧ୍ୟପ୍ରାଚ୍ୟରେ ବଡ ଯୁଦ୍ଧର ଆଶଙ୍କା ଦେଖାଦେଇଛି। ଇସ୍ରାଏଲ ଏବଂ ହିଜବୁଲ୍ଲା ସଂଘର୍ଷ ମଧ୍ୟରେ ଲେବାନନରେ ଇସ୍ରାଏଲର କମାଣ୍ଡର ସମେତ ୮ ସେ ?ନିକଙ୍କ ମୃତ୍ୟୁ ହୋଇଛି। ଲେବାନନରେ ପଶି ଅପରେସନ୍ କରୁଥିବା ଇସ୍ରାଏଲ ସେ ?ନିକଙ୍କ ଏହା ପ୍ରଥମ ମୃତ୍ୟୁ। ଦିନକୁ ଦିନ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ତିକ୍ତତା ବଢିବାରେ ଲାଗିଛି। ଉଭୟ ଦେଶ ବର୍ତ୍ତମାନ ମୁହାଁମୁହିଁ ହୋଇଛନ୍ତି, ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲ ଏହାର ପ୍ରତିଶୋଧ ନେବାକୁ କହିଛି। ଏହାରି ଭିତରେ ଇସ୍ରାଏଲ ଇରାନର ଆଣବିକ ଘାଟି ଉପରେ ଆକ୍ରମଣ କରିବ ବୋଲି ସୂଚନା ଆସିଛି। ଯଦି ଏପରି ହୁଏ ତେବେ ଆମେରିକା ଏହାକୁ ସମର୍ଥନ କରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ। ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ ଏହି ଆକ୍ରମଣର ମୂଲ୍ୟ ଇରାନକୁ ଦେବାକୁ ପଡିବ। ଏହାରି ଭିତରେ ଦୁଇ ଦେଶ ମଧ୍ୟରେ ତିକ୍ତତା ହ୍ରାସ କରିବାକୁ ଜି୭ ଦେଶ ଏକ ଜରୁରୀ ବୈଠକ ଡାକିଛନ୍ତି। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି ଆମେରିକା ଇସ୍ରାଏଲକୁ

▶▶ପୃଷ୍ଠା ୭

## ୧୧ ଲକ୍ଷ କୋଟି ପାଣିରେ ପଡ଼ିଲା

### ସେନସେକ୍ସ ୧୮୦୦ ପଏଣ୍ଟ ହ୍ରାସ, ନିଫ୍ଟି ୨୫୨୫୦ ତଳକୁ ଖସିଲା

ମୁମ୍ବାଇ, ୩/୧୦ : ଘରୋଇ ଷ୍ଟକ୍ ମାର୍କେଟରେ ଗୁରୁବାର ସ୍ଥିତି ଖରାପ ରହିଛି । ଏହି ଅବଧି ମଧ୍ୟରେ ସେନସେକ୍ସ ଏବଂ ନିଫ୍ଟି ଦୁଇ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ପଶ୍ଚିମ ଏସିଆରେ ତିକ୍ତତା ପରେ ନିବେଶକଙ୍କ ସତର୍କତା କାରଣରୁ ବଜାରରେ ଏହି ହ୍ରାସ ଘଟିଛି। ଘରୋଇ ଷ୍ଟକ୍ ବଜାର ଗୁରୁବାର ନିରୁତ୍ସାହଜନକ ରହିଛି। ଫ୍ୟୁଚର କାରବାରର ସମାପ୍ତି ଦିନରେ ସେନସେକ୍ସ ଏବଂ ନିଫ୍ଟି ପ୍ରତ୍ୟେକ ଦୁଇ ପ୍ରତିଶତ ହ୍ରାସ ପାଇଛି।



ଅପରାହ୍ନ ୨ଟା ୧୦ ରେ, ସେନସେକ୍ସ ୮୨,୪୫୫.୦୮ ରେ କାରବାର କରି ୧,୮୧୧ପଏଣ୍ଟ ଅର୍ଥାତ୍ ୨.୧୫% ହ୍ରାସ ପାଇଥିବାର ଦେଖାଯାଇଥିଲା। ଅନ୍ୟପକ୍ଷରେ, ନିଫ୍ଟି ମଧ୍ୟ ୨.୧୫% ଅର୍ଥାତ୍ ୫୫୪ ପଏଣ୍ଟ ହ୍ରାସ ପାଇ ୨୫,୨୪୨ରେ ପହଞ୍ଚିଛି। ଏହି ଅବଧି ମଧ୍ୟରେ ବଜାରରେ ନିବେଶକମାନଙ୍କୁ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ପରିଶେଷରେ ସେନକ୍ସେକ୍ସ ୧,୭୬୯.୧୯ (୨.୦୯%) ଖସି ୮୨,୪୯୭.୧୦ରେ ବନ୍ଦ ହୋଇଥିଲା। ଅନ୍ୟପକ୍ଷରେ, ନିଫ୍ଟି ୫୪୬.୮୧ (୨.୧୨%) ପଏଣ୍ଟ ହ୍ରାସ ପାଇ ୨୫,୨୫୦.୧୦ରେ ବନ୍ଦ ହୋଇଥିଲା। ଏହାପୂର୍ବରୁ, ବିଏସଇରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ବଜାର ପୁଞ୍ଜିକରଣ ୫.୬୩ ଲକ୍ଷ କୋଟିରୁ ୪୬୯.୨୩ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ଚଳିତ ସପ୍ତାହ ଆରମ୍ଭରେ ଇରାନ ଇସ୍ରାଏଲ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବା ପରେ ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ବୃଦ୍ଧି ପାଇଛି। ଯଦି ଏହି ବିବାଦ ତୀବ୍ର ହୁଏ, ତେବେ ଏହି ଅଞ୍ଚଳରୁ ତୈଳ ଯୋଗାଣ ବ୍ୟାହତ ହୋଇପାରେ। ଗୁରୁବାର ଦିନ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଘଟିଥିବାର ଦେଖାଯାଇଛି।

▶▶ପୃଷ୍ଠା ୭

# ପୁରୀରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ପୁରୀ, ୦୨/୧୦ (ନି.ପ୍ର): ମହାତ୍ମାଗାନ୍ଧୀଙ୍କ ଆଦର୍ଶ ଓ ବିଚାର ଧାରାର ମୃତ୍ୟୁ ନାହିଁ। ତାହା ଚିର ଅମର। ସେହିପରି ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ତ୍ୟାଗ, ସ୍ୱାଭିମାନ ପିଢ଼ି ପରେ ପିଢ଼ି ଆମକୁ ଅନୁପ୍ରାଣିତ କରି ଚାଲିଥିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ। ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ପରିସରରେ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ୧୫୫ ତମ ଓ ଶାସ୍ତ୍ରୀଜୀଙ୍କ ୧୨୦ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଅହିଂସାକୁ ଅସ୍ତ୍ର କରି ଜଣେ ରକ୍ତ ମାଂସଧାରୀ ମଣିଷ ଯେ ଗୋଟେ ଦୁର୍ଦ୍ଧର୍ଷ ବ୍ରିଟିଶ ସେନାକୁ ପରାହତ କରିଥିଲେ ତାହା ହୁଏତ ପର ପିଢ଼ି ବିଶ୍ୱାସ କରିବା କଷ୍ଟ। କିନ୍ତୁ ତାଙ୍କ ସେବା, ଦେଶପ୍ରେମ, ସତ୍ୟ ପ୍ରତି ଅନୁରାଗ କାଳକାଳକୁ ବିଶ୍ୱକୁ ଅନୁପ୍ରାଣିତ କରି ଚାଲିଥିବ। ଆଜି ବିଶ୍ୱରେ ଯୁଦ୍ଧ ଓ ହିଂସାର ଘନଘଟା ମଧ୍ୟରେ ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ର ହିଁ ଶାନ୍ତିର ପଥ ପ୍ରଦର୍ଶକ ହୋଇ ପାରିବ ବୋଲି ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରି ଜାତିର ଜନକ ମହାତ୍ମାଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଜୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଉଭୟ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଆଜିର ଦିବସ ଶାନ୍ତି, ଅହିଂସା, ପ୍ରେମ,ସମୟାନୁବର୍ତ୍ତୀତା ଓ ସଂକଳ୍ପ ର ଦିବସ ଭାବେ ସମସ୍ତେ ପାଳନ କରିବାକୁ ଅନୁରୋଧ କରିଥିଲେ। ସର୍ବୋଦୟ ମେଳା ସମ୍ପାଦକ ଶିବ ପ୍ରସାଦ ମିଶ୍ର ଉଭୟ ବରପୁତ୍ର ଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୁରୀ ସୂଚନା ଓ ଲୋକ ସମ୍ପର୍କ ଉ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ାରମ୍ଭରେ ସମସ୍ତଙ୍କୁ ସ୍ୱାଗତ, ମଂଚ ପରିଚାଳନା କରିବା ସହ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶ,ବିଚାର ଧାରା ଯୁଗ ଯୁଗ ପାଇଁ ସମଗ୍ର ବିଶ୍ୱ କୁ ପ୍ରଭାବିତ କରି ଚାଲିଥିବ ବୋଲି କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।ସିଦ୍ଧ ମହାବୀର ସଂଗୀତ ଅନୁଷ୍ଠାନ ପକ୍ଷରୁ ସତ୍ୟପ୍ରିୟ ମହାପାତ୍ର ଓ ସାଥି ମାନେ ବୈଷ୍ଣବ ଜନତୋ ଭଜନ ସହ ଅନ୍ୟାନ୍ୟ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ।ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।ପୂର୍ବରୁ ଗାନ୍ଧୀ ଘାଟ ଠାରେ ଗାନ୍ଧୀଜୀଙ୍କ ପ୍ରତମୂର୍ତ୍ତୀ ଓ ଶାସ୍ତୀଜୀ ଙ୍କ ଫଟୋଚିତ୍ର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରାଙ୍କ ସହ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଅତିଥି ମାନେ ମାଲ୍ୟାର୍ପଣ ଓ ପ୍ରଦୀ ପ୍ରଜ୍ୱଳନ କରିଥିଲେ। ସେଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା।ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ ,ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଶୋଭାଯାତ୍ରାରେ ଆସି ଗାନ୍ଧୀ ଘାଟ ଠାରେ ପହଂଚି ଏଥିରେ ସାମିଲ ହୋଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସର୍ବୋଦୟ ମେଳାର ସଦସ୍ୟ, ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି,ଏଆଇଓ ରାଜେନ୍ଦ୍ର କୁମାର ପାତ୍ର,ଅନ୍ୟାନ୍ୟ କର୍ମଚାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା।

## ଓସ୍ତପୁର ପଂଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

କେନ୍ଦ୍ରାପଡା, ୦୨/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଂଚାୟତ କାର୍ଯ୍ୟାଳୟ ରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଗାନ୍ଧି ଜୟନ୍ତୀ ପାଳନ କରିବା ପେର ସରପଂଚ ପ୍ରସନ୍ନ ରାଉତଙ୍କ ଅଧକ୍ଷତା ରେ ଅରୟୋଜିତ ଏହି ସ୍ୱତନ୍ତ୍ର ଗ୍ରାମସଭାରେ ସମିତି ସଭ୍ୟ ରାଜ ଅମାନତ୍ୟ, ନାଏବ ସରପଂଚ ମମତା ପ୍ରଧାନ, ପଂଚାୟତ ନିର୍ବାହୀ ଅଧିକାରୀ ଶିବ ପ୍ରସାଦ ହାନସଦା, ଜିଆରଏସ ସ୍ୱପ୍ନା ନାୟକ ପ୍ରମୁଖ ଉପସ୍ଥିତ ରହି ପଂଚାୟତ ବିଭିନ୍ନ ପ୍ରକଳ୍ପ ସଂପକର୍ରେ ଅାଲୋଚନା କରିବା ସହିତ ରାସ୍ତାଘାଟ ପୋଖରୀ, ମନ୍ଦିର କାର୍ଯ୍ୟ, ବୃକ୍ଷେରାପଣ, ଖେଳ ପଡିଆ, ନାଳ ପ୍ରଭୃତି କାର୍ଯ୍ୟ ଗୁଡିକ ବିଷୟେର ଗ୍ରାମବାସୀ ମାେନ ଅବଗତ କରାଇ କାର୍ଯ୍ୟ ଗୁଡିକୁ କରିବା ପାଇଁ ଅାେବଦନ କରିଥ୍ଲେ । ଉକ୍ତ କାର୍ଯ୍ୟକ୍ରମ ରେ ସମସ୍ତ ଗ୍ରାମାବସୀ, ୱାର୍ଡ ସଭ୍ୟ/ସଭ୍ୟା, ଏମବକିେ, ଏସ.ଏଚ.ଜି ଓ ବିଦ୍ୟୁତ୍ ବିଭାଗର କମର୍ଚାରୀ ମାେନ ଉପସ୍ଥିତ ଥ୍ଲେ ।

# ମାଲକାନଗିରି ସଦର ମହକୁମାରେ ଗାନ୍ଧୀ ଜୟନ୍ତୀ ପାଳିତ

ମାଲକାନଗିରି, ୦୨/୧୦ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ୧୫୬ ତମ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇ ମାଲ୍ୟାର୍ପଣ ସହ ମହାତ୍ମାଙ୍କ ସ୍ମୃତିଚାରଣ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ, ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ନରେଶ ଚନ୍ଦ୍ର ଶବର, ତହସିଲଦାର, ଲଳିତ ବାଘ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ତେରେସ୍କଭା ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ, ସନ୍ତାସ ନାରାୟଣ ପଣ୍ଡା, ମୁଖ୍ୟ ବକ୍ତା ଭାବେ ଡ଼ା ଧନେଶ୍ୱର ମହାପାତ୍ର ଓ ଡ଼ଃ ରଞ୍ଜନ ସ୍ୱାଇଁ ମଂଚାସୀନ ଥିଲେ। ମହାତ୍ମା ଗାନ୍ଧୀ ବ୍ରିଟିଶମାନଙ୍କ ଦ୍ୱାରା ଭାରତୀୟ ସମାଜରେ ଦାସତ୍ୱର ଶୃଙ୍ଖଳା ଭାଙ୍ଗିବା ପାଇଁ ଅହିଂସା ମାର୍ଗକୁ ଆପଣାଇଥିଲେ ।ସବୁ ସମୟରେ ଅନ୍ୟାୟ ବିରୋଧରେ ସଂଘର୍ଷ କରିଥିଲେ ।ସତ୍ୟ ଓ ଅହିଂସାକୁ ନେଇ ସର୍ବଦା ବାପୁଙ୍କ ବିଚାର ସାରା ବିଶ୍ୱରେ ମାର୍ଗଦର୍ଶନ କରିବା ସହ ପ୍ରେରଣା ଦେଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅତିଥି ମାନେ ଆହୁରି ମଧ କହିଥିଲେ ଯେ ନିଜ ଆଖପାଖ ପରିସର ଯେପରି କି ଘର ପରିସର, ସ୍କୁଲ, ଅଫିସ ପରିସର କୁ ସ୍ୱଚ୍ଛ, ପରିଷ୍କାର ରଖିବା, ଗରୀବମାନଙ୍କୁ ସହଯୋଗ କରିବା ଆଦି ଛୋଟ ଛୋଟ ପ୍ରୟାସ କରି ଗାନ୍ଧୀ ଜୀଙ୍କ ଆଦର୍ଶ କୁ ଅନୁସରଣ କରି ପାରିବା । ସେହିପରି ଗାନ୍ଧିଜୀଙ୍କ ଅଂହିସା, ସତ୍ୟ ଓ ଶାନ୍ତି ମାର୍ଗରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପ୍ରମିଳା ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସରୋଜ ଦାସ ଓ ଲାଲୁ ତୁଷାର ପାଣି ଉପସ୍ଥିତ ରହି ସର୍ବଧର୍ମ ପ୍ରାର୍ଥନା କରିଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ ବୈଷ୍ଣବ ଜନତୋ ଓ ରଘୁବତି ରାଘବ ରାଜାରାମ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ, ମନସ୍ୱୀ ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ସସ୍ମିତା ସ୍ୱାଇଁ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ। ଏହି ଦିବସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱଚ୍ଛତା ଦିବସ ପାଳନ କରାଯାଇଛି। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅଧିନରେ ସର୍ବଶ୍ରେଷ୍ଠ ଏମବିକେ, ସିଆରପି, ବିପିଏମ୍ ଙ୍କ ସମେତ ବିଡିଓଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

# ସମବାୟ ଆନ୍ଦୋଳନର ସୁଫଳ ତୃଣମୂଳ ସ୍ତରରେ ପହଁଚାଇବାକୁ ଆହ୍ୱାନ

କେନ୍ଦ୍ରାପଡା, ୦୨/୧୦ (ନି.ପ୍ର): -ରାଜ୍ୟ ତଥା ଦେଶେର ସମବାୟ ଅାେନ୍ଦାଳନ ର ସୁଫଳ ତୃଣମୂଳ ସ୍ତରେର ପହଁଚାଇବାକୁ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପେରଟିଭ ସୋସାଇଟ ର ବାର୍ଷିକ ଅଧେିବଶନ ରେ ପ୍ରତିଷ୍ଠାତା ସଭାପତି ପ୍ରେମାଦ କୁମାର ସାହୁ ଆହ୍ୱାନ ଦେଇଛନ୍ତି । କେନ୍ଦ୍ରାପଡା ର ଇଚ୍ଛାପୁର ସ୍ଥିତ ଯାତ୍ରୀ ନିବାସ ପରିସରେର ୨୨ତମ ବାର୍ଷିକ ଅଧେିବଶନ ରେ ମୁଖ୍ୟ ଅତିଥି ଭାେବ ଯୋଗ ଦେଇ ଶ୍ରୀ ସାହୁ ମତବ୍ୟକ୍ତ କରିଥେିଲ । ପ୍ରତି ପରିବାର ର ସଦସ୍ୟ, ସଦସ୍ୟା ମାେନ ସମବାୟ ଅାେନ୍ଦାଳନ ରେ ଜଡିତ ହେେଲ ସୁଫଳ ପାଇପାରିବେ । ତଳ ସ୍ତରର ଗରିବ, ଖଟିଖିଆ ଓ େମହନତି ମଣିଷ ଆର୍ଥିକ ସ୍ଥିତିରୁ ମୁକ୍ତି ପାଇବା ପାଇଁ ସମବାୟ ଅାେନ୍ଦାଳନ ସେହଯାଗ ଦେବା ଆବଶ୍ୟକ । ଚଳିତ ଆର୍ଥିକ ବର୍ଷ ପାଇଁ ନୂତନ ସଭ୍ୟ ସଂଗ୍ରହ, ଜମା ସଂଗ୍ରହ ଓ ଋଣ ଲଗାଣ ଓ ଆଦାୟ ସଂପକର୍ରେ ଅଧିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମହିଳା ମାନଙ୍କ ପାଇଁ ତୁଳସୀ ଜମା ଯୋଜନା ଲାଗୁ କରାଯାଇଛି ।

## ବେଳାଭୂମି ସଫେଇ ଓ ସଚେତନତା କାର୍ଯ୍ୟକ୍ରମ

ପୁରୀ, ୦୨/୧୦ (ନି.ପ୍ର): ପବିତ୍ର ଗାନ୍ଧି ଜୟନ୍ତୀ ଅବସରରେ ସକାଳ ୮ଘ ସମୟରେ ପୁରୀ ଦିଗବାରେଣି ସମୁଦ୍ର କୂଳରେ ନେହରୁ ଯୁବ କେନ୍ଦ୍ର, ପୁରୀ ଦ୍ୱାରା ଏକ ବେଳାଭୂମି ସଫେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡାକ୍ତର ସମ୍ବିତ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଗାନ୍ଧିଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ତାକା ଦେଖାଇ ଉଦ୍ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିବାଜୀ ମୁରଲୀଧର ଖରାତ ନେହେରୁ ଯୁବ କେନ୍ଦ୍ର ରାଜ୍ୟ ନିର୍ଦ୍ଦେଶକ, ଓଡିଶା , ମନିସ କିଶାନ ଉ ସଚିବ କ୍ରୀଡା ଓ ଯୁବସେବା ଭାରତ ସରକାର, ଡକ୍ଟର ହରପ୍ରିୟା ଦାଶ ପ୍ରିନ୍ସିପାଲ ଶ୍ରୀ ଜଗନ୍ନାଥ ବେଦ କର୍ମକାଣ୍ଡ ପୁରୀ,ଜୟନ୍ତ ଷଡଙ୍ଗୀ ପୂର୍ବତନ ବିଧାୟକ , ପୁରୀ ଜିଲା ଯୁବସଂଯୋଯକ ଏବଂ ଅଶୋକ କୁମାର ବେହେରା ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ପ୍ରଭୁତି ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅଫିସ ଏନଏସଏସ ସମେତ ସାମାଜିକ ଅନୁଷ୍ଠାନ ଟ୍ରେକିଂ କ୍ଲବ ପୁରୀ, ମିଶନ ଓଡିଶା, ମାର୍ସ ଓଡ଼ିଶା , ହାପିନେସ ଫାଉଣ୍ଡେସନ ଓ ଗୋପିନାଥ ସେବା ପରିଷଦରେ ୩୦୦ ସ୍ୱେଚ୍ଛାସେବୀ ଯୋଗଦାନ କରି ସଫେଇ କାର୍ଯ୍ୟକ୍ରମ କରିଥିଲେ।

# ସିଭିଲ କନେଷ୍ଟବଲ ମାନଙ୍କ ପ୍ରଥମ ବ୍ୟାଚ୍ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ସମ୍ବଲପୁର , ୦୨/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବସନ୍ତପୁର ସ୍ଥିତ ପ୍ରାଥମିକ ପ୍ରଶିକ୍ଷଣ ଅନୁଷ୍ଠାନ ବୁର୍ଲା ପରିସରରେ ପ୍ରଶିକ୍ଷଣ ଅନୁଷ୍ଠାନର କମାଣ୍ଡାଂଟ ଲକ୍ଷ୍ମଣ ସିଂଙ୍କ ଅଧ୍ୟକ୍ଷତାରେ ସିଭିଲ କନେଷ୍ଟବଲ ମାନଙ୍କ ପ୍ରଥମ ବ୍ୟାଚ୍ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବସନ୍ତପୁର ସ୍ଥିତ ସିଆରପିଏଫ ଗ୍ରୁପ କେନ୍ଦ୍ର ସମ୍ବଲପୁରର ଉପ ମହାନିରିକ୍ଷକ ସଞ୍ଜୟ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିବା ପ୍ରଶିକ୍ଷକ୍ଷର୍ଥି ମାନଙ୍କୁ ପୁରସ୍କୃତ କରିଥିଲେ । ଶ୍ରୀ ସିଂ ନିଜ ଅଭିଭାଷଣରେ ଶିକ୍ଷ୍ୟାର୍ଥି ମାନଙ୍କୁ ଦେଶ ଓ ମାତୃଭୂମିର ସେବାରେ ନିଜର ଜୀବନକୁ ଉତ୍ସର୍ଗ କରି ପୋଲିସର ମାନ ବର୍ଦ୍ଧନ କରିବା ସହିତ ଶୃଙ୍ଖଳିତ, ଅନୁଶାସନ ଓ ଅଖଣ୍ଡତା ବଜାୟ ରଖି ତମେ ନିଜକୁ ଗର୍ବିତ କରିବା ପାଇଁ କହିଥିଲେ ଓ ସମସ୍ତ ଶିକ୍ଷାର୍ଥୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ସମାରୋହ ଅବସରରେ ଶିକ୍ଷ୍ୟାର୍ଥି ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।ଏହି ଅବସରରେ ଓଡ଼ିଶା ପୋଲିସ, କମାନଡେଂଟ ଦେବଗଡ଼ ଶ୍ରୀପ୍ରସାଦ ତମାଙ୍ଗ , ଝାରସୁଗୁଡ଼ା କମାନଣ୍ଡାଂଟ ଭବାନୀ ସେଠି ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ । କ୍ଷଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଟ୍ରେନିଂ କୋଅର୍ଡିନେଟର ତଥା ଆସିଷ୍ଟାଂଟ କମାନଣ୍ଡାଂଟ ସୁବାସ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୯୪ଜଣ ଶିକ୍ଷ୍ୟାର୍ଥି ପ୍ରାଥମିକ ପ୍ରଶିକ୍ଷଣ ଅନୁଷ୍ଠାନ ବୁର୍ଲାରୁ ପ୍ରଶିକ୍ଷଣ ତାଲିମ ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷଣ ୧୯/୬/୨୦୨୪ ରୁ ଆରମ୍ଭ ହୋଇ ୧/ ୧୦/୨୦୨୪ ରେ ଶେଷ ହୋଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୬୦ ଜଣ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ପ୍ରଶିକ୍ଷକ ନିୟୋଜିତ ହୋଇ ତାଲିମ ପ୍ରଦାନ କରିଥିଲେ । ଶୀକ୍ଷ୍ୟାର୍ଥି ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଅନୁଷ୍ଠାନ ର ସମସ୍ତ ପଦାଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ଡେପୁଟି କମାଣ୍ଡାଂଟ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ମା’ ସୁରାଦେଇ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

କନ୍ଧମାଳ, ୦୨/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକର ମା ସୁରାଦେଇ ଫ୍ରେଣ୍ଡସ୍ କ୍ଲବ କ୍ଷରୁସଭାପତି ବିମଳ ମଲ୍ଲିକଙ୍କ ନେତୃତ୍ୱରେ ଏବଂ ଡଃ ସୂର୍ଯ୍ୟ ନାରାୟଣ ବେହେରାଙ୍କ ପରିଚାଳନାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଉମା ଚରଣ ମଲ୍ଲିକ ଯୋଗ ଦେଇଥିଲେ। ଆଜିର ଏହି ପବିତ୍ର ଦିନରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଭାରତର ତୃତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଓ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ଆଦର୍ଶ ଓ ଗୁଣାବଳୀକୁ ମନେ ପକାଇବା ପାଇଁ ଏହି ଦୁଇ ନେତାଙ୍କ ଜନ୍ମ ବାର୍ଷିକୀ ପାଳନ ପାଇଁ ଗାନ୍ଧୀ ଜୟନ୍ତୀ ଏବଂ ଲାଲ ବାହାଦୂର ଶାସ୍ତ୍ରୀ ଜୟନ୍ତୀ ପ୍ରତିବର୍ଷ ଅକ୍ଟୋବର ୨ରେ ପାଳନ କରାଯାଏ। ମହାତ୍ମା ଗାନ୍ଧୀ ଜାତିର ପିତା ଭାବରେ ଜଣାଶୁଣା ଗାନ୍ଧୀ ବ୍ରିଟିଶ ଶାସନରୁ ସ୍ୱାଧୀନତା ସଂଗ୍ରାମରେ ଭାରତର ଅଗ୍ରଣୀ ଥିଲେ। ତାଙ୍କର ଅହିଂସା ପ୍ରତିରୋଧ, ସ୍ୱଚ୍ଛତା ରକ୍ଷା କରିବା, କିମ୍ବା ସତ୍ୟାଗ୍ରହ , ବିଭିନ୍ନ ପୃଷ୍ଠଭୂମିରୁ ଲୋକଙ୍କୁ ଏକତ୍ର କରିଥିଲେ । ସେହିପରି ପୁଣ୍ୟାତ୍ମାଙ୍କ ଜନ୍ମତିଥିରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରଶସଂନୀୟ ବୋଲି କହିବା ସଙ୍ଗେ ସଙ୍ଗେ ମା ସୁରା ଦେଇ ଫ୍ରେଣ୍ଡସ କ୍ଲବକୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଜେନା ଯୋଗ ଦେଇ ପ୍ରତି ବର୍ଷ ଏପରି କାର୍ଯ୍ୟକ୍ରମ କରିବା ଉଚିତ୍ ଯାହାଦ୍ୱାରା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଉର୍ବଶୀ ଦିଗାଲ, ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର,ଅନ୍ୟତମ ସ୍ୱତନ୍ତ୍ର ଅତିଥି ବରିଷ୍ଠ ସାମ୍ବାଦିକ ସୁନୀଲ ବିଶ୍ୱାଳ,ଆଦିତ୍ୟ ପ୍ରସାଦ ତ୍ରିପାଠୀ ଆର ଆଇ ଜୟନ୍ତ ସାହୁ,କଳାକାର ଜଳନ୍ଧର ବେହେରା ସାମ୍ବାଦିକ ବଳଦେବ ବେହେରା, ଗୌର ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ ।

# ମାଇ ଭାରତ ଫୁଲବାଣୀ ପକ୍ଷରୁ ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମ

କନ୍ଧମାଳ , ୦୨/୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାରର କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାରଙ୍କ ଫୁଲବାଣୀ ଶାଖା ମାଇ ଭାରତ ତରଫରୁ ଗାନ୍ଧୀ ଜୟନ୍ତୀ, ଖଜୁରୀପଡା ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ରିଚାଳନା କମିଟି ଅଧକ୍ଷ ଖଜୁରୀପଡାର ଅଜୟ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଖଜୁରୀପଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅରୂ କୁମାର ବେହେରା, ଖେଳ ଶିକ୍ଷକ ରଙ୍କନିଧି ବେହେରା, କୈଳାସ ଚନ୍ଦ୍ର ତ୍ରିପାଠୀ, ରାମ ଚନ୍ଦ୍ର ଦାଶ, ହରିବନ୍ଧୁ ପଣ୍ଡା ଏବଂ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ମିନି କହଁର, କଲ୍ୟାଣୀ କହଁର , ରଚିତା ରାଣୀ ସାହାଣୀ, ଗୋବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦିବସରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ପଦ ଯାତ୍ରା, କୁଇଜ ହୋଇଥିଲା । କୁଇଜରେ ପ୍ରଥମ ବିକାଶ ଦାଶ, ଦ୍ୱିତୀୟ ସୌମ୍ୟଶ୍ରୀ ବେହେରା, ଏବଂ ତୃତୀୟ ସ୍ଥାନ ଜ୍ୟୋସ୍ନା କହଁର ହାସଲ କରିଥିଲେ । ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ବୈଠକରେ ମାଇ ଭାରତ ଫୁଲବାଣୀର ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି ସମ୍ମାନିତ ଅତିଥି ଓ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ଖଜୁରୀପଡା ହାଇସ୍କୁଲର ଶିକ୍ଷକ ଜିତେନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଚମ୍ପୁଆ, ୦୨/୧୦ (ନି.ପ୍ର): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ମଂଚାସୀନ ଅତିଥି ମାନେ ମହାପୁରୁଷ ମାନଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଚାର୍ଯ୍ୟ ବସନ୍ତ କୁମାର୍ ମହାନ୍ତ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ରବୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ ମହାତ୍ମାଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଦେଶ ପ୍ରତି ଥିବା ଅବଦାନ ବିଷୟରେ ବର୍ଣ୍ଣନା କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଦାସ ଛାତ୍ରଛାତ୍ରୀ ମାନଙ୍କୁ ମହାପୁରୁଷ ମାନଙ୍କ ପରି ରାଷ୍ଟ୍ରର ସେବା କରିବାକୁ ପ୍ରେରଣା ଦେଇଥିଲେ।

# ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୦୨/୧୦ (ନି.ପ୍ର): ଯୁଯୁମୁରା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ୍ ପ୍ରଶାସନ ଓ ଏଡ୍ ଏଟଆକ୍ସନ ଓ ୟୁନିସେଫ ପକ୍ଷରୁ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେଯୁଯୁମୁରା ସିଡିପିଓ ମିନତୀ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏଡ୍ଏଟ୍ ଆକ୍ସନର ଜିଲ୍ଲା ସଂଯୋଜିକା ସୁନିତା ତ୍ରିପାଠୀ ଯୁଯୁମୁରା ବ୍ଲକରେ ଚିହ୍ନଟ ହୋଇଥିବା ଅସହାୟ ଶିଶୁ ମାନଙ୍କର ତଥ୍ୟ ପ୍ରଦାନ କରିବା ସହ ବିଭିନ୍ନ ଯୋଜନାରେ ଯୋଡ଼ି ଥିବା ଶିଶୁ ମାନଙ୍କର ତଥ୍ୟ ପ୍ରଦାନ କରିଥିଲେ। ଜ୍ୟୋତି ଶତପଥି ବାଲ୍ୟ ବିବାହ ଓ ଶିଶୁ ମାନଙ୍କର ସମସ୍ୟା ଉପରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ପୂର୍ଣ୍ଣିମା ତ୍ରିପାଠୀ ବାଲ୍ୟ ବିବାହ ମୁକ୍ତ ଘୋଷଣାର ନିୟମ ଉପରେ ସୂଚନା ଦେଇଥିଲେ। ଜିଲ୍ଲା ସଂଯୋଜିକା ପି ସି ଏଲ ପ୍ରିୟଙ୍କା ସିଂ ବିଭିନ୍ନ ପଂଚାୟତରେ କାମ କରୁଥିବା ପ୍ରେରଣା କେନ୍ଦ୍ର ଉପରେ ସୂଚନା ଦେଇଥିଲେ ଓ ଶିଶୁ ମାନଙ୍କର ସୁରକ୍ଷା ପାଇଁ କାମ କରି ପାରିବେ ବୋଲି ମତ ରଖିଥିଲେ। ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ମାନଭଞ୍ଜନ ପ୍ରଧାନ ଅଧାରୁ ପାଠ ଛାଡିଥିବା ଶିଶୁ ମାନଙ୍କୁ ଶିକ୍ଷାରେ ସାମିଲ କରିବା ପାଇଁ ସମସ୍ତଙ୍କର ଭୂମିକା ସମ୍ପର୍କ ରେ ମତ ରଖିଥିଲେ । ବାହାମ ସରପଂଚ ସରସ୍ୱତୀ ଭୋସାଗର ଓ କବରାପାଲି ସରପଂଚ ଅନ୍ତର୍ଯ୍ୟାମୀ ପ୍ରଧାନ ଶିଶୁ ମାନଙ୍କର ସୁରକ୍ଷା ପାଇଁ ସମସ୍ତଙ୍କର ଉତ୍ତର ଦାୟିତ୍ୱ ରହିଛି ବୋଲି କହିଥିଲେ । ପ୍ରାଚୀ ସେଠ୍ ଅସୁରକ୍ଷିତ ସ୍ଥାନ ଚିହ୍ନଟ ଉପରେ ହୋଇଥିବା ପ୍ରକ୍ରିୟା ସଂପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ବ୍ଲକର ଜଣେ ସରପଂଚ, ଜଣେ ସମିତି ସଭ୍ୟା, ୨ ଜଣ ଅଙ୍ଗନୱାଡ଼ି କର୍ମୀ ଓ ଜଣେ କିଶୋରୀ ବାଳିକାକୁ ସେମାନଙ୍କର ଶିଶୁ ସୁରକ୍ଷା ଉପରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ସାମୂହିକ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମକୁ ଏଡ୍ଏଟଆକ୍ସନର ବ୍ଲକ ସଂଯୋଜିକା ମିନାକ୍ଷୀ ପ୍ରଧାନ ପରିଚାଳନା କରିଥିଲେ । ଅଙ୍ଗନୱାଡ଼ି , ଆଶା କର୍ମୀ, ସ୍ୱଂୟ ସହାୟକ ଗୋଷ୍ଠୀର ସଦସ୍ୟା, କିଶୋରୀ ବାଳିକା ଓ ନିମନ୍ତ୍ରିତ ସରପଂଚ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ସମାଜ କଲ୍ୟାଣ ବିଭାଗ ସୁପର ଭାଇଜର ରେଣୁବାଳା ପ୍ରଧାନ ଶେଷରେ ଧନ୍ୟବାଦ ଦେଇଥିଲେ।

# ସୁରକ୍ଷା ଅପେକ୍ଷାରେ ଐତିହ୍ୟ ପଲଟନ କୁଆଁ : ସୁରକ୍ଷା ପାଇଁ ଉଠିଲା ସ୍ୱର

ସମ୍ବଲପୁର , ୦୨/୧୦ (ନି.ପ୍ର): ଆଧୁନିକତାର ଚାକଚକ୍ୟ ରେ ଦିନକୁ ଆମେ ଭୁଲିଯାଉଛୁ ଆମର ଇତିହାସ କୁ, ଇତିହାସ ର ମୂକ ସାକ୍ଷୀ ହୋଇ ପଡି ରହିଯାଇଥିବା ଐତିହ୍ୟକୁ । ବେଳେ ବେଳେ କିଛିଟା ସରକାର କି ପ୍ରଶାସନ ର ନଜର କୁ ଆସିଯାଏ ଏବଂ ତାର ସଂରକ୍ଷଣ କିଛିଟା ପଦକ୍ଷେପ ବି ନିଆହୁଏ । ହେଲେ ରହିଯାଏ ଏହି ପଲଟନ କୁଆ ମାନଙ୍କ ପରି ଅନେକ ଐତିହ୍ୟ, ଯେଉଁ ମାନେ କି ଇତିହାସ ର ପ୍ରକୃତ ମୂକ ସାକ୍ଷୀ । ଏହି ପଲଟନ କୂଅ ମାନେ ନିର୍ମିତ ହୋଇଥିଲା ବ୍ରିଟିଶ ଶାସନ ସମୟରେ, ଯେତେବେଳେ ଏଇ ମାଟିର ସନ୍ତାନ ବୀର ସୁରେନ୍ଦ୍ର ସାଏ ଙ୍କର ନେତୃତ୍ୱରେ ଆନ୍ଦୋଳନ ଜୋରଦାର ଚାଲିଥିଲା । ବୀର ସୁରେନ୍ଦ୍ର ଙ୍କୁ ଗିରଫ କରିବା ଉଦେଶ୍ୟରେ ବ୍ରିଟିଶ ଅଧିକାରୀ ସେପୋୟ ମ୍ୟୁଟିନି ୧୮୫୭ ମସିହାରେ ତାଙ୍କର ସିପାହୀ ମାନଙ୍କୁ ନେଇ ସମ୍ବଲପୁର ରେ କେମ୍ପ କରିଥିଲେ । ପାଖରେ ପାଣିରେ ବ୍ୟବସ୍ଥା ନଥିବା କାରଣରୁ ପେନସନପଡା ଛକ ଜ୍ଲିଲା ସ୍କୁଲ ପାଖରେ ଗୋଟିଏ କୂଅ କରେଇଥିଲେ । ଯାହାକି ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମ ଙ୍କର ପ୍ରତିମୂର୍ତ୍ତି ପାଖରେ ସୁରକ୍ଷିତ ହୋଇ ରହିଯାଇଛି କ୍ଷପରେ ପରେ ଆବଶ୍ୟକ କ୍ରମେ ଆହୁରି ପଲଟନ ର ଆବଶ୍ୟକ ପଡିବାରୁ ବିଭିନ୍ନ ସ୍ଥାନରେ ବ୍ରିଟିଶ କେମ୍ପ କରାଯାଇଥିଲା । ସେମାନଙ୍କର ଆବଶ୍ୟକତା କ୍ରମେ ଭୁତା ପଡା ମସଜିତ ପାଖରେ ଏବଂ ବୁଡାରଜା ଠାରେ ( ସୃଷ୍ଟି ନର୍ସିଙ୍ଗ ହୋମ ପାଖରେ ) ଦୁଇଟି କୁଆଁ କୁଡ଼ାଯାଇଥିଲା ଯାହାକି ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି କ୍ଷବୁଡାରଜା ସୃଷ୍ଟି ନର୍ସିଙ୍ଗ ହୋମ ପାଖରେ ଥିବା କୂଅ ଟିକୁ ସମ୍ପୂର୍ଣ୍ଣ ଭାବେ ଆବର୍ଜନା କୁଣ୍ଡ ଭାବେ ବ୍ୟବହାର କରି ପାଟି ଦିଆଯାଇଥିବା ବେଳେ, ଭୁତାପଡାର ପଲଟନ କୂଅ ଟି ପରିତ୍ୟକ୍ତ ଅବସ୍ଥା ରେ ପଡ଼ିରହିଛି, ବର୍ତ୍ତମାନ ପରିସ୍ଥିତିରେ କୂଅ ଟିକୁ ସମ୍ପୂର୍ଣ୍ଣ ଘେରି ଦେଇ ଦୋକାନ ଘର ନିର୍ମାଣ କରିଦେଇଛନ୍ତି କିଛି ବ୍ୟକ୍ତି । ଏହି ପଲଟନ କୂଅ ଗୁଡିକର ଅବସ୍ଥା ବିଷୟରେ ଅନେକ ଥର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେମିତି କିଛି ସୁଫଳ ନ ମିଳିଥିବା ବେଳେ ପୂର୍ବରୁ ସମ୍ବଲପୁର ରେ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ ଥିବା ରାଇନୁ ସିଂ ଏହି ପୁରାତନ ଐତିହ୍ୟ ପଲଟନ କୂଅ ଗୁଡିକର ସୁରକ୍ଷା ପ୍ରତି ଉଚିତ ପଦକ୍ଷେପ ନେବା ପାଇଁ ଯୋଜନା କରାଯାଉଛି ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ଆଜିଯାଏ କୌଣସି ପଦକ୍ଷେପ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆନଯିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ’ସାଧନା’ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, କେବଳ ବ୍ରିଟିଶ ପଲଟନର ସହ ଏହି କୂଅ ଜଡିତ ନୁହେଁ, ପରବର୍ତ୍ତୀ ଅବସ୍ଥା ରେ ଏହି ପଲଟନ କୂଅ ଗୁଡିକର ପାଣି ସମ୍ବଲପୁରବାସୀ ଙ୍କର ତୃଷ୍ଣା ମେଂଟାଉଥିଲା । ତେଣୁ ଏବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଲଟନ କୂଅ ଗୁଡିକର ସୁରକ୍ଷା ଓ ସଂରକ୍ଷଣ କରିବାର ଆବଶ୍ୟକତା ରହିଛି । ଦେଶର ଅନେକ ରାଜ୍ୟ ପୁରୁଣା ଐତିହ୍ୟ ତଥା କୀର୍ତ୍ତିରାଜି ର ସୁରକ୍ଷା ଓ ସଂରକ୍ଷଣ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ବେଳେ ଏଠି ଏମିତି ଉଦାସୀନତା କାହିଁକି ବୋଲି ଶ୍ରୀ ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି । ଏମିତି ଐତିହାସିକ ଭିତ୍ତିଭୂମି ବିଷୟରେ ଆଗାମୀ ପିଢ଼ି ତଥା ସମସ୍ତେ ଜାଣିବାର ଆବଶ୍ୟକତା ରହିଛି । ତେଣୁ ଏହି ପଲଟନ କୂଅ ପରି ଅନ୍ୟ ଐତିହାସିକ ଭିତ୍ତି ଭୂମି ସୁରକ୍ଷା ପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ପାଖରେ ଶ୍ରୀ ପାଣିଗ୍ରାହୀ ଦାବି ଜଣାଇଛନ୍ତି ।

# ହାତୀ ମିନାରରେ ହାତୀ ଆତଙ୍କ: ହାତୀ ଆକ୍ରମଣରେ ଯୁବକ ଗୁରୁତର

ଚମ୍ପୁଆ, ୦୨/୧୦ (ନି.ପ୍ର): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଜାଲି ଗ୍ରାମରେ ଥିବା ହାତୀ ମିନାରରେ ପଶି ୨୭ ଟିକିଆ ହାତୀ ପଲ ଆତଙ୍କରାଜ ଖେଳାଇ ଥିବାବେଳେ ନିକଟରେ ଥିବା ଚାଷ ଜମି ଦେଖିବାକୁ ଯାଇଥିବା ଜଣେ ଯୁବକ ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ଜଣା ପଡିଛି। ଖବର ଅନୁସାରେ, ଜାଲି ପଂଚାୟତ ଅନ୍ତର୍ଗତ ରେଙ୍ଗାଳବେଡା ଗ୍ରାମର ଯୁବକ ନକୁଳ ନାଏକ (୨୪) ଜାଲି ଜଙ୍ଗଲ ନିକଟସ୍ଥ ତାଙ୍କ ବିଲକୁ ଚାଷଜମି ଦେଖିବାକୁ ଯାଇ ହାତୀ ପଲଙ୍କ ସାମ୍ନାସାମନି ହୋଇ ଯିବାରୁ ହାତୀ ଆକ୍ରମଣର ଶିକାର ହୋଇ ଆହତ ହୋଇଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା ପାଇଁ ଭର୍ତ୍ତି କରି ଥିଲେ, ତେବେ ଯୁବକ ନକୁଳଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣା ପଡିଛି।ଅନ୍ୟପକ୍ଷେ ୨୭ ଟିକିଆ ହାତୀପଲ ଜାଲି ପଂଚାୟତ ଅଂଚଳରେ ଚାଷଜମିରୁ ଧାନ ଫସଲ ଖାଇବା ସହିତ ଚାଷୀଙ୍କ ଧାନ ଫସଲ ମାଡି ଦଳି ନଷ୍ଟ କରୁ ଥିବାବେଳେ ଜାଲି ଠାରେ ଥିବା ହାତୀ ମୀନାରରେ ପଶି ଆତଙ୍କ ଖେଳାଇଛନ୍ତି। ମିନାର ହତାରେ ଲଗା ଯାଇଥିବା ଫଳ ଗଛ ଗୁଡିକୁ ଭାଙ୍ଗିବା ସହିତ ମାଡି ଦଳି ନଷ୍ଟ କରି ଦେଇଥିବା ଦେଖାଯାଇଛି। ଏହି ହାତୀପଲ ଜାଲି ଶାଳ ଜଙ୍ଗଲରେ ଡେରା ପକାଇ ଥିବାବେଳେ ଚାଷ ଜମିରେ ପଶି ଉତ୍ପାତ ଜାରି ରଖି ଥିବାରୁ ଅଂଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ବନ ବିଭାଗ ଜାଲି ଅଂଚଳରୁ ହାତୀ ପଲଙ୍କୁ ତୁରନ୍ତ ଘଉଡ଼ାଇବାକୁ ଦାବୀ କରିଛନ୍ତି।

# ଖାଆନ୍ତୁ ଡାର୍କ ଚକୋଲେଟ୍: ଭଲ ହେବ ବଡ଼ ରୋଗ...ମିଳିବ ଆଶ୍ଚର୍ଯ୍ୟଜନକ ଲାଭ !

ଚକୋଲେଟ୍ କାହାକୁ ବା ଭଲ ଲାଗେନି । ସବୁବେଳେ କିଛି ଭଲ ଆରମ୍ଭ ପାଇଁ କିଛି ମିଠା ବହୁତ ଜରୁରୀ ହୋଇଥାଏ । ତେବେ ଖାଆନ୍ତୁ ଡାର୍କ ଚକୋଲେଟ୍...ଭଲ ହେବ ବଡ଼ ରୋଗ ! ଚକୋଲେଟ୍ କାହାକୁ ବା ଭଲ ଲାଗେନି । ସବୁବେଳେ କିଛି ଭଲ ଆରମ୍ଭ ପାଇଁ କିଛି ମିଠା ବହୁତ ଜରୁରୀ ହୋଇଥାଏ । ଏଥିପାଇଁ ଚକୋଲେଟ୍ ଦିବସରେ ଆପଣ ନିଜ ସାଥୀଙ୍କୁ ଚକୋଲେଟ୍ ଗିଫ୍ଟ କରିପାରିବେ । ଏହି ଦିନ ମାନଙ୍କରେ ଭିନ୍ନ ଭିନ୍ନ ଓ ବହୁତ ସୁନ୍ଦର ପ୍ୟାକିଂରେ ଚକୋଲେଟ୍ ମିଳିଥାଏ । ଆପଣଙ୍କ ସାଥୀଙ୍କୁ ଚକୋଲେଟ୍ ଦେଇ ଆପଣ ତାଙ୍କୁ ଦେଖାଇପାରିବେ ଯେ ତାଙ୍କ ପାଇଁ ଆପଣଙ୍କ ପ୍ରେମ କେତେ ସ୍ୱତନ୍ତ୍ର । ଯଦି ଆପଣ ଚାହାଁନ୍ତି ଆପଣ ଗିଫ୍ଟ ସ୍ୱରୂପ ଆପଣଙ୍କ ସାଥୀଙ୍କୁ ଡାର୍କ ଚକୋଲେଟ୍ ଦେଇପାରିବେ । ହେଲ୍ଥଲାଇନ ଖବର ଅନୁଯାୟୀ ଡାର୍କ ଚକୋଲେଟ୍ ଆମ ସ୍ୱାସ୍ଥ୍ୟ ପାଇଁ ଅନେକ ସକାରାତ୍ମକ ଲାଭ ଦେଇଥାଏ । ଏହା ରକ୍ତରେ ଶର୍କରା ଓ ହୃଦରୋଗ ଭଳି ଗମ୍ଭୀର ରୋଗକୁ ଶରୀରଠାରୁ ଦୂରରେ ରଖେ । କେବଳ ଏତିକି ନୁହେଁ ଏହାକୁ ଖାଇବା ଦ୍ୱାରା ଷ୍ଟ୍ରେସ ମଧ୍ୟ କମିଯାଏ । ଆଜିର ସମୟରେ ଏହାକୁ ଓ୍ୱାର୍କରୁ ହୋମ୍‌ରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ପ୍ରମାଣିତ ହୋଇପାରେ । ଆସନ୍ତୁ ଜାଣିବା ଡାର୍କ ଚକୋଲେଟ୍ ଖାଇ ଆପଣ କେଉଁ ରୋଗରୁ ରକ୍ଷା ପାଇପାରିବେ ।



*ଡାର୍କ ଚକ୍‌ଲେଟ୍ ଖାଇଲେ କଣ ଲାଭ ମିଳେ ?*

*ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରନ୍ତୁ ...*

ରକ୍ତରେ ଶର୍କରା ସ୍ତର ବୃଦ୍ଧି ହେଲେ ଶରୀରରେ ଅନେକ ଗମ୍ଭୀର ରୋଗ ହେବାର ଆଶଙ୍କା ମଧ୍ୟ ବଢ଼ିଥାଏ । ଡାର୍କ ଚକୋଲେଟରେ ଏପରି ଗୁଣ ଅଛି ଯାହା ଶରୀରରେ ରକ୍ତରେ ଶର୍କରା ସ୍ତରକୁ ବଜାୟ ରଖିପାରେ । ଯେଉଁ କାରଣରୁ ଆପଣ ଡାଇବେଟିସ ଭଳି ରୋଗ ହେବା କବଳରୁ ବଞ୍ଚି ପାରିବେ ।

*ହୃଦଘାତକୁ ଦୂରେଇ ପାରିବେ...*

ଡାର୍କ ଚକୋଲେଟରେ କାର୍ଡିଓପ୍ରୋଟେକ୍ଟିଭ୍ ଗୁଣ ରହିଛି । ଏହା ହୃଦୟକୁ ଅନେକ ପ୍ରକାରର ଗମ୍ଭୀର ରୋଗରୁ ରକ୍ଷା କରିଥାଏ । ହୃଦ୍‌ରୋଗରୁ ରକ୍ଷା ପାଇବା ପାଇଁ ଜଣେ ଡାର୍କ ଚକୋଲେଟ୍ ଖାଇପାରିବେ।

*ବାର୍ଦ୍ଧକ୍ୟ ବିରୋଧୀ କାର୍ଯ୍ୟ କରେ...*

ବାର୍ଦ୍ଧକ୍ୟର ପ୍ରଭାବ ହ୍ରାସ କରିବାର ଡାର୍କ ଚକୋଲେଟର ବିଶେଷ ଗୁଣ ଅଛି । ତେଣୁ ଯେଉଁମାନେ ବୃଦ୍ଧାବସ୍ଥାର ପ୍ରଭାବକୁ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ନିଶ୍ଚିତ ଭାବରେ ଡାର୍କ ଚକୋଲେଟ୍ ଖାଇ ପାରିବେ । ଏହା ଏକ ଆଣ୍ଟି-ଏଜିଂ ଉପାଦାନ ଭାବରେ କାର୍ଯ୍ୟ କରେ ।

*ଷ୍ଟ୍ରେସ କମ୍ କରେ...*

ଷ୍ଟ୍ରେସ ହେଉଛି ଏପରି ଏକ ଜିନିଷ ଯାହା ନିଶ୍ଚିତ ଭାବରେ ମଣିଷକୁ ନିଜ ଜୀବନରେ କିଛି ସମୟରେ ବ୍ୟଥିତ କରେ । ଷ୍ଟ୍ରେସ ଅନେକ ଗମ୍ଭୀର ରୋଗର ମୁଖ୍ୟ କାରଣ ବୋଲି ବିଶ୍ୱାସ କରାଯାଏ । ଷ୍ଟ୍ରେସରୁ ରକ୍ଷା ପାଇବା ପାଇଁ ଡାର୍କ ଚକୋଲେଟ୍ ବହୁତ ସାହାଯ୍ୟକାରୀ ହୋଇଥାଏ । ବାସ୍ତବରେ ଡାର୍କ ଚକୋଲେଟରେ ଷ୍ଟ୍ରେସ ହ୍ରାସ କରିବାର ବିଶେଷ ଗୁଣ ରହିଛି ।

*ରକ୍ତଚାପ କମ୍ କରିଥାଏ...*

ବର୍ଦ୍ଧିତ ରକ୍ତଚାପ ଅବସ୍ଥାକୁ ଉଚ୍ଚ ରକ୍ତଚାପ କୁହାଯାଏ । ଯେଉଁମାନଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଥାଏ ସେମାନେ ଡାର୍କ ଚକୋଲେଟ୍ ଖାଇପାରନ୍ତି । ମ୍ୟାଗ୍ନେସିୟମ୍ ଡାର୍କ ଚକୋଲେଟରେ ମିଳିଥାଏ । ଯାହା ରକ୍ତଚାପ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

# ହଳଦୀ-ମହୁକୁ ଏମିତି ଲଗାନ୍ତୁ ମୁହଁରେ: ୫ ମିନିଟ୍‌ରେ ଚମକିବ ଚେହେରା

ସମସ୍ତେ ନିଜ ଚର୍ମରେ ଗ୍ଲୋ ଦେଖିବାକୁ ସ୍ୱପ୍ନ ଦେଖନ୍ତି। ଏନେଇ ସେମାନେ ବିୟୁଟିପାର୍ଲରେ ଯାଇ ହଜାର ହଜାର ଟଙ୍କା ମଧ୍ୟ ଖର୍ଚ୍ଚ କରନ୍ତି। ଏପରି ପରିସ୍ଥିତିରେ, ଆଜି ଆମେ ଆପଣଙ୍କୁ ଏପରି ଏକ ଟିପ୍ସ୍ କହିବାକୁ ଯାଉଛୁ, ଯାହାକୁ ଆପଣ ଘରେ କରି ୫ ମିନିଟ୍‌ରେ ନିଜ ଚେହେରାଙ୍କୁ ଚକ୍‌ଚକ୍ କରିପାରିବେ।

ସେପୁରୁଷ ହୁଅନ୍ତି କି ମହିଳା ସମସ୍ତେ ନିଜ ଚର୍ମରେ ଗ୍ଲୋ ଦେଖିବାକୁ ସ୍ୱପ୍ନ ଦେଖନ୍ତି। ଏନେଇ ସେମାନେ ବିୟୁଟିପାର୍ଲରେ ଯାଇ ହଜାର ହଜାର ଟଙ୍କା ମଧ୍ୟ ଖର୍ଚ୍ଚ କରନ୍ତି। ଏତେ ସବୁ କରିବା ପରେ ମଧ୍ୟ ଫଳ ନ ମିଳିବା ଦେଖାଯାଏ। ଏପରି ପରିସ୍ଥିତିରେ, ଆଜି ଆମେ ଆପଣଙ୍କୁ ଏପରି ଏକ ଟିପ୍ସ୍ କହିବାକୁ ଯାଉଛୁ, ଯାହାକୁ ଆପଣ ଘରେ କରି ୫ ମିନିଟ୍‌ରେ ନିଜ ଚେହେରାଙ୍କୁ ଚକ୍‌ଚକ୍ କରିପାରିବେ।

ଏଥିପାଇଁ ଆପଣଙ୍କୁ କେବଳ ମହୁ, ହଳଦୀ ଏବଂ କଞ୍ଚା କ୍ଷୀର ନେବାକୁ ପଡିବ। ଏସବୁକୁ କିପରି ସଠିକ୍ ଭାବରେ ବ୍ୟବହାର କରାଯିବ ତାହା ଜାଣିବା ଆବଶ୍ୟକ। ଏହି ତିନୋଟି ଜିନିଷ ଏକ ସୁସ୍ଥ ଚର୍ମ ପ୍ରଦାନ କରିବାରେ ଖୁବ୍ ସହାୟକ ହୁଏ ଏବଂ ଆପଣଙ୍କ ରୋଷେଇ ଘରେ ଏସବୁ ମଧ୍ୟ ସହଜରେ ମିଳିଯିବ।



*କିପରି କରିବେ ବ୍ୟବହାର:*

ଏକ ସୁନ୍ଦର ଚେହେରା ପାଇବାକୁ ହେଲେ ଏକ ଚାମଚ ହଳଦୀ ନେବାକୁ ପଡିବ। ତେବେ ଏହି ହଳଦୀ ପ୍ୟାକେଟ୍ ବାଲା ନୁହେଁ, ପେଷା ହୋଇଥିବା ଦରକାର। ଏହା ସହିତ ଗୋଟିଏ ଚାମଚ ଭଲ ମହୁ ଏବଂ ଦୁଇ ଚାମଚ କଞ୍ଚା ଗାଈ କ୍ଷୀର ନେବାକୁ ପଡିବ। ଫୁଟା କ୍ଷୀର ନେବେନି, ନଚେତ୍ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ବର୍ତ୍ତମାନ ଏସବୁକୁ ଭଲ ଭାବରେ ମିଶେଇ ଦିଅନ୍ତୁ।

ଯଦି ଆପଣଙ୍କ ଘରେ କେଶର ଅଛି ତେବେ ଆପଣ କ୍ଷୀରରେ ଏହାକୁ ମଧ୍ୟ ମିଶାଇ ପାରିବେ ଏବଂ ଯଦି ପାଖରେ ନାହିଁ ତେବେ କୌଣସି ଅସୁବିଧା ନାହିଁ। ଏହା ଭଲ ଭାବରେ ମିଶ୍ରଣ କରିବା ପରେ ମୁହଁରେ ଲଗାନ୍ତୁ ଏବଂ ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ଛାଡିଦିଅନ୍ତୁ। ଏହାପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ। ମୁହଁରୁ ଏବେ ଗ୍ଲୋ ବାହାରିବ।

ମନେରଖନ୍ତୁ, ଏହାକୁ ୫ ମିନିଟରୁ ଅଧିକ ସମୟ ରଖିବେ ନାହିଁ, ନଚେତ ମୁହଁ ଅତ୍ୟଧିକ ହଳଦୀ ରଙ୍ଗ ଦେଖାଯିବ ଏବଂ ଚେହେରା ଫିକା ଲାଗିବ।

*ଦାଗହୀନ ଚମକ ଚେହେରା:*

ଏହି ଅଭ୍ୟାସକୁ ଯଦି ସପ୍ତାହରେ ତିନିଥର କରାଯାଏ ତେବେ ମୁହଁ ଦାଗହୀନ ହେବା ସହ ଚମକିବ। ମହୁ ଚର୍ମକୁ କୋମଳ କରିବା ସହ ନରମ ମଧ୍ୟ କରେ। ହଳଦୀ ପ୍ରାକୃତିକ ଚମକ ଦେଇଥାଏ ଏବଂ କଞ୍ଚା କ୍ଷୀର ଚେହେରାକୁ ସଫା କରିଥାଏ ଏବଂ ଦାଗ ଦୂର କରିଥାଏ। ଏହି କାରଣରୁ ଏହି ତିନି ପଦାର୍ଥର ମିଶ୍ରଣ ଚେହେରା ପାଇଁ ଖୁବ ପ୍ରଭାବଶାଳୀ।

# ଘରେ ତିଆରି କରନ୍ତୁ ବରଫି



## ପ୍ରସ୍ତୁତି ପ୍ରଣାଳୀ:

ଏକ ପାତ୍ରକୁ ଗ୍ୟାସ୍‌ରେ ବସାଇ ତାହାକୁ ଗରମ କରନ୍ତୁ। ଏହାପରେ ସେଥିରେ ଗୁଆ ଘିଅ ପକାନ୍ତୁ। ଘିଅ ଗରମ ହେଲେ ସେଥିରେ ସୁଜି ପକାଇ ଧିମା ଆଞ୍ଚରେ ସୁଜିକୁ ଭାଜନ୍ତୁ। ଆସ୍ତେ ଆସ୍ତେ ସୁଜି ହାଲକା ଗୋଲଡେନ କଲର ହେବା ପର୍ଯ୍ୟନ୍ତ ତାହାକୁ ଭାଜନ୍ତୁ। ଏହାପରେ ସେଥିରେ ଚିନି ଓ ପାଣି ପକାଇ ଘାଣ୍ଟନ୍ତୁ। ଏହା ଫୁଟିବା ଆରମ୍ଭ କଲେ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ। ସେଥିରେ କିଛି ମିଲ୍କ ପାଉଡର ପକାଇ ପୂରା ଡ୍ରାଏ ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏକ ଟ୍ରେରେ ଘିଅ ଲଗାଇ ତାହାକୁ ଢାଳି ଦିଅନ୍ତୁ। ଉକ୍ତ ଟ୍ରେରେ ମିଶ୍ରଣକୁ ସେଟ୍ କରି ତାହା ଉପରେ ଡ୍ରାଏ ଫ୍ରୁଟ୍ସ ଦେଇ ସଜାଇ ଦିଅନ୍ତୁ। ଏହାପରେ ତାହାକୁ ପିସ୍ ପିସ୍ କରି କାଟି ଦିଅନ୍ତୁ । ଏହି ମିଶ୍ରଣକୁ ଥଣ୍ଡା ହେବା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଅଧ ଘଣ୍ଟା ପରେ ତାହାକୁ ବାହାର କରି ପରିବାର ସଦସ୍ୟଓ ଅନ୍ୟମାନଙ୍କୁ ଖାଇବାକୁ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ବରଫି।

# ଯୁବକମାନଙ୍କ ପାଖରେ ଏହି ୫ ଗୁଣ ଥିଲେ ଝିଅମାନେ ହୋଇଥାନ୍ତି ପ୍ରଭାବିତ

ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ।

ପ୍ରାୟ ପୁଅମାନେ ସେମାନଙ୍କର ଗର୍ଲଫ୍ରେଣ୍ଡମାନଙ୍କୁ ପ୍ରଭାବିତ କରିବା ପାଇଁ କିଛି ନା କିଛି କରନ୍ତି। ଅନେକ ସମୟରେ କିନ୍ତୁ ଦେଖାଯାଏ ଅନେକ ଯୁବକ ଝିଅମାନଙ୍କୁ ପ୍ରଭାବିତ କରିପାରନ୍ତି ନାହିଁ। କିନ୍ତୁ ଏମିତି ଅନେକ ଯୁବକ ଅଛନ୍ତି ଯେଉଁମାନଙ୍କୁ ଝିଅମାନେ ବହୁତ ପସନ୍ଦ କରନ୍ତି ଏବଂ ସେମାନଙ୍କୁ ନିଜ ବନ୍ଧୁ କରିବାକୁ ଚାହାଁନ୍ତି।

ତେବେ ଏହିସବୁ ଯୁବକମାନଙ୍କ ପାଖରେ ଏମିତି କିଛି ଗୁଣ ଥାଏ ଯାହା ପ୍ରତି ଝିଅମାନେ ଚୁମ୍ବକ ଭଳି ଆକର୍ଷିତ ହୁଅନ୍ତି।

ତେବେ ଏହା ପଛରେ କିଛି ମୁଖ୍ୟ କାରଣ ରହିଛି। ଯଦି ଜଣେ ମୁଖ୍ୟତଃ ପାଞ୍ଚଟି ଜିନିଷ ଉପରେ ଧ୍ୟାନ ଦେବ ସେହି ଯୁବକଙ୍କ ପ୍ରତି ଝିଅମାନେ ପ୍ରଭାବିତ ହେବେ ଏବଂ ସେମାନଙ୍କ ବନ୍ଧୁ କରିବାକୁ ଚାହିଁବେ। ଆସନ୍ତୁ ଏହି ୫ଟି ଗୁଣ ବିଷୟରେ ଜାଣିବା।

ଯୁବକଙ୍କ ୫ ଗୁଣ:

ଝିଅମାନଙ୍କୁ ପ୍ରଭାବିତ କରିବା ପାଇଁ ସର୍ବପ୍ରଥମେ ଯୁବକମାନେ ସେମାନଙ୍କ ଶରୀର ପ୍ରତି ଧ୍ୟାନ ଦେବା ଉଚିତ। ଯେଉଁମାନଙ୍କର ଫିଟ୍ ଶରୀର ଥାଏ ସେମାନେ ପ୍ରାୟତଃ ଖୁବ ଆକର୍ଷଣୀୟ ଦେଖାଯାଆନ୍ତି। ଯେଉଁ ଯୁବକମାନେ ଏକ ଲକ୍ଷ୍ୟ ରଖିଥାନ୍ତି ଏବଂ ସେ ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ସଚ୍ଚୋଟ ରୁହନ୍ତି, ପ୍ରାୟ ଝିଅମାନେ ସେମାନଙ୍କୁ ଅଧିକ ପସନ୍ଦ କରନ୍ତି।

କଥାବାର୍ତ୍ତାର ଶୈଳୀ, କଥାବାର୍ତ୍ତାରେ ଭଦ୍ରତା ଏବଂ ସାମ୍ନା ଲୋକଙ୍କୁ ସମ୍ମାନ ଦେଇ ନିଜର ମତ ପ୍ରକାଶ କରିବା ଭଳି ଗୁଣକୁ ଝିଅମାନେ ଖୁବ ଭଲ ପାଆନ୍ତି।

ସଫା-ସୁତୁରା ଖାଇବା ଏକ ଭଲ ଅଭ୍ୟାସ। ଏହା ନିଜ ଶରୀର ପ୍ରତି ଏକ ସଚେତନତା ଦର୍ଶାଏ। ଏହି ସତର୍କତା ଜଣଙ୍କୁ ଏକ ଆକର୍ଷଣୀୟ ମଣିଷ କରିଥାଏ ଏବଂ ଚେହେରାରେ ଚମକ ଆଣିଥାଏ। ଏହି କାରଣରୁ ଜଣେ ସୁନ୍ଦର ଦେଖାଯାଆନ୍ତି ଏବଂ ଲୋକମାନେ ଆକର୍ଷିତ ହୁଅନ୍ତି।



ଦେଖାଯାଏ ଯେ କ୍ରୀଡା ପ୍ରତି ଆଗ୍ରହୀ ଯୁବକମାନେ କ୍ରୀଡ଼ାରେ ବହୁତ ଭଲ ପ୍ରଦର୍ଶନ କରନ୍ତି। ଏହା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ଝିଅମାନେ ସେମାନଙ୍କ ପ୍ରତି ଅଧିକ ଆଗ୍ରହ ଦେଖାନ୍ତି।

# ତରକାରୀରେ ଅଧିକ ମସଲା ପଡ଼ି ଯାଇଥିଲେ ନଫିଙ୍ଗି କରନ୍ତୁ ଏହି କାମ, ବୃଥା ଯିବନି ପରିଶ୍ରମ

ରାନ୍ଧିବା ଏକ କଳା ଏବଂ ଯେଉଁମାନେ ଭଲ ରୋଷେଇ କରନ୍ତି ସେମାନଙ୍କୁ ସମସ୍ତେ ପ୍ରଶଂସା କରନ୍ତି। ସମସ୍ତେ ଭିନ୍ନ ଭିନ୍ନ ଶୈଳୀରେ ରୋଷେଇ କରନ୍ତି । କିନ୍ତୁ ଅଧିକାଂଶ ଲୋକ ଭାବନ୍ତି ତରକାରୀରେ ଅଧିକ ତେଲ-ମସଲା ପକାଇଲେ ସ୍ୱାଦ ଟିକେ ବଢିଯାଏ। କିନ୍ତୁ ବେଳେ ବେଳେ ଏହି କାରଣରୁ ତରକାରି ଖରାପ ଲାଗିଥାଏ। ଯଦି ତରକାରୀରେ ଅଧିକ ମସଲା ପଡିଯାଉଛି, ତେବେ ନଷ୍ଟ ନକରି ସେହି ତରକାରୀକୁ କିପରି ଖାଇପାରିବେ, ଜାଣନ୍ତୁ ଟିପ୍ସ...

ଦହି: ଦହି ହେଉଛି ଏକ ଉପାଦାନ, ଯାହା ଗ୍ରେଭି ତିଆରିରେ ବହୁଳ ଭାବରେ ବ୍ୟବହୃତ ହୁଏ, ଏହା ଖାଦ୍ୟକୁ ଭଲ ସ୍ୱାଦ ଦେଇଥାଏ ଏବଂ ଆକର୍ଷଣୀୟ କରିଥାଏ। ଯଦି ତରକାରୀରେ ଅଧିକ ମସଲା ପଡିଯାଇଥାଏ ତେବେ ଏଥିରେ ଦହି ମିଶାଇ ସନ୍ତୁଳିତ(ବାଲାନ୍ସ) କରିପାରିବେ। ଦହିରେ ଥଣ୍ଡା ଗୁଣ ଥାଏ, ଯାହା ମସଲାଯୁକ୍ତ ତରକାରୀରେ ମିଶାଇଲେ ଏହାର ମସଲା ଭାଗ କମି ଯାଇଥାଏ।

ପାଳଙ୍ଗ କିମ୍ବା ସବୁଜ ପତ୍ରଯୁକ୍ତ ପନିପରିବା : ଯଦି କୌଣସି ଗ୍ରେଭିରେ ବହୁତ ମସଲା ପଡିଯାଇଥାଏ, ତେବେ ଏଥିରେ ପାଳଙ୍ଗ କିମ୍ବା କୌଣସି ସବୁଜ ପତ୍ରଯୁକ୍ତ ପନିପରିବା ପକାଇପାରିବେ। ଯେକୌଣସି ପତ୍ରଯୁକ୍ତ ପନିପରିବାକୁ ଗ୍ରାଇଣ୍ଡିଂ କରି ତରକାରୀରେ ମିଶାଇବା ଫଳରେ ମସଲା ସନ୍ତୁଳିତ ହୋଇଥାଏ। ଏହା ତରକାରୀରୁ ମସଲାକୁ ଦୂର କରିବା ସହ ଅଧିକ ପୁଷ୍ଟିକର କରିଥାଏ।

କାଜୁ କିମ୍ବା ବାଦାମ : ସାଧାରଣତଃ କାଜୁ କିମ୍ବା ବାଦାମକୁ ମସଲାରେ ମିଶା ଯାଇଥାଏ। ଯଦି ତରକାରୀରେ ଅଧିକ ମସଲା ହୋଇଯାଇଥାଏ, ତେବେ କାଜୁ କିମ୍ବା ବାଦାମ ମିଶାଇ ପାରିବେ। ଏହା ମଧ୍ୟ ତରକାରୀର ଗଠନକୁ ଉନ୍ନତ କରିଥାଏ।

ନଡ଼ିଆ ରସ : ମସଲାକୁ ସନ୍ତୁଳିତ କରିବା ପାଇଁ ନଡ଼ିଆ ରସ ହେଉଛି ସର୍ବୋତ୍ତମ ବିକଳ୍ପ। ଏହାର ମୃଦୁ ମିଠା ସ୍ୱାଦ ତରକାରୀରୁ ମସଲାକୁ ଦୂର କରିବା ସହ ସ୍ୱାଦକୁ ଦ୍ୱିଗୁଣିତ କରିଥାଏ।

ଚିନି : ମସଲାଯୁକ୍ତ ତରକାରୀରେ ଟିକେ ଚିନି ମଧ୍ୟ ମିଶାଇ ପାରିବେ, ଫଳରେ ମସଲା ପରିମାଣ ସନ୍ତୁଳିତ ହୋଇଥାଏ। ତଥାପି, ଚିନିକୁ ଅଳ୍ପ ପରିମାଣରେ ବ୍ୟବହାର କରନ୍ତୁ। କାରଣ ଅଧିକ ଚିନି ତରକାରୀକୁ ମିଠା କରିପାରେ।

ଟମାଟୋ : ଯଦି ତରକାରୀ ଅତ୍ୟଧିକ ମସଲାଯୁକ୍ତ ହୋଇଯାଏ ତେବେ ଏଥିରେ ଟମାଟୋ ପ୍ୟୁରି କିମ୍ବା କଟା ଟମାଟୋ ମିଶାନ୍ତୁ। ଏହା ଫଳରେ ତରକାରୀରେ ମସଲାର ପରିମାଣ ସନ୍ତୁଳିତ ହୋଇଥାଏ।



# ମଧୁମେହରେ ଦୁର୍ବଳତା ଦୂର କରେ ଏହି ସବୁ ଖାଦ୍ୟ

**ମଧୁମେହ ରୋଗୀଙ୍କର ବିଭିନ୍ନ ସମସ୍ୟା ମଧ୍ୟରେ ଆଉ ଏକ ମୁଖ୍ୟ ସମସ୍ୟା ଥାଏ ଦୁର୍ବଳତା। କାରଣ ଜଣେ ମଧୁମେହ ରୋଗୀ ଅଧିକ ଭୋକିଲା ଅନୁଭବ କରନ୍ତି ଏବଂ ସେମାନେ ଖାଇବା ପରେ ମଧ ଦୁର୍ବଳତା ଏବଂ ଥକ୍କା ଦୂର ହୁଏ ନାହିଁ। ଏହାର ମୁଖ୍ୟ କାରଣ ହେଉଛି, ରକ୍ତରେ ଶର୍କରା ବୃଦ୍ଧି ।ରକ୍ତରେ ଶର୍କରା ବୃଦ୍ଧି କାରଣରୁ ଶରୀରର ଶକ୍ତି ହ୍ରାସପାଏ। ମଧୁମେହ ରୋଗୀଙ୍କ ଶରୀରର ଶକ୍ତି ପାଇଁ ଖାଦ୍ୟ ଉପରେ ବିଶେଷ ଧ୍ୟାନ ଦେବା ଉଚିତ୍। କେଉଁ ସବୁ ଖାଦ୍ୟ ଖାଇଲେ ମଧୁମେହ ରୋଗୀଙ୍କ ଦୁର୍ବଳତା ହ୍ରାସପାଏ, ଜାଣନ୍ତୁ...**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ରକ୍ତରେ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଏବଂ ଶରୀରକୁ ଶକ୍ତିଶାଳୀ କରିବା ପାଇଁ ଜଣେ ମଧୁମେହ ରୋଗୀ କମ୍ ଚର୍ବିଯୁକ୍ତ ପ୍ରୋଟିନ୍ ଏବଂ କ୍ୟାଲସିୟମରେ ଭରପୂର ଖାଦ୍ୟ ଗ୍ରହଣ କରିବା ଉଚିତ୍। ଏହା ମାଂସପେଶୀ ଏବଂ ହାଡକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ ଏବଂ ଶରୀରକୁ ଶକ୍ତି ଯୋଗାଇଥାଏ। ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ। ଚିକେନ୍, ଅଣ୍ଡା, ମାଛ ପରି ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଖାଆନ୍ତୁ। ସର୍ବଦା ଧ୍ୟାନ ଦେବେ, ପ୍ରୋଟିନ ଯୁକ୍ତ ଖାଦ୍ୟ ବାଛିବା ବେଳେ ଯେପରି ଅଧିକ ଚର୍ବି ନଥିବା ଖାଦ୍ୟ ବାଛନ୍ତୁ। ତେଣୁ ସର୍ବଦା ସୀମିତ ପରିମାଣର ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ। ମଧୁମେହ ରୋଗୀଙ୍କ ଏନର୍ଜି ପାଇଁ କ୍ୟାଲସିୟମରେ ଭରପୂର ଖାଦ୍ୟ ଖାଇପାରିବେ। ଏଥିପାଇଁ କମ୍ ଚର୍ବି କ୍ଷୀର, ପନିର ଏବଂ କଦଳୀ ଖାଆନ୍ତୁ। ଏହା ଶରୀରକୁ ଉଭୟ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ଯୋଗାଇବ। ସୋୟାବିନରୁ ପ୍ରସ୍ତୁତ ଟୋଫୁ ଖାଇପାରିବେ। ବାଦାମ ଏବଂ ପନିପରିବା- ଜଣେ ମଧୁମେହ ରୋଗୀ ଖାଦ୍ୟରେ ବାଦାମ ଏବଂ ଅଖରୁଟ୍ ଅନ୍ତର୍ଭୁକ୍ତ କରିବା ଉଚିତ୍। ଏହା ଶରୀରକୁ ଭିଟାମିନ୍, କ୍ୟାଲସିୟମ୍ ଏବଂ ସୁସ୍ଥ ଚର୍ବି ଯୋଗାଇଥାଏ। ବ୍ରୋକୋଲି, କାଲେ, ପାଳଙ୍ଗ ଏବଂ କୋବି ଖାଇବା ମଧ୍ୟ ମଧୁମେହରେ ଉପକାରୀ ବୋଲି ବିବେଚନା କରାଯାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମୟ କେତେ ମୂଲ୍ୟବାନ...

ଇଂରାଜୀ ଅଭିଧାନ ହେଉ କିମ୍ବା ଯେକୌଣସି ଭାଷାର ଅଭିଧାନ, ସେଠାରେ ଯଦି ଗୋଟିଏ ପିଢ଼ି କେତେ ବର୍ଷ ବୋଲି ଖୋଜିବେ ସବୁଠି ପାଇବେ ଗୋଟିଏ ଉତ୍ତର: ତିରିଶ ବର୍ଷ। ମାତ୍ର ଏହା ଭିତରେ ପୃଥିବୀ କେତେ ବଦଳି ଗଲାଣି ଜାଣିଛନ୍ତି ? ଆଜି ସେ ବିଷୟରେ ଆଲୋଚନା କରିବା। ପୃଥିବୀର ଉତ୍ପତ୍ତିଠାରୁ ବିବର୍ତ୍ତନର ଆଦ୍ୟସ୍ତର ପର୍ଯ୍ୟନ୍ତ ବିତିଯାଇଥିବ କୋଟି କୋଟି ବର୍ଷ; ମାତ୍ର ତା'ର ହିସାବ ରଖିବାକୁ କେହି ନ ଥିବେ। ସମୟର ଗତି ଯେମିତି ଥିବ ଇଚ୍ଛା ବିରୋଧରେ ଯୋଚା ହୋଇଥିବାର ଏବଂ କେଉଁ ତାଗିଦ କରିବାକୁ ନଥିବା ଶଗଡ଼ର ବଳଦ ପରି ମନ୍ଥର। ମଣିଷର ଆଗମନ ଫଳରେ ପୃଥିବୀରେ ପରିବର୍ତ୍ତନର ବେଗ କ୍ରମେ ବଢ଼ି ଚାଲିଥିବ। ବିଜ୍ଞାନର ଅଭ୍ୟୁଦୟ ଆଣି ଦେଇଥିବ ବେଗର କ୍ରମୋନ୍ନତି। ଯନ୍ତ୍ରର କ୍ରମୋନ୍ନତି ଡାକି ଆଣିଥିବ କ୍ଷିପ୍ରତାର ଏକ ନୂତନ ଜୁଆର। ମଣିଷର କାମରେ ସାହାଯ୍ୟ କରି ଦୁଃଖ ଲାଘବ କରିବା ପାଇଁ ଯଦିଓ ପ୍ରଥମେ ମଣିଷ ଯନ୍ତ୍ରର ଉଦ୍ଭାବନ କରିଥିଲା; ମାତ୍ର ମଣିଷ କାମର ପରିସର ଓ ପରିଭାଷା ବଦଳି ଗଲା ତା'ର ପ୍ରଭାବରେ। ଆଉ କମ୍ପ୍ୟୁଟରର ଉଦ୍ଭାବନ ପରେ ଯେଉଁ ବିପ୍ଳବ ସଂଘଟିତ ହେଲା ତାହା ମଣିଷକୁ କେଉଁ ଆଡ଼କୁ ନେଉଛି? ୧୯୪୭ ବେଳକୁ ପ୍ରଥମ କରି ଡିଜିଟାଲ କମ୍ପ୍ୟୁଟର ଆସିଲା। ତା' ପୂର୍ବରୁ ଯେଉଁମାନେ ଜନ୍ମ ହୋଇଥିଲେ ସେମାନଙ୍କୁ କୁହାଯାଉଥିଲା 'ଟ୍ରେଡିସନାଲିଷ୍ଟ' ବା ସାଧାରଣ ଲୋକ। ସେଇମାନଙ୍କୁ ଏବେ କୁହାଯାଉଛି 'ସାଇଲେଣ୍ଟ ଜେନେରେସନ୍' ବା ନିରବ ପିଢ଼ି। ସେମାନଙ୍କର କିଛି ସୋର୍, ଶବ୍ଦ ଆଉ ନାହିଁ କହିଲେ ଚଳେ। ୧୯୪୬ ରୁ ୧୯୬୪ ଭିତରେ ଯେଉଁ ମାନବ ଶିଶୁ ଧରା ପୃଷ୍ଠକୁ ଆସିଲେ, ସେମାନଙ୍କୁ କୁହାଗଲା 'ବେବି ବୁମର୍ସ'। ୧୯୬୫ ବେଳକୁ ବିଦେଶରେ, ବିଶେଷତଃ ଆମେରିକାରେ କମ୍ପ୍ୟୁଟରର ପ୍ରଚଳନ ଆରମ୍ଭ ହେଲା। ସେହିକ୍ରମରେ ନୂଆ ନୂଆ ଯେଉଁ ଶିଶୁମାନେ ଆସିଲେ ସେହି ପିଢ଼ିକୁ କୁହାଗଲା – 'ଜେନେରେସନ ଏକ୍ସ'। ଅର୍ଥାତ୍ ୧୯୬୫ ରୁ ୧୯୮୦ ଭିତରେ ଜନ୍ମ ନେଇଥିବା ପିଢ଼ି। ୧୯୮୧ ରୁ ୧୯୯୪ ବେଳକୁ କମ୍ପ୍ୟୁଟର କେବଳ ବିଦେଶରେ ସୀମିତ ନ ରହି ସାରା ପୃଥିବୀରେ ନିଜର ଜୟଯାତ୍ରା ଆରମ୍ଭ କଲା ଏବଂ ସେଇ ସମୟର ଅବଧି ଭିତରେ ଯେଉଁମାନେ ଜନ୍ମ ହେଲେ ସେମାନଙ୍କୁ କୁହାଗଲା 'ଜେନେରେସନ ୱାଇ'। ଆଉ ୧୯୯୫ ରୁ ୨୦୧୦ ଭିତରେ ଯେଉଁମାନେ ଜନ୍ମ ନେଲେ ସେମାନେ ହେଲେ 'ଜେନେରେସନ ଜେଡ୍'। ଦୁଇ ହଜାର ଦଶ ବା ତା' ଉତ୍ତାରୁ ଯେଉଁ ପିଲାମାନେ ଜନ୍ମ ହେଉଛନ୍ତି ସେମାନଙ୍କୁ କୁହାଯାଉଛି 'ଜେନେରେସନ ଆଲ୍ଫା'। ଏ ସବୁ ଲେଖିବାର ଉଦ୍ଦେଶ୍ୟ ହେଉଛି ଆଗରୁ ଗୋଟିଏ ପିଢ଼ି ବା ପୁରୁଷ ସମୟ କହିଲେ ଆମେ ୩୦ ବର୍ଷର କାଳଖଣ୍ଡକୁ ବୁଝିଥିଲେ; ମାତ୍ର କମ୍ପ୍ୟୁଟର ଜ୍ଞାନକୌଶଳ ବୃଦ୍ଧି ହେବା ଫଳରେ ଗୋଟିଏ ପିଢ଼ି ପନ୍ଦର ବର୍ଷକୁ ସଂକୁଚିତ ହୋଇଛି। ଆଗକାଳର ପିଲାମାନଙ୍କ ତୁଳନାରେ ଆଜିର ଶିଶୁର କମ୍ପ୍ୟୁଟର ଜ୍ଞାନ ଆହରଣ ଶୀଘ୍ର ହେଉଛି। ଆଜିର ଚିକି ପିଲାଟିଏ ଯେମିତି କମ୍ପ୍ୟୁଟରକୁ ଚଳେଇ ପାରୁଛି, ବୟସ୍କ ଲୋକଙ୍କ ଦ୍ୱାରା ତାହା କରିବା ସମ୍ଭବ ହେଉନାହିଁ। ଗୋଟିଏ ପୁରୁଷ କାଳ ଭିତରେ ମଣିଷ ଯାହା କରିବାକୁ ଚାହୁଁଥିଲା, ତାହା ଏବେ କରିବାକୁ ତା'ର ଅଧା ସମୟ ଦରକାର ବୋଲି କମ୍ପ୍ୟୁଟର ବିଜ୍ଞାନୀଙ୍କର ମତ। ଜୀବନ ଏକ ପ୍ରଖର ଦୌଡ଼ରେ ପରିଣତ ହୋଇ ସାରିଲାଣି। ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ କମ୍ପ୍ୟୁଟର ଏକ ସାଧନ; ମାତ୍ର କମ୍ପ୍ୟୁଟର ବି ବେଳେ ବେଳେ ନିଜେ ଏକ ସମସ୍ୟା ପାଲଟି ଯାଉଛି। ସବୁବେଳେ ନିଜକୁ ଆଧୁନିକ ସ୍ଥିତି ସହିତ ସମତୁଲ କରି ନ ପାରିଲେ ଦୌଡ଼ରେ ଜଣେ ପଛକୁ ରହିଯିବା ଅବଶ୍ୟମ୍ଭାବୀ। ଯେଉଁ ଏଥିପାଇଁ ମାନେ ନିର୍ଦ୍ଦିଷ୍ଟ, ସେମାନେ ସବୁଭାବରେ ମୂଲ୍ୟବାନ। ସେଇଦୃଷ୍ଟିରୁ ଜୀବନ କ୍ଷେତ୍ରରେ ସବୁଠୁ ଦୁର୍ମୂଲ୍ୟ ହେଉଛି ସମୟ। ଥରେ ବିତିଗଲେ ଏହାକୁ ଆଉ ଫେରେଇ ଆଣି ହୁଏନା। ଜୀବନ କିଛି ମୁହୂର୍ତ୍ତର ସମଷ୍ଟି ମାତ୍ର। ବ୍ୟକ୍ତି କେତେବେଳେ ଜାଣିପାରେନା ତା'ର ଜୀବନରେ ଆଉ କେତେ ସମୟ ବାକି ଅଛି। ସମୟକୁ ସ୍ମରଣ କରିବା ପାଇଁ ସତ୍‌କର୍ମ କେବଳ ଗୋଟିଏ ଗୋଟିଏ ସୂଚନା ମାତ୍ର। ତା' ନହେଲେ ଜୀବନ କେବଳ ଜନ୍ମ ଓ ମୃତ୍ୟୁର ଦୁଇଟି ନିର୍ଦ୍ଦିଷ୍ଟ ସୂଚକାଙ୍କରେ ପରିଣତ ହୋଇଯିବ। ଯେଉଁମାନେ ଜୀବନରେ ଉପଯୁକ୍ତ ଭାବରେ ସମୟକୁ ବିନିଯୋଗ କରନ୍ତି ନାହିଁ ସମୟ ସେମାନଙ୍କୁ ଇତିହାସର ଅଳିଆଗଦାରେ ଫିଙ୍ଗିଦିଏ। ସମୟ ଅନୁସାରେ ଗୋଟିଏ ବସ୍ତୁର ମୂଲ୍ୟ ନିର୍ଦ୍ଧାରିତ ହୁଏ। ଯେ ସମ୍ପର୍କରେ ମନୋଜ ଦାସ ତାଙ୍କର ଜୀବନରେ ଏକ ଘଟଣା କହିଛନ୍ତି। କଥାଟି ଏହିପରି – ଥରେ ଗାଳ୍ପିକଙ୍କୁ ଟ୍ରେନ୍‌ରେ ବରୋଦା ଯିବାକୁ ପଡୁଥାଏ ଗୋଟିଏ ସାହିତ୍ୟ ସମାବେଶରେ ଯୋଗଦେବାକୁ। ଆୟୋଜକମାନେ ତାଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ପ୍ରଥମ ଶ୍ରେଣୀ ଟିକେଟ କରେଇଥା'ନ୍ତି। ଭୋରର ବେଳକୁ ଟ୍ରେନ୍ ପହଞ୍ଚିଲା ଷ୍ଟେସନରେ। ତାଙ୍କ ବଗି ନିକଟରେ ପହଞ୍ଚିଥିଲେ ତାଙ୍କୁ ଆଣିବାକୁ ଯାଇଥିବା ଆୟୋଜକଙ୍କ ଭିତରୁ କେତେଜଣ। ଆସିବା ବେଳେ ଯେତେବେଳେ ଟିକେଟ୍ ଦେବାକୁ ଷ୍ଟେସନ ରେଳବାଇ ଅଧିକାରୀ କହିଲେ, ମନୋଜ ବାବୁ ତାଙ୍କର ପେଣ୍ଟ ଓ ସାର୍ଟର ବିଭିନ୍ନ ପକେଟ ଖୋଜିଲେ; ମାତ୍ର ହଠାତ୍ ତାହା ମିଳିଲା ନାହିଁ। ଏତିକି ବେଳେ ଆୟୋଜକମାନେ ନିଜର ପରିଚୟ ଦେବା ସହିତ ଅତିଥିଙ୍କ ପରିଚୟ କରାଇ ଦେଲେ। ତାଙ୍କୁ ସଲ୍ଲଜ ନମସ୍କାର କରି 'ଆପଣ ଯାଆନ୍ତୁ ସାରର' ବୋଲି କହିଲେ ଟିକେଟ ନିରୀକ୍ଷଣକାରୀ। ହୋଟେଲରେ ପହଞ୍ଚି ନିଜର ଜିନିଷ ସଜାଡୁ ସଜାଡୁ ଠାବ କଲେ ତାଙ୍କର ଟିକେଟଟି ଓ ମନେ ମନେ ଲଜ୍ଜିତ ହୋଇଲେ। ତିନିଦିନ ପରେ ତାଙ୍କୁ ପୁନର୍ବାର ଯେତେବେଳେ ଷ୍ଟେସନକୁ ଛାଡ଼ିବାକୁ ଗଲେ ଯେତେବେଳେ ଟିକେଟ ଯାଞ୍ଚ କରୁଥିବା ଅଧିକାରୀଙ୍କୁ ତିନିଦିନ ତଳର ଟିକେଟ୍‌ଟି ଦେଖାଇ ପାରି ନ ଥିବାରୁ ସେଇଟି ଦେଖାଇ କ୍ଷମା ମାଗିଲେ; ମାତ୍ର ତାଙ୍କର ଆଚରଣ ପାଇଁ ସମ୍ପୃକ୍ତ ଅଧିକାରୀ ଥିଲେ ନିର୍ବିକାର। ସେତିକି ବେଳେ ମନୋଜ ବାବୁ କହୁଛନ୍ତି, ନିର୍ଦ୍ଦିଷ୍ଟ ସମୟ ଅନ୍ତେ ତାଙ୍କର ଜିନିଷଟି ପାଲଟି ଯାଇଛି ମୂଲ୍ୟହୀନ।

# ବିପ୍ଳବିନୀ ସରଳା ଦେବୀ

## ବିଶ୍ୱବିଜୟୀ ଦାଶ

ଓଡ଼ିଶାର ଯେଉଁ କେତେଜଣ ମହୀୟସୀ ମହିଳା ସ୍ୱାଧୀନତା ଆନ୍ଦୋଳନ ଓ ସାହିତ୍ୟ ସେବା କ୍ଷେତ୍ରରେ ଅବତୀର୍ଣ୍ଣା ହୋଇ ଆମ ସମାଜକୁ ଦିଗ୍‌ଦର୍ଶନ ଦେବା ସହ ନାରୀସମାଜକୁ ଉପରକୁ ଉଠାଇବା ପାଇଁ ଅହରହ ଉଦ୍ୟମ କରୁଥିଲେ, ସେହି ମହୀୟସୀ ମହିଳା ମାନଙ୍କ ଭିତରୁ ସରଳା ଦେବୀ ଅନ୍ୟତମ।

ସରଳା ଦେବୀ ୧୯୦୪ ମସିହା ଅଗଷ୍ଟ ୧୯ ତାରିଖରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ନରିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସରଳା ଦେବୀ ପିଲାଟି ବେଳୁ ଶାନ୍ତ, ସରଳ, ଦୃଢ଼ମନା ଓ ସ୍ପଷ୍ଟବାଦିନୀ ଥିଲେ।ନିଜର ସାମାଜିକ ଚଳଣି, ଶିକ୍ଷା ଓ ସଂସ୍କାର ସହ କୌଣସି ପ୍ରକାର ଅବହେଳା କରୁନଥିଲେ। ଆଗରୁ ଚଳି ଆସୁଥିବା ପାରମ୍ପରିକ ଜୀବନ ଶୈଳୀ ଅପେକ୍ଷା ସେ ନିଜ ସହଜତାକୁ ନେଇ ଚଳିବା ବେଶି ପସନ୍ଦ କରୁଥିଲେ।ସେ ସମୟର ରୀତି ନୀତି ତାଙ୍କୁ ଭଲ ଲାଗୁନଥିଲା।ନାରୀ ମାନଙ୍କର ଅସହାୟ ଅବସ୍ଥାକୁ ସେ ଖୁବ୍ କମ୍ ବୟସରୁ ବୁଝିପାରିଥିଲେ ପୁରୁଷ ମାନେ ସବୁ ପ୍ରକାର ସୁବିଧା ସୁଯୋଗ ଭୋଗ କରୁଥିବା ବେଳେ, ନାରୀମାନଙ୍କୁ କରାଯାଉଥିବା ଉପେକ୍ଷା ଓ ଅବହେଳା ତାଙ୍କୁ ଖୁବ୍ ବାଧୁଥିଲା।ସେସବୁର ପ୍ରତିକାର ପାଇଁ ସେ ପିଲାବେଳୁ ଚିନ୍ତିତ ଥିଲେ । ସେ ସମୟରେ ସେ ଦିଅଁ ଦେବତା, ପୂଜାପାଠ, ଧର୍ମଶାସ୍ତ୍ର ଓ ଉପବାସ ଆଦିରେ ବିଶ୍ୱାସ କରୁଥିଲେ। ଘରୋଇ ଶିକ୍ଷକଙ୍କଦ୍ୱାରା ସେ ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ।ତଥାପି ଅନ୍ୟାନ୍ୟ ଭାଷା ଜାଣିବା ପାଇଁ ତାଙ୍କର ପ୍ରବଳ ଇଚ୍ଛା ଥିଲା।ବଙ୍ଗଳା ସାହିତ୍ୟକୁ ସେ ବହୁତ୍ ଭଲ ପାଉଥିଲେ।ଖୁବ୍ କମ୍ ଦିନ ମଧ୍ୟରେ ସେ ବହୁତ୍ ବହି ଓ ପତ୍ର ପତ୍ରିକା ପଢ଼ି ଶେଷ କରିଥିଲେ। ନାରୀ କବି କୁନ୍ତଳା କୁମାରୀ ସାବତଙ୍କ ଲିଖିତ ଉପନ୍ୟାସ, କବିତା ଓ ବକ୍ତୃତା ତାଙ୍କୁ ବେଶି ପ୍ରଭାବିତ କରିଥିଲା। ସେବେଠାରୁ ସେ ନାରୀ ମାନଙ୍କ ଭିତରେ ଥିବା ଅଜ୍ଞାନତା ଓ କୁସଂସ୍କାର ଦୂର କରିବା ପାଇଁ ମନେ ମନେ ସଂକଳ୍ପ ନେଇଥିଲେ । ସମାଜରୁ କୁସଂସ୍କାର ଦୂର ନକଲେ ଦେଶର ଉନ୍ନତି ସମ୍ଭବ ନୁହେଁ, ସେ ଏହା ବୁଝିପାରିଥିଲେ । ରବୀନ୍ଦ୍ରନାଥଙ୍କ ଅମୀୟ ବାଣୀ 'ନ ଜାଗିଲେ ସବୁ ଭାରତ ଲଳନା, ଏ ଭାରତ ଆମର ଜାଗେନା' ତାଙ୍କ ପାଇଁ ଚରମ ବାଣୀ ହୋଇସାରିଥିଲା ।ବୟସ ପ୍ରାପ୍ତ ହେଲାରୁ, ଜଗତସିଂହପୁର ଅନ୍ତର୍ଗତ ଚାଟରା ଗ୍ରାମର ଭାଗୀରଥି ମହାପାତ୍ରଙ୍କ ସହିତ ସରଳା ଦେବୀଙ୍କର ବିବାହ ସମ୍ପାଦିତ ହୋଇଥିଲା।

ଅଭିଜାତ ପରିବାରରେ ଜନ୍ମ ହୋଇଥିବା ସରଳା, ଜମିଦାର ପରିବାରକୁ ବୋହୂ ହୋଇ ଯାଇଥିଲେ ମଧ୍ୟ ତାଙ୍କ ମନରେ ଗର୍ବ ନଥିଲା । ସ୍ୱାମୀ ଭାଗିରଥି ମହାପାତ୍ର ଜଣେ ସ୍ୱାଧୀନଚେତା ବ୍ୟକ୍ତି ଥିଲେ।

୧୯୨୦ ମସିହା ଅଗଷ୍ଟ ପହିଲାରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା।ସରକାରୀ କୋର୍ଟ କଚେରୀ ବର୍ଜନ ଏହି ଆନ୍ଦୋଳନରେ ଗୋଟିଏ କାର୍ଯ୍ୟକ୍ରମ ଥିଲା । ଭାଗିରଥି ମହାପାତ୍ର ଅସହଯୋଗ ଆନ୍ଦୋଳନରେ ଯୋଗ ଦେବା ହେତୁ ଓକିଲାତି ଛାଡି ଦେଲେ।ସରଳା ଦେବୀଙ୍କ ଉପରେ ଏହାର ପ୍ରଭାବ ପଡ଼ିଲା।୧୯୨୧ ମସିହା ମାର୍ଚ୍ଚ ମାସରେ ଗାନ୍ଧୀ ଜୀ କଟକ ଆସିଲେ। କଟକ ବାଲୁବଜାର ପାଖରେ ସେ ଗୋଟିଏ ମହିଳା ସଭାରେ ନାରୀ ମାନଙ୍କୁ ସୂତା କାଟି ଖଦି ପିନ୍ଧିବାକୁ, ପରଦା ଛାଡିବାକୁ, ଛୁଆଁ ଅଛୁଆଁ ନମାନିବାକୁ ଉଦ୍‌ବୋଧନ ଦେଲେ। ସେହି ସଭାରେ ସରଳା ଦେବୀ ମଧ୍ୟ ଉପସ୍ଥିତ ଥିଲେ।ସେହିଠାରୁ ସେ ପରଦା ପ୍ରଥାକୁ ବର୍ଜନ କଲେ ଓ ଗାନ୍ଧୀଙ୍କର ଅନ୍ୟ ସମସ୍ତ ନୀତିକୁ ମଧ୍ୟ ଅନୁସରଣ କଲେ।ତା ପରେ ସେ କଂଗ୍ରେସର ସଭ୍ୟା ହେଲେ । ସେତେବେଳେ ସଭ୍ୟପଦ ପାଇଁ ନିୟମ ଥିଲା ଯେ, କଂଗ୍ରେସକୁ ଚାରିଅଣା ପଇସା ଦେଇ ରସିଦ୍ ଖାତାରେ ଦସ୍ତଖତ କରିବାକୁ ପଡିବ ।ଏହି ଦସ୍ତଖତ ବା ଟିପ ଚିହ୍ନ କଂଗ୍ରେସର ସଭ୍ୟ ଭାବରେ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରୁଥିବାର ପ୍ରମାଣ ରୂପେ ଗ୍ରହଣ କରାଯାଉଥିଲା।କାରଣ କଂଗ୍ରେସ ରସିଦ୍ ବହିରେ ଲେଖା ଥିଲା – 'ମୁଁ ଶାନ୍ତି ପୂର୍ଣ୍ଣ ଓ ନ୍ୟାୟ ସଂଗତ ଉପାୟରେ ଭାରତର ସ୍ୱାଧୀନତା ପ୍ରାପ୍ତିରେ ବିଶ୍ୱାସ କରେ ।' ଓଡ଼ିଶାରେ ଅସହଯୋଗ ଆନ୍ଦୋଳନକୁ ଠିକ୍ ଭାବରେ ପରିଚାଳନା କରିବା ପାଇଁ ଗୋପବନ୍ଧୁ ଦାସ ଚାହୁଁଥିଲେ।ସେଥିପାଇଁ ସେ ଗାନ୍ଧୀଜୀଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଥିଲେ ଏବଂ ସେହି ନିମନ୍ତ୍ରଣ ରକ୍ଷା କରି ଗାନ୍ଧିଜୀ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ଓଡ଼ିଶା ଆସିଥିଲେ।ତାଙ୍କ ସହିତ ପତ୍ନୀ କସ୍ତୁରବା ମଧ୍ୟ ଆସିଥିଲେ । ସେମାନଙ୍କ ଆଗମନ ହେତୁ କଟକ କାଠଯୋଡ଼ି ନଦୀ ପଠାରେ ଏକ ବିଶାଳ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଓଡ଼ିଶାର ମହିଳା ମାନେ ବହୁ ସଂଖ୍ୟାରେ ଯୋଗ ଦିଅନ୍ତୁ ବୋଲି ଗାନ୍ଧିଜୀ ଚାହୁଁଥିଲେ। ହେଲେ ସେତେବେଳେ ଏଭଳି ହେବା ସମ୍ଭବ ନଥିଲା।ସରଳା ଦେବୀ କଟକ ସହରର ଗଳିକନ୍ଦି ବୁଲି ମହିଳାମାନଙ୍କୁ ଗାନ୍ଧିଜୀଙ୍କ ସଭାରେ ଯୋଗ ଦେବାପାଇଁ ବୁଝାଇଥିଲେ । ତାଙ୍କର ନିଷ୍ଠା ଓ ଉଦ୍ୟମ ସଫଳ ହୋଇଥିଲା ଓ ସେହି ସଭାରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିଲେ। ଏହି ସଭାରେ ଗାନ୍ଧିଜୀ ହିନ୍ଦୀରେ ଯେଉଁ ଭାଷଣ ଦେଇଥିଲେ, ସରଳା ଦେବୀ ତାକୁ ଓଡ଼ିଆରେ ଅନୁବାଦ କରି ଅନ୍ୟମାନଙ୍କୁ ବୁଝାଉଥିଲେ। ଗାନ୍ଧିଜୀଙ୍କ ଆହ୍ୱାନରେ ବହୁ ମହିଳା ନିଜର ଅଳଙ୍କାର ମାନ ଖୋଲି ସ୍ୱରାଜ ପାଣ୍ଠିକୁ ଦାନ କରିଥିଲେ। ପାଖରେ ଥିବା ସବୁ ଟଙ୍କା ପଇସା ମଧ୍ୟ ଦେଇଦେଇଥିଲେ । ସେମାନଙ୍କ ସହ ସରଳାଦେବୀ ମଧ୍ୟ ନିଜର ସ୍ୱର୍ଣ୍ଣ ଅଳଙ୍କାର ଦାନ କରିବା ସହ ଭବିଷ୍ୟତରେ ଆଉ ଅଳଙ୍କାର ପିନ୍ଧିବେ ନାହିଁ ବୋଲି ଘୋଷଣା କରିଥିଲେ। ସେହିଦିନଠାରୁ ସେ ସ୍ୱରାଜର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବେ ବୋଲି ପଣ କରିଥିଲେ। ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଘୋଷଣା ହେବାପରେ ପ୍ରାଦେଶିକ ସ୍ୱାୟତ୍ତ ଶାସନର ଚଳଣିରେ ଓଡ଼ିଶାରେ କଂଗ୍ରେସ ପକ୍ଷରୁ ବିଧାନ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଠିଆ କରାଯାଇଥିଲା ଏବଂ ସେ ସମୟରେ ସରଳା ଓଡ଼ିଶା ବିଧାନ ସଭା ନିର୍ବାଚନରେ ଭାଗ ନେଇ ବିଧାନ ସଭାକୁ ନିର୍ବାଚିତ ହେଇଥିଲେ । ସେ ଥିଲେ ଓଡ଼ିଶା ବିଧାନ ସଭାରେ ପ୍ରଥମ ମହିଳା ବିଧାୟିକା। ବିଧାନ ସଭାରେ ବାଲ୍ୟ ବିବାହ ଆଇନ ସଂଶୋଧନ ଓ ପୋଇଲି ପ୍ରଥାକୁ ଉଠାଇ ଦେବା ପାଇଁ ବିଭିନ୍ନ ଆଇନ୍ ପ୍ରଣୟନ କରିବାକୁ ବିଲ୍ ଆଗତ କରିଥିଲେ।ସେ ସମାଜରେ ପ୍ରଚଳିତ କୁପ୍ରଥା ବିରୋଧରେ ବିଧାନ ସଭାରେ ମଧ୍ୟ ସ୍ୱର ଉଠାଇଥିଲେ। ବିଧାୟିକା ହେବା ଫଳରେ ଆଇନ୍ ବଳରେ ଏହି ପ୍ରଥାରକୁ ଉଠାଇ ଦେବା ପାଇଁ ସେ ଦୃଢ଼ ପରିକର ହୋଇଥିଲେ। ତାଙ୍କ ଉଦ୍ୟମ ଫଳରେ ଏହି ବିଲ୍ ବିଧାନ ସଭାରେ ଗୃହୀତ ହୋଇଥିଲା।ସେ ବିଧାନ ସଭାରେ ଗୋଟିଏ ଦିନ ବାଚସ୍ପତି ଦାୟିତ୍ୱ ତୁଲାଇଥିଲେ। ବ୍ରିଟିଶ୍ ଆମଳରେ ବିଧାନ ସଭାରେ ସମସ୍ତ କାର୍ଯ୍ୟ ଇଂରାଜୀ ଭାଷାରେ ହେଉଥିବା ବେଳେ, ସରଳା ବାଚସ୍ପତି ଆସନରେ ବସି ସେଦିନର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ନିର୍ଦ୍ଧାରଣ କରିବାର ନିର୍ଦ୍ଦେଶ ଦେଇଥିଲେ।ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରିବାର ପ୍ରୟାସରେ ସେ ଥିଲେ ପ୍ରଥମ ଓ ଅଗ୍ରଗଣ୍ୟ ମହିଳା। ୧୯୪୨–୧୯୫୨ ପର୍ଯ୍ୟନ୍ତ ଦୀର୍ଘ ଦଶବର୍ଷ ଧରି ସେ ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଓ ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।ସେ ସମବାୟ ବ୍ୟାଙ୍କର ପ୍ରଥମ ମହିଳା ନିର୍ଦ୍ଦେଶକ ଥିଲେ।ଓଡ଼ିଆର ଏବଂ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା। ସରଳା ଦେବୀ ସେତେବେଳେ ଗଞ୍ଜାମ ଜିଲ୍ଲାରେ 'ଉଦ୍‌ଯୋଗ ମନ୍ଦିର' ନାମକ ସଂସ୍ଥା ସ୍ଥାପନ କରି ଗ୍ରାମାଞ୍ଚଳରେ ବୁଲି ସତ୍ୟାଗ୍ରହୀ ସଂଗ୍ରହ କରିବାରେ ଲାଗିପଡିଥିଲେ । ତାଙ୍କ ପ୍ରଚେଷ୍ଟାରେ ଶ୍ରୀମତୀ ହେମଲତା ଦେବୀ, ଶୋଭାବତୀ ପଣ୍ଡା ପ୍ରମୁଖ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇଥିଲେ । ବହୁ ପୁରୁଷ ସତ୍ୟାଗ୍ରହୀ ମଧ୍ୟ ଏଥିରେ ରହି ଦଳବଦ୍ଧ ହୋଇ ଲୁଣ ମାରି ଲବଣ ଆଇନ୍ ଭଙ୍ଗ କରିଥିଲେ ଓ ଗିରଫ ହୋଇ ଦଣ୍ଡ ଭୋଗୁଥିଲେ। ଯେତେବେଳେ ସରଳା ଦେବୀ ନିଜେ ଲବଣ ଆଇନ୍ ଭାଙ୍ଗିବାର ଘୋଷଣା କଲେ, ସେତେବେଳେ ସରକାରଙ୍କ ଚେତନା ପଶିଲା।ଦିନେ ସେ 'ମାନ୍ଦ୍ରାଜ୍ ମେଲ୍'ରେ ଯାଉଥିଲେ । ହଠାତ୍ ଏହା ଗୋଟିଏ ନିର୍ଜନ ସ୍ଥାନରେ ଠିଆ ହୋଇଗଲା।କିନ୍ତୁ ଏହି ରେଳଟି ବଡ଼ ବଡ଼ ଷ୍ଟେସନ୍ ଛଡା ଆଉ କୋଉଠି ଅଟକେନାହିଁ।ସେଦିନ ଗାଡି କାହିଁକି ଅଟକିଲା ବୋଲି ଯାତ୍ରୀମାନେ କାରଣ ଖୋଜିବା ବେଳକୁ ଦଳେ ପୋଲିସ୍ ଜଣେ ଯୁବତୀଙ୍କୁ ରେଳରୁ ଓହ୍ଲାଇ, ପୋଲିସ୍ ଗାଡ଼ିରେ ବସାଇ ନେଇଗଲେ। ସେମାନେ ଜାଣିପାରିଲେ ଯେ ସେ ଯୁବତୀ ଜଣକ ସରଳା ଦେବୀ । ବ୍ରିଟିଶ୍ ସରକାରଙ୍କ ଭୟ ଥିଲା କାଳେ ତାଙ୍କୁ ସର୍ବସାଧାରଣରେ ଗିରଫ କଲେ, ସାଧାରଣ ଜନତା ଉତ୍ତେଜିତ ହୋଇଯିବେ ତେଣୁ ସେ ରେଳରେ ଯାତ୍ରା କରୁଥିବା ସମୟରେ ନିଛାଟିଆ ଜାଗାରେ ରେଳ ଅଟକାଇ ତାଙ୍କୁ ଗିରଫ କରିନେଇଥିଲେ। ପରେ ତାଙ୍କୁ ସୁଦୂର ଭେଲୋର୍ ଜେଲ୍ ପଠାଯାଇଥିଲା । ସେ ଥିଲେ କାରାବରଣ କରିଥିବା ଓଡ଼ିଶାର ପ୍ରଥମ ନାରୀ ।୬ ମାସ ପରେ ସେହି ବର୍ଷ ଡିସେମ୍ବର ୮ ତାରିଖ ଦିନ ତାଙ୍କୁ ସେଠାରୁ ଖଲାସ କରାଯାଇଥିଲା । ୧୯୩୦ ମସିହା ଲବଣ ସତ୍ୟାଗ୍ରହ, ନିଶା ନିବାରଣ ଓ ବିଦେଶୀ ପଦାର୍ଥ ବର୍ଜନ ଆନ୍ଦୋଳନ ଖୁବ୍ ପ୍ରବଳ ହେଲା । ଶେଷରେ ବ୍ରିଟିଶ୍ ସରକାର ଉପାୟହୀନ ହୋଇ ୧୯୩୧ ମସିହାରେ ମହାତ୍ମା ଗାନ୍ଧୀଙ୍କ ସହ ସନ୍ଧି କରିଥିଲେ । ଓଡ଼ିଶାରେ ସରଳା ଦେବୀ ଏହିସବୁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ସରଳା ଦେବୀ ଅଳ୍ପ ବୟସରୁ ସାହିତ୍ୟ ଚର୍ଚ୍ଚା ଆରମ୍ଭ କରିଥିଲେ । ସେ ଯୁଗରେ 'ପରିଚାରିକା' ନାମକ ଗୋଟିଏ ମାସିକ ପତ୍ରିକା କିଛି ବର୍ଷ ପ୍ରକାଶିତ ହୋଇଥିଲା । ଶ୍ରୀମତୀ ବସନ୍ତ କୁମାରୀ ଦେବୀ ଏହି ପତ୍ରିକାର ସମ୍ପାଦିକା ଥିଲେ। ସରୋଜିନୀ ଦେବୀ, କୋକିଳ ଦେବୀ, ପ୍ରମିଳା ସୁନ୍ଦରୀ ଦେଇ, ରମା ସୁନ୍ଦରୀ ଦେଇ, କାଞ୍ଚନ ମଣି ଦେଇ ପ୍ରମୁଖ ବହୁ ମହିଳାଙ୍କ ରଚନା ସେହି ପତ୍ରିକାରେ ପ୍ରକାଶିତ ହୋଇଥିଲା । ପକ୍ଷ ୧୩୨୫ରୁ ୧୩୨୭ ମଧ୍ୟରେ ଛପା ହୋଇଥିବା 'ପରିଚାରିକା'ରେ ସରଳା ଦେବୀଙ୍କର ମଧ୍ୟ ବହୁ ରଚନା ଦେଖିବାକୁ ମିଳେ । ସେଗୁଡିକ ଭିତରୁ 'ଧୌର୍ଯ୍ୟଶାଳୀ ସାମ୍ରାଜ୍ଞି – ଶୈବ୍ୟା', 'କଳ୍ପିତ ମୃତ୍ୟୁ' ଓ 'ପ୍ରତୀକ୍ଷା' ଅନ୍ୟତମ । ୧୫ ବର୍ଷ ବୟସରୁ ତାଙ୍କର ଏଭଳି ରଚନାରୁ ତାଙ୍କର ସାହିତ୍ୟିକ ପ୍ରତିଭାର ପରିଚୟ ମିଳିଥିଲା ।ତାଙ୍କ ଭିତରେ ସୃଜନଶୀଳ ସାହିତ୍ୟ ପ୍ରତିଭା ପୂରି ରହିଥିଲା । ଅଳକା ଆଶ୍ରମରୁ ପ୍ରକାଶିତ ହାତଲେଖା 'ଅଳକା' ଠାରୁ ଆରମ୍ଭ କରି 'ସରକାର','ନବ ଭାରତ' ଇତ୍ୟାଦି ଓଡ଼ିଶାର ବିଶିଷ୍ଟ ପତ୍ର ପତ୍ରିକାରେ ତାଙ୍କର ଲେଖାମାନ ପ୍ରକାଶ ପାଉଥିଲା । ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ଉପଲବ୍ଧି କରି ଲୋକ ଶିକ୍ଷା ଉଦ୍ଦେଶ୍ୟରେ ଗାଁ ଲୋକଙ୍କ କଥା, ନାରୀର ଆଇନଗତ ଅଧିକାର ଆଦି ବିଷୟରେ ଛୋଟଛୋଟ ପୁସ୍ତକ ରଚନା କରି ତାହାର ପ୍ରଚାର ପ୍ରସାର କରିଥିଲେ । 'ହିନ୍ଦୁସ୍ତାନ ଗ୍ରନ୍ଥମାଳା' ନାମକ ସଂସ୍ଥା ସ୍ଥାପନ କରି ସେ ତା'ର ସମ୍ପାଦିକା ହୋଇଥିଲେ । ନାରୀର ଆର୍ଥିକ ଅବସ୍ଥା ବିଷୟରେ ତାଙ୍କର ଗବେଷଣା, ଭାଷଣ ଓ ରଚନା ସେତେବେଳେ ସମାଜ ମଧ୍ୟରେ ଏକ ଆଲୋଡନ ସୃଷ୍ଟି କରିଥିଲା । ସେ 'ସବିତା' ନାମକ ଗୋଟିଏ ପତ୍ରିକାର ସମ୍ପାଦନା ସହ ସେଥିରେ ନିଜର ମତାମତ ମଧ୍ୟ ପ୍ରକାଶ କରୁଥିଲେ । ୧୯୩୫ ମସିହାରେ 'ଭାରତୀୟ ମହିଳା ପ୍ରସଙ୍ଗ' ନାମରେ। ତାଙ୍କର ଏକ ପ୍ରବନ୍ଧ ପୁସ୍ତକ ଓ ନାରୀ ଜଗତ ନାମକ ଏକ ପ୍ରବନ୍ଧ ଗ୍ରନ୍ଥ ହିନ୍ଦୁସ୍ତାନ ସାହିତ୍ୟ ମନ୍ଦିର ପ୍ରକାଶ କରିଥିଲା ।ଏଥିରେ ବିଭିନ୍ନ ଦେଶରେ ଦେଖା ଦେଇଥିବା ନାରୀ ଜାଗରଣ ବିଷୟରେ ଆଲୋଚନା କରାଯାଇଥିଲା। ୧୯୫୮ ମସିହାରେ ବିଶ୍ୱ ବିପ୍ଳବୀଣି ନାମକ ତାଙ୍କର ଏକ ପୁସ୍ତକକଟକ ପବ୍ଲିସିଂ ହାଉସ୍ ପ୍ରକାଶ କରିଥିଲା ।ଏଥିରେ ବିଶ୍ୱ ତଥା ଭାରତ ର୍ ବିପ୍ଳବିଣୀ ନାରୀମାନଙ୍କର ଜୀବନ କାହାଣୀ ସଂକ୍ଷେପରେ ପ୍ରକାଶ କରାଯାଇଥିଲା । ଏହାବ୍ୟତୀତ 'ରାୟ ରାମନନ୍ଦ','ସରଳା ମହାଭାରତରେ ନାରୀ ଚରିତ୍ର', ବାସନ୍ତୀ ପ୍ରଭୃତି ଗ୍ରନ୍ଥ ଓ ଉପନ୍ୟାସରେ ବିଶେଷଭାବେ ଅବଦାନ କରିଥିଲେ।

ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କଦ୍ୱାରା ଗଠିତ ନ୍ୟାସନାଲ ପ୍ଲାନିଙ୍ଗ କମିଟି ରେ ସରଳା ଦେବୀ ସଦସ୍ୟା ରହି ଓଡ଼ିଶାର ମଙ୍ଗଳ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ କାର୍ଯ୍ୟକାରୀ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ୧୯୪୧ ମସିହାରେ କଂଗ୍ରେସ ତରଫରୁ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା।ଓଡ଼ିଶାରୁ ଗାନ୍ଧିଜୀ, ସରଳା ଦେବୀଙ୍କୁ ତାହାର ପ୍ରଥମ ସତ୍ୟାଗ୍ରହୀ ରୂପେ ବାଛିଥିଲେ ।ସେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ୬ ମାସ କାଳ କାରାବରଣ କରିଥିଲେ । ୧୯୫୫ ମସିହା ସୀମା ଆନ୍ଦୋଳନ ଓ ୧୯୫୮ ମସିହା ଛାତ୍ର ଆନ୍ଦୋଳନରେ ସେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ । ୧୯୮୬ ମସିହା ଅକ୍ଟୋବର ୪ ତାରିଖ ଦିନ ୮୨ ବର୍ଷ ବୟସରେ ସରଳା ଦେବୀଙ୍କର ପରଲୋକ ହୋଇଥିଲା । ଓଡ଼ିଶାର ନାରୀ ଆନ୍ଦୋଳନର କର୍ଣ୍ଣଧାର, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରେଣ୍ୟ ଲେଖିକା ସରଳା ଦେବୀଙ୍କ ମୃତ୍ୟୁ ଓଡ଼ିଶା ଇତିହାସରେ ବିରାଟ ଦୁର୍ବିପାକ ସଦୃଶ ଲିପିବଦ୍ଧ ହୋଇ ରହିଯାଇଛି।ଏହି ମହୀୟସୀ ମହିଳା ଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ ଶତ ଶତ ପ୍ରଣାମ।

+ସମ୍ପାଦକ, ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା
ପିନ୍ ନଂ – ୭୫୨୦୩୫
ମୋ: ୬୩୭୦୨୦୮୪୨୮

# ଚିଠି ଆସିଛି ଚିଠି

## ପ୍ରଣତି ଆଚାର୍ଯ୍ୟ ମିଶ୍ର

କିଛି ଦିନ ତଳେ ଜନୈକ ସୋସିଆଲ ମିଡିଆରେ ଲେଖିଥିଲେ, ମୋବାଇଲ କିମ୍ବା କମ୍ପ୍ୟୁଟର କିବୋର୍ଡରେ ଟାଇପ କରି ଏବେ ସମସ୍ତ କାର୍ଯ୍ୟ ହୋଇଯାଉଛି, ହେଲେ ମୋର ଅଭ୍ୟାସ ଯୋଗୁଁ କାଗଜ ପୃଷ୍ଠା ରେ ଲେଖିବା ଛାଡି ପାରୁନି। ଏବେ ଚିନ୍ତା କରନ୍ତୁ ଆଜି କିଛି ଲେଖିବା ପାଇଁ ଆମେ କଣ କରୁଛନ୍ତି ? ଆମେ କେତେ ଦିନ, ମାସ କିମ୍ବା ବର୍ଷ ପୂର୍ବେ କଲମ ଧରି କାଗଜରେ କିଛି ଲେଖିଥିଲୁ । ବୋଧହୁଏ ତାରିଖ କାହାର ମନେ ନଥିବ। ଏବେ ଛୋଟ ବଡ଼ ସମସ୍ତ କାମ ମୋବାଇଲରେ। ମେସେଜ ପଠାଇବା, ଆକାଉଣ୍ଟ ତିଆରି କରିବା, ଡାଏରୀ କିମ୍ବା ଚିଠି ଲେଖିବା ପର୍ଯ୍ୟନ୍ତ ସବୁ କିଛି ହାତ ଆଙ୍ଗୁଠିରେ ହୋଇଯାଏ । ଟେକ୍ନୋଲୋଜି ପ୍ରତି ଏଭଳି ନିଶା ଆରମ୍ଭ ହୋଇଥିବା ବେଳେ କଲମ ଓ କାଗଜ କଥା କିଏ ମନେ ରଖିବ ?ଏକ ସମୟ ଥିଲା ଯେତେବେଳେ ପିଲାଙ୍କ ଜନ୍ମ ତାରିଖ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କଥା ମନେ ରଖିବାକୁ ସେସବୁ ନୋଟବୁକରେ କିମ୍ବା ଡାଇରୀ ରେ ଲେଖାଯାଉଥିଲା ।ଆମ ମା ହୁଅନ୍ତୁ କି ଜେଜେମା ସେମାନେ ବିବାହ ଗୀତଠାରୁ ଆରମ୍ଭ କରି ଢଗଢମାଳି, ଗୀତା ଭାଗବତ ପାଟିରେ ପ୍ରାଞ୍ଜଳ ଭାବେ ଶୁଣାଉଥିଲେ , କେହିକେହି ଝିଅମାନେ ଏହାକୁ ଡାଏରୀ, ନୋଟ୍ ବୁକ୍‌ରେ ଲେଖି ରଖୁଥିଲେ। ମୋବାଇଲ୍ ଯୁଗ ଆସିବା ପର୍ଯ୍ୟନ୍ତ ଅନେକ ଲୋକ ନିଜ ଡାଏରୀରେ ଗୀତ, କବିତା, ଗଜଲ, ବଡ଼ ବଡ଼ ଲୋକଙ୍କ କଥା ଓ ନିଜର କିଛି ସଂଗୋପିତ କଥା ଲେଖି ରଖୁଥିଲେ। ନୂଆ ବର୍ଷ ଆସିବା ମାତ୍ରେ କିଶୋର ବୟସର ପିଲାମାନେ ନିଜ ବାପାଙ୍କୁ ଡାଏରୀ ମାଗୁଥିଲେ, ଯାହାଦ୍ୱାରା ସେମାନେ ନୂଆ ବର୍ଷର ନୂଆ ଅନୁଭୂତି ଓ କିଛି ନୂଆଁ ଅନୁଭବ ଡାଏରୀରେ ରଖିପାରିବେ। ଝିଅ ବୋହୂ ମାନେ ଆଚାର ପାପଡ଼ ତିଆରି କରିବାର ପଦ୍ଧତି ଓ ଅନେକ ରୋଷେଇ ଲେଖିଥାନ୍ତି। ଖାଲି ସମୟରେ ଯେତେବେଳେ ପୁରୁଣା ଡାଏରୀର ପୃଷ୍ଠା ଗୁଡ଼ିକ ଓଲଟା ହୁଏ, ଲାଗେ ସତେ ଯେମିତି କିଛି ମୂଲ୍ୟବାନ ଜିନିଷ ଦେଖିବାକୁ ମିଳୁଛି। ବର୍ଷ ବର୍ଷ ପୂର୍ବେ ଯାହା ଲେଖାଥିଲା ତାହାକୁ ପୁନଃ ପଢ଼ିବା ଦ୍ୱାରା ସମାନ ଅନୁଭବ ଫେରିଆସେ । ଡାଏରୀରେ ଅନ୍ୟର କବିତା ଲେଖିବା ଓ ପଢ଼ିବା ବେଳେ ନିଜେ କିଛି ଲେଖିବାକୁ ପ୍ରେରଣା ମିଳେ। କେହି କିଛି ଲେଖନ୍ତୁ ବା ନ ଲେଖନ୍ତୁ, ଚିଠି ନିଶ୍ଚୟ ଲେଖୁଥିଲେ । ସରଳ ଭାଷାରେ ଲେଖାଯାଇଥିବା ଚିଠିଗୁଡ଼ିକ ଯେତିକି ଘନିଷ୍ଠ ସେତିକି ସ୍ୱଦେଶୀ ସଭ୍ୟତା ସଂସ୍କୃତିର ବାହକ ଥିଲା। ଚିଠିରେ ବ୍ୟବହାରିକ ଶବ୍ଦରେ କାହାରିକୁ ମାନନୀୟ, ସମ୍ମାନ, ଶ୍ରଦ୍ଧେୟ, ସ୍ନେହର, ପ୍ରିୟ, ଗୁରୁଜନ ଲଘୁଜନଙ୍କୁ ସମ୍ମାନ ପୁଣି ଶେଷରେ ଇତି ତୁମର ... ଇତ୍ୟାଦି ଶବ୍ଦ ସଂଯୋଜନାରେ ଚିଠିର ଭାଷା ପରକୁ ଆପଣେଇବାର ଭାବ ହିଁ ସୃଷ୍ଟି କରୁଥିଲା। ଚିଠିପଢ଼ାରେ ଶବ୍ଦର ଉଚ୍ଚାରଣ ଶୁଣି ଅପେକ୍ଷାରତ ବ୍ୟକ୍ତିମାନେ କୃତ୍ୟକୃତ୍ୟ ହୋଇପଡୁଥିଲେ। କାହାରି ମୁହଁରେ ପ୍ରଶଂସା ତ କାହାରି ଆଖି ଲୁହଛଳଛଳ ହୋଇପଡୁଥିଲା। ପୁଣି କିଏ ଅଭିମାନରେ ଲାଜେଇ ଯାଉଥିଲା। ତେବେ ଚିଠି କେତେ ନୀରବ ଗୋପନ ପରଶ ଘେନିଆସେ ତାହା ସେଇ ଚିଠିରୁ ହିଁ ଜଣାପଡ଼େ। ଚିଠି ଅତି ଆପଣାର। ଅତି ଗୋପନୀୟ। ଅକ୍ଷରର ପ୍ରତ୍ୟେକ ଶବ୍ଦରେ ଭାବନାର ଅମ୍ବିୟତା ରହିଥିଲା । ଲୋକମାନେ ନିଜ ପ୍ରିୟଜନଙ୍କ ଚିଠିକୁ ସାଇତି ରଖୁଥିଲେ। ମୃତ୍ୟୁ ପରେ ବୃଦ୍ଧଙ୍କ ବକ୍ସ ଖୋଜିବା ପରେ ସେଥିରୁ ଅନେକ ପୋଷ୍ଟ କାର୍ଡ ଅନ୍ତର୍ଦେଶୀୟ ପତ୍ର ବାହାରେ । ବଡ଼ ବଡ଼ ଲୋକଙ୍କ ଚିଠିକୁ ଆଜି ବି ଦେଶର ଐତିହ୍ୟ ଭାବେ ବିବେଚନା କରାଯାଏ। ସେଗୁଡ଼ିକର ଉପଯୁକ୍ତ ଅଧ୍ୟୟନ ଓ ବିଚାର କରାଯାଏ । ଯଦି କୌଣସି ବଡ଼ ବ୍ୟକ୍ତି ସାଧାରଣ ଲୋକଙ୍କୁ ହାତରେ ଚିଠି ଲେଖିଥାନ୍ତି, ତେବେ ସେହି ଚିଠି ତାଙ୍କ ମୂଲ୍ୟବାନ ସମ୍ପତ୍ତିର ଏକ ଅଂଶ ପାଲଟିଯାଏ। ଏହାକୁ ସେ ସାରା ଜୀବନ ସାଇତି ରଖିଥାଆନ୍ତି। ହେଲେ ମେସିନ୍ ଭାଷାରେ, ଜୀବନ୍ତ ଭାବନାର ଅଭାବ ରହିଛି। ଆମେ କେବଳ ଚିଠିର ତଳଭାଗରେ ଥିବା ଦସ୍ତଖତକୁ ଦେଖି ସନ୍ତୁଷ୍ଟ । କାଗଜରେ କଲମରେ ଚିଠି ଲେଖିବାର ଅଭ୍ୟାସ ଏବେ ବିଲୁପ୍ତ ପ୍ରାୟ ।ଉଦୁଉଦିଆ ଖରାବେଳେ ସାଇକେଲ ବେଲକୁ –କ୍ରିଂ..କ୍ରିଂ ବଜାଇ ଡାକବାଲା ଡାକେ ଚିଠି ଆସିଛି ଚିଠି ... ଚିଠି, ଡାକଶୁଣି ଘରୁ ବାହାରିଆସି ଡାକବାଲାଙ୍କ ହାତରୁ ଚିଠିଟିଏ ନେବାବେଳେ ମନରେ ବଢ଼ିଯାଏ ଆବେଗ ଓ ଉତ୍କଣ୍ଠା ।ଏବେ ନା ଅଛି ସେ ସାଇକେଲ୍ ବେଲ୍, ନା ଡାକବାଲା, ନା ସେ ସୁମଧୁର ଡାକ 'ଚିଠି ଆସିଛି ଚିଠି' । ସତ କହିବାକୁ ଗଲେ ଲେଖିବା ଏକ କଳା । ଜରୁରୀ ନୁହେଁ ଯେ ଲେଖିବା ପାଇଁ ଜଣେ ଲେଖକ କିମ୍ବା ଲେଖିକା ହେବା ଦରକାର । ଯେତେବେଳେ ଆମେ କାଗଜରେ କିଛି ଲେଖିଥାଉ, ସେତେବେଳେ ଆମେ ତାହାକୁ ଆମ ସ୍ମୃତିରେ ଗଭୀର ଭାବରେ ଚିହ୍ନିତ କରିଥାଉ। ଲେଖିବା ଆମ ମସ୍ତିଷ୍କକୁ ମଧ୍ୟ ପ୍ରଭାବିତ କରିଥାଏ। ଉଦାହରଣ ସ୍ୱରୂପ, ଲେଖିବା ସମୟରେ ଆମ ର ମସ୍ତିଷ୍କ ଏକାଗ୍ର ହୋଇଥାଏ । ଯେମିତି ଆମେ କଲମ ଓ କାଗଜରେ ଶୃଙ୍ଖଳିତ ଭାବରେ ଲେଖିବାକୁ ବସିଥାଉ, ଠିକ୍ ସେମିତି ଆମ ମନ ମଧ୍ୟ ନିଜ ଭିତରେ ଲେଖାଯାଉଥିବା ଜିନିଷକୁ ସଂଗଠିତ କରେ । ଏକ ପ୍ରକାରରେ ଏହା ଆମ ମସ୍ତିଷ୍କ ପାଇଁ ବ୍ୟାୟାମ ମଧ୍ୟ । ନୂଆ ଜ୍ଞାନକୌଶଳ ଲୋକଙ୍କୁ ଲେଖିବାରୁ ବଞ୍ଚିତ କରୁଛି। ଲେଖିବାରୁ ବିରତି ପାଇ ବା ବିରତି ନେଇ ଆମେ ମଧ୍ୟ ଖୁସି। ଏହି ଛୁଟିର କିଛି ଫାଇଦା ରହିଥିଲେ ବି ଆମେ ଅନେକ କିଛି ହରେଇବାକୁ ବସିଛନ୍ତି। ଲାଗୁଛି ଏହି ଛୁଟି କ୍ରମାଗତ ଭାବରେ ଶିକ୍ଷଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି । ଧୀରେ ଧୀରେ ଆମର ଜ୍ଞାନ ମଧ୍ୟ ଅଚଳ ହେବାରୁ ଲାଗିଛି । କ୍ରମାଗତ ଭାବରେ ଆମର ଜ୍ଞାନର ବିକାଶ କରିବା ପରିବର୍ତ୍ତେ, ଆମେ ଇଣ୍ଟରନେଟ ଉପରେ ନିର୍ଭରଶୀଳ ହୋଇଛୁ। ଏହା ହେଉଛି ସବୁଠାରୁ ବଡ଼ କ୍ଷତି ଯାହା ଘଟିଛି ଏବଂ ଜାରି ରହିଛି । ଲେଖିବା ଦ୍ୱାରା ଆମ ମସ୍ତିଷ୍କର ତୀକ୍ଷ୍ଣତା ବଢ଼ିଥାଏ। ଆମର ବୁଝାମଣାର ପରିସର ବଢିଥାଏ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପଢ଼ିବା ଓ ଲେଖିବା ପ୍ରତି ଆଗ୍ରହ ମଧ୍ୟ ସୃଷ୍ଟି ହୁଏ ।

+ନୟାଗଡ
ମୋ: ୯୪୩୭୬୪୨୯୪୭

## କବିତା କୋଣାର୍କ

### ଲାଞ୍ଚ ଖିଆ ଅସୁର
### ସନ୍ତୋଷ କୁମାର ଅଦାବର

ଏ ଅସୁର ଦିଶେ ଭଦ୍ର ଭଳିଆ
କଥା କହେ ସେ ଭାରି ସୁଆଦିଆ ।
ହସରେ ଥାଏ ତା' ଧିର ଜହର
ଲାଭ ଉଠାଏ ଦେଖିକି ସରଳ ।
ଆଇନ ଭିତରେ ରହିକି ସେଇ
ସତର୍କ ହୋଇକି ଲାଞ୍ଚ ମାଗଇ ।
ସେ ଅସୁର ଠୁ ଏ ଭିନ୍ନ ଅସୁର
ଚତୁର ମତି ଅତି ଭୟଙ୍କର ।
ଅନ୍ୟାୟ ଧନରେ ତା' ଅତି ଗର୍ବ
ଶେଷେ ଧନ ଦ୍ରବ୍ୟ ହରାଏ ସର୍ବ ।
ଲାଞ୍ଚ ଖାଇ ହୁଏ ତା' ମୋଟା ମନ
ନ ଦେଖେ ନ ବୁଝେ ନିରୀହ ଜନ ।
ଆଗରେ ପାଏ ସେ ବହୁ ପ୍ରଶଂସା
ପଛରେ ହୁଅଇ ସେ ଲୋକହସା ।
ଭିଜିଲାନ୍ସ ମାମୁଁଙ୍କ ପଞ୍ଝାରେ ପଡ଼ି
ଜେଲ୍‌ରେ ସମୟ ଯାଏ ତା' ଗଡ଼ି ।

ବୀରମହାରାଜପୁର, ସୁବର୍ଣ୍ଣପୁର

### ମାଆର ପରିଭାଷା
### ଶ୍ରୀକାନ୍ତ ପ୍ରଧାନ



ଦୁନିଆରେ ଅଛି କି ଏମିତି ଭାଷା,
ବୁଝାଇପାରିବ ଯିଏ ମାଆର
ପରିଭାଷା..
ଖୋଜିଆଣ ଦୁନିଆର ସବୁ ଅଭିଧାନ
ଓ ଶବ୍ଦକୋଷ,
ତଥାପି କମ୍ ପଡିବ ଶବ୍ଦ ବଖାଣିବାକୁ
ତା'ର ଯଶ..
ଖଞ୍ଜିଦିଅ ସବୁ ଛନ୍ଦ, ଛାନ୍ଦ, ବୃତ୍ତାଦି
ଅଳଙ୍କାର,
ତଥାପି ଉପେକ୍ଷିତ ହେବ ପଦ
ଦେବାକୁ ଉପମା ତାହାର..
ଦେଖିଦିଅ ବ୍ୟାକରଣ 'ମାଆ' ଏମିତି
ଏକ ବିଶେଷ୍ୟ,
ଯା' ପାଇଁ ତୁଚ୍ଛ ହୁଏ ସମସ୍ତ
ବିଶେଷଣ ଅଶେଷ..
ଆକାଶ ଠାରୁ ବିଶାଳ ହୃଦୟ ଯା'ର,
ମାପି ପାରିବ କି କିଏ ତା'ର
ବିସ୍ତାର..
ସାଗର ଠାରୁ ବଳି ଯା'ର ସ୍ନେହ
ମମତା,
ମାପି ପାରିବ କି କିଏ ତା'ର
ଗଭୀରତା..
ଧରଣୀ ଠାରୁ ଟାଣ ଯା'ର ଦେହ,
ସହିପାରିବ କି କିଏ ତା ପରି କୁହ..
ଲେଖି ପାରିବ କି କବି ବା ଲେଖକ
ମାଆର କଥା,
ବୃଥା ହେବ ସିନା ଶ୍ରମ ଲେଖିଲେ
ଅସରନ୍ତି ଗାଥା..
ସେ ତ ସରବ ସହଣୀ ଶକ୍ତି
ସ୍ୱରୂପିଣୀ,
ତା' ପାଦେ ପଶିଲେ ଶରଣ ଜଗତ
ହୁଏ ଜିଣି..

ବାଣୀଶ୍ରୀ ଉଚ୍ଚ ବିଦ୍ୟାଳୟ,
ଧୁମାଭଟା, ବଲାଙ୍ଗୀର
ମୋ:- ୯୬୬୮୧୫୨୨୮୬

### ପୂର୍ଣ୍ଣତା ଭିତରେ ଶୂନ୍ୟତା
### କୀର୍ତ୍ତନ ସାହୁ



ପରିବାରର ସଶକ୍ତ ବନ୍ଧନ ହିଁ
ଲୁହା ସମ ଶକ୍ତ
ସ୍ନେହ ଶ୍ରଦ୍ଧା ମମତାର
ଏକ ଅଫୁରନ୍ତ ସମାହାର
ପରସ୍ପର ସହ ଜଡି ରହିବାର
ମଧୁର ମୁହୂର୍ତ୍ତ
ଖୁସିର ସମାହାର
ସୁଖ ଦୁଃଖରେ ବାନ୍ଧି ହୋଇ
ରହିବାର ସୁନ୍ଦର ପରିସର
ଲୁହାର ନରମ ହେବାହିଁ
ପରିବାରର ଫାଟ
ପାହାଡରୁ ଖଣ୍ଡେ ଭାଙ୍ଗି
ଖସି ପଡ଼ିବାର ବେଳା
ଚାଳଘର ଛାତରୁ
ଟୋପେ ଟୋପେ ପାଣି
ଖସିବାର ଦୃଶ୍ୟ
ଲୁହା ଉତ୍ତପ୍ତ ହୋଇ
ତରଳି ଯିବା
ଏକ ଅଶାନ୍ତ ବାତାବରଣରେ
ପରିବାର ଉଭା
ପାଣି ଫୁଟି ବାଷ୍ପ ହୋଇଯିବା
ଅସ୍ତବ୍ୟସ୍ତ ରାଗିଣୀ ପକ୍ଷୀର
ହଜି ଯାଇଥିବା
ଅମୂଲ୍ୟ ସମ୍ପଦ
ପୂର୍ଣ୍ଣତା ଭିତରେ ଶୂନ୍ୟତା
ଦେଖା ଦେବାର ବେଳା ।
ଞ୍ଜଞ୍ଜଞ୍ଜ

ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର
ମୋ:୯୪୩୮୪୧୪୭୦୧

# ସ୍ୱପ୍ନ ଦୁଃସ୍ୱପ୍ନ ହୋଇଯାଇଛି: ମାଲୟାଲମ ଅଭିନେତ୍ରୀ



ମାଲୟାଲମ ଇଣ୍ଡଷ୍ଟ୍ରିରେ 'ମି ଠୁ'କୁ ନେଇ ଚାଲିଥିବା ବିବାଦ ମଧ୍ୟରେ ନିଜ କ୍ୟାରିୟର ଏବଂ ହେମା କମିଟି ବାବଦରେ ପ୍ରତିକ୍ରିୟା ରଖିଛନ୍ତି ଅଭିନେତ୍ରୀ ମୀନୁ ମୁନୀର। ଇଣ୍ଡଷ୍ଟ୍ରିରେ ତାଙ୍କ ସ୍ୱପ୍ନ କିପରି ଦୁଃସ୍ୱପ୍ନରେ ପରିଣତ ହୋଇଯାଇଛି ଏବଂ ତାଙ୍କ ଅଭିଯୋଗ କ୍ରମେ କିପରି ବଡ଼ ବଡ଼ ଅଭିନେତା ଏବଂ ନେତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇ ପାରିଛି ସେ ବିଷୟରେ କହିଛନ୍ତି।

ଏକ ଜାତୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୀନୁ ମୁନୀର କହିଛନ୍ତି, 'ମୁଁ ହେମା କମିଟିର ତଦନ୍ତରେ ଖୁବ୍ ସନ୍ତୁଷ୍ଟ। ଜଣେ ବିଧାୟକ ଗିରଫ ହେବା ଛୋଟ କଥା ନୁହେଁ। ହେମା କମିଟି ରିପୋର୍ଟ ପ୍ରକାଶ ପାଇବା ମୋ ପାଇଁ ଖୁବ୍ ଆନନ୍ଦଦାୟକ ଥିଲା। ମୁଖ୍ୟମନ୍ତ୍ରୀ ଯେତେବେଳେ କହିଥିଲେ, ଆମେ ଅଭିଯୋଗ ପାଇବା ମାତ୍ରେ ମାମଲା ରୁଜୁ କରିବୁ, ସେତେବେଳେ ମୁଁ ଭାବି ନେଇଥିଲି କି ମୁଁ ନିଶ୍ଚୟ ଏ ଉପରେ ମୁହଁ ଖୋଲିବି।'

ଫିଲ୍ମ ଇଣ୍ଡଷ୍ଟ୍ରିରେ ତାଙ୍କ କ୍ୟାରିୟରକୁ ମନେ ପକାଇ ସେ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, 'ମୋର ଅନେକ ସ୍ୱପ୍ନ ଥିଲା, କିନ୍ତୁ ଇଣ୍ଡଷ୍ଟ୍ରି ମୋ ପାଇଁ ଦୁଃସ୍ୱପ୍ନ ହୋଇଗଲା। ହେମା କମିଟି ରିପୋର୍ଟ କେବଳ ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ନୁହେଁ, ବରଂ ଆମ ସମାଜ ପାଇଁ ଏକ ସ୍ୱଚ୍ଛତା।'


ସେ ଆହୁରି କହିଛନ୍ତି ଯେ, ତାଙ୍କୁ କମ୍ପ୍ରମାଇଜ କରିବା ପାଇଁ ଅନେକ କଲ୍ ଆସୁଥିଲା। ଏପରିକି ଟଙ୍କା ମଧ୍ୟ ଅଫର୍ ଦିଆ ଯାଉଥିଲା। କିନ୍ତୁ ସେ ଏବେ ଅଜଣା ନଂରୁ କଲ୍ ଆସିଲେ ରିସିଭ୍ କରୁନାହାନ୍ତି।

ପ୍ରକାଶ ଥାଉକି, ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀମାନଙ୍କୁ ଯୌନ ଶୋଷଣ ଦିଆଯାଉଥିବା ନେଇ ଅଭିଯୋଗ ଆସିବା ପରେ କେରଳ ସରକାରଙ୍କ ପକ୍ଷରୁ ହେମା କମିଟି ଗଠନ କରାଯାଇଥିଲା। ଏହି କମିଟି ଜରିଆରେ ଅଭିନେତ୍ରୀମାନେ ଅଭିଯୋଗ ଆଣିଥିଲେ। ଅଭିଯୋଗ ଅନୁସାରେ, ତଦନ୍ତ କରିବା ପରେ ହେମା କମିଟି ରିପୋର୍ଟ ପ୍ରକାଶ କରିଥିଲା।

ଏହି ରିପୋର୍ଟ ଅନୁସାରେ, ଇଣ୍ଡଷ୍ଟ୍ରିରେ ପୂର୍ବରୁ କାମ କରିଥିବା ମୀନୁ ମୁନୀର ସାତ ଜଣ ଲୋକପ୍ରିୟ ଅଭିନେତା ଏବଂ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ ଶାରୀରିକ ନିର୍ଯ୍ୟାତନା ସହ ଅସଭ୍ୟ ଶବ୍ଦ ପ୍ରୟୋଗ କରାଯାଇଥିବା ଅଭିଯୋଗ କରିଥିଲେ। ଏହି ତାଲିକାରେ ଲୋକପ୍ରିୟ ଅଭିନେତା ଜୟସୂର୍ଯ୍ୟା ଏବଂ ନିର୍ଦ୍ଦେଶକ ତଥା ଅଭିନେତା ବାଲାଚନ୍ଦ୍ର ମେନୋନ ମଧ୍ୟ ଅଛନ୍ତି।

୨୦୦୭ରେ ବାଲାଚନ୍ଦ୍ର ତାଙ୍କୁ ଏକ ରୁମରେ ଗ୍ରୁପ୍ ସେକ୍ସ ଦେଖିବାକୁ ବାଧ କରିଥିବା ମୀନୁ ମୁନୀର ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ପୁଲିସ କିଛି ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଅଭିନେତା ତଥା ବିଧାୟକ ମଧ୍ୟ ଅଛନ୍ତି।

# ଅଭିନେତା ଅରୁଣୋଦୟ ସିଂହଙ୍କୁ ଡେଟିଂ କରୁଛନ୍ତି କି ତାରା ସୂତାରିଆ



ତାରା ସୂତାରିଆ ବଲିଉଡର ଜଣେ ଜଣାଶୁଣା ଅଭିନେତ୍ରୀ। କିନ୍ତୁ ବର୍ତ୍ତମାନ ତାଙ୍କ ହାତରେ କାମର ଅଭାବ ଦେଖାଯାଉଛି। ତାଙ୍କ ବୃତ୍ତିଗତ ଜୀବନ ବ୍ୟତୀତ ତାରା ଏବେ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ଅଛନ୍ତି। ପୂର୍ବରୁ ତାରା ତାଙ୍କର ପୂର୍ବ କଥିତ ପ୍ରେମିକ ଆଦର ଜୈନଙ୍କ ବିବାହକୁ ନେଇ ଚର୍ଚ୍ଚାରେ ଥିଲେ। ବର୍ତ୍ତମାନ ତାଙ୍କ ପ୍ରେମକୁ ନେଇ ଆଉ ଏକ ଚର୍ଚ୍ଚା ଆସିଛି। ତାରାଙ୍କ ନାଁକୁ ନେଇ ଅଭିନେତା ଅରୁଣୋଦୟ ସିଂହଙ୍କ ସହ ମଧ୍ୟ ଯୋଡି ଚର୍ଚ୍ଚା ହେବା ଆରମ୍ଭ ହେଲା। ବର୍ତ୍ତମାନ ଅଭିନେତ୍ରୀ ଏହାକୁ ନେଇ ନିଜ ନୀରବତା ଭାଙ୍ଗି ଏହି ଗୁଜବକୁ ଶେଷ କରିଛନ୍ତି। ନିକଟରେ ତାଙ୍କ ଡେଟିଂ ଅଭିନେତା ଅରୁଣୋଦୟ ସିଂହଙ୍କ ଗୁଜବ ଉପରେ ବଲିଉଡ ଅଭିନେତ୍ରୀ ତାରା ସୂତାରିଆ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କିଛି ଦିନ ପୂର୍ବରୁ ଆଲୋଚନା ହେଉଥିଲା ସେ ଅରୁଣୋଦୟ ସିଂହଙ୍କ ସହ ସମ୍ପର୍କରେ ଅଛନ୍ତି। ତେବେ ଦୁହେଁ ସେମାନଙ୍କ ସମ୍ପର୍କକୁ ନେଇ ଅଫିସିଆଲ୍ କରିନାହାଁନ୍ତି ଏବଂ ଡେଟିଂ ଗୁଜବକୁ ନେଇ ତାରା ପ୍ରଥମ ଥର ପାଇଁ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏକ ଆଲୋଚନା ବେଳେ ତାରା ଏହି ଗୁଜବକୁ ଖଣ୍ଡନ କରି କହିଛନ୍ତି ଯେ ସେ 'ସିଙ୍ଗଲ୍'। ଅଭିନେତାଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ତାରା କହିଛନ୍ତି ଯେ "ଅରୁଣୋଦର ମୋର ଜଣେ ଭଲ ବନ୍ଧୁ।" ପୂର୍ବରୁ କୁହାଯାଉଥିଲା ଯେ ତାରା ଅରୁଣୋଦୟଙ୍କୁ ଡେଟ୍ କରୁଛନ୍ତି ଏବଂ ଏହା ମଧ୍ୟ ଦାବି କରିଛନ୍ତି ଯେ ଦୁହେଁ ଦେଢ ବର୍ଷ ହେବ ଏକାଠି ଅଛନ୍ତି। ଏହାପୂର୍ବରୁ ତାରା ରଣବୀର କପୁରଙ୍କ ସମ୍ପର୍କୀୟ ଭାଇ ଆଦର ଜୈନ୍‌ଙ୍କୁ ଡେଟ୍ କରୁଥିବା ଜଣାଯାଇଥିଲା ଏବଂ ଉଭୟ ମଧ୍ୟ ସେମାନଙ୍କ ସମ୍ପର୍କକୁ ଅଫିସିଆଲ କରିଥିଲେ, ଯଦିଓ ଏହି ସମ୍ପର୍କ ବେଶି ଦିନ ରହିଲା ନାହିଁ।


# ନାଗା-ସାମନ୍ଥାଙ୍କ ବିବାହ ବିଚ୍ଛେଦ ପଛରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅଙ୍କ ହାତ!



ଅଭିନେତା ନାଗା ଚୈତନ୍ୟ ଓ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ବିବାହ ବିଚ୍ଛେଦ ପଛରେ ରହିଛି ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ପୁଅ ତଥା ଭାରତ ରାଷ୍ଟ୍ର ସମିତି ନେତା କେଟି ରାମା ରାଓଙ୍କ ହାତ। ଏଭଳି ଦାବି କରିଛନ୍ତି ତେଲଙ୍ଗାନାର ଜଙ୍ଗଲ ମନ୍ତ୍ରୀ କୋଣ୍ଡା ସୁରେଖା। ଆଉ ତାଙ୍କର ଏହି ଦାବି ପରେ ସୃଷ୍ଟି ହୋଇଛି ଝଡ଼। ତାଙ୍କୁ ତୀବ୍ର ସମାଲୋଚନା କରିବା ସହିତ ସେ ଦେଇଥିବା ମନ୍ତବ୍ୟ ତୁରନ୍ତ ପ୍ରତ୍ୟାହାର କରି ନେବାକୁ ଦାବି କରିଛନ୍ତି ନାଗା ଚୈତନ୍ୟଙ୍କ ବାପା ତଥା ଭେଟେରାନ ତେଲୁଗୁ ଅଭିନେତା ନାଗାର୍ଜୁନ।

ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ତେଲଙ୍ଗାନାର ଜଙ୍ଗଲ ମନ୍ତ୍ରୀ କୋଣ୍ଡା ସୁରେଖା ବିଆରଏସ୍ ନେତା କେଟି ରାମା ରାଓଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ, ତାଙ୍କ (କେଟି ରାମା ରାଓ) ପାଇଁ ଅନେକ ଅଭିନେତ୍ରୀ ଫିଲ୍ମ ଇଣ୍ଡଷ୍ଟ୍ରୀ ଛାଡ଼ିଛନ୍ତି ଓ ଶୀଘ୍ର ବାହା ହୋଇପଡ଼ିଛନ୍ତି। କାରଣ କେଟି ରାମା ରାଓ ସେମାନଙ୍କ ବ୍ୟକ୍ତିଗତ ଜୀବନରେ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଥିଲେ। ସେ ସେଲେବ୍ରିଟିମାନଙ୍କ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରୁଥିଲେ ଓ ଡ୍ରଗ୍ ସଂପର୍କିତ ବିବାଦ ଗୁଡ଼ିକରେ ସଂପୃକ୍ତ ଥିଲେ। ଜଙ୍ଗଲ ମନ୍ତ୍ରୀ କୋଣ୍ଡା ସୁରେଖା ଆହୁରି କହିଥିଲେ, କେଟି ରାମା ରାଓ ନିଜେ ଡ୍ରଗ୍ସ ନେଉଥିଲେ। ଅନ୍ୟ ଲୋକଙ୍କୁ ଏଥିରେ ଅଭ୍ୟସ୍ତ କରାଉଥିଲେ। ବିଭିନ୍ନ ସମୟରେ ରେଭ ପାର୍ଟି ଆୟୋଜନ କରୁଥିଲେ। ସେ ଫିଲ୍ମ ଇଣ୍ଡଷ୍ଟ୍ରୀ ସହିତ ଜଡ଼ିତ ଲୋକଙ୍କୁ ମଧ୍ୟ ଡ୍ରଗ୍ସ ସହିତ ଅଭ୍ୟସ୍ତ କରାଇବା ପରେ ସେମାନଙ୍କୁ ବ୍ଲାକ ମେଲ କରୁଥିଲେ। ଏ କଥା ସମସ୍ତେ ଜାଣିଛନ୍ତି। ଅନ୍ୟପକ୍ଷରେ ନାଗା ଚୈତନ୍ୟ ଓ ସାମନ୍ଥାଙ୍କ ବିବାହ ବିଚ୍ଛେଦ ପଛର କାରଣ କେଟି ରାମା ରାଓ ବୋଲି ଜଙ୍ଗଲ ମନ୍ତ୍ରୀ କୋଣ୍ଡା ସୁରେଖା କରିଥିବା ଦାବିକୁ ଦୃଢ଼ ସ୍ୱରରେ ଖଣ୍ଡନ କରିଛନ୍ତି ନାଗାଙ୍କ ବାପା ନାଗାର୍ଜୁନ। ସେ କହିଛନ୍ତି, ମୁଁ ସମ୍ମାନନୀୟ ମନ୍ତ୍ରୀ ଶ୍ରୀମତୀ କୋଣ୍ଡା ସୁରେଖାଙ୍କ ମନ୍ତବ୍ୟକୁ ଦୃଢ଼ ଭାବେ ନିନ୍ଦା କରୁଛି। ବିରୋଧୀମାନଙ୍କୁ ସମାଲୋଚନା କରିବାକୁ ରାଜନୀତିଠାରୁ ଦୂରେଇ ରହୁଥିବା ଫିଲ୍ମ ଷ୍ଟାରମାନଙ୍କ ଜୀବନକୁ ବ୍ୟବହାର କରନ୍ତୁ ନାହିଁ। ଦୟାକରି ଅନ୍ୟ ଲୋକଙ୍କ ବ୍ୟକ୍ତିଗତ ଜୀବନକୁ ସମ୍ମାନ ଦିଅନ୍ତୁ। ସେ ଆହୁରି କହିଛନ୍ତି, ଆପଣ ଜଣେ ମହିଳା ହୋଇ ଓ ଏକ ଦାୟିତ୍ୱବାନ ପଦବୀରେ ଥାଇ ସୁଦ୍ଧା ଆମ ପରିବାର ବିରୋଧରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ଓ ଅଭିଯୋଗ କରିଛନ୍ତି, ତାହା ସଂପୂର୍ଣ୍ଣ ଭାବେ ଭିତ୍ତିହୀନ ଓ ମିଛ। ମୁଁ ଅନୁରୋଧ କରୁଛି, ଆପଣ ତୁରନ୍ତ ଆପଣଙ୍କ ମନ୍ତବ୍ୟ ପ୍ରତ୍ୟାହାର କରି ନିଅନ୍ତୁ। ଏହି ଘଟଣା ନେଇ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ପୁଅ ତଥା ଭାରତ ରାଷ୍ଟ୍ର ସମିତି ନେତା କେଟି ରାମା ରାଓ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ତେବେ ତାଙ୍କ ଦଳର ନେତା ତଥା ପୂର୍ବତନ ମନ୍ତ୍ରୀ ହରିଶ ରାଓ ଥାନ୍ନୀରୁ ଦାବି କରିଛନ୍ତି ଯେ କଂଗ୍ରେସ ନିଃସର୍ତ୍ତ କ୍ଷମା ମାଗୁ। ୨୦୧୭ରେ ନାଗା ଓ ସାମନ୍ଥାଙ୍କ ବିବାହ ହୋଇଥିଲା। ୨୦୨୧ରୁ ସେମାନେ ପରସ୍ପରଠାରୁ ଅଲଗା ହୋଇଥିଲେ। ବିବାହ ବିଚ୍ଛେଦ ପରେ ଗତ ଅଗଷ୍ଟ ମାସରେ ଅଭିନେତ୍ରୀ ଶୋଭିତା ଧୁଲିପାଲାଙ୍କ ସହିତ ନାଗାଙ୍କର ନିର୍ବନ୍ଧ ହୋଇଛି।

# ସେ ଖୁବ୍‌ଶୀଘ୍ର ଆପଣମାନଙ୍କ ପାଇଁ ନଚାନଚି କରିବେ: ଗୋବିନ୍ଦାଙ୍କ ପତ୍ନୀ



ଲୋକପ୍ରିୟ ଅଭିନେତା ତଥା ଶିବସେନା ନେତା ଗୋବିନ୍ଦା ଗତକାଲି ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକକୁ ସଫା କରିବା ବେଳେ ଭୁଲ୍‌ବଶତଃ ଗୁଳି ତାଙ୍କ ଆଣ୍ଠୁରେ ବାଜି ଯିବାରୁ ଆହତ ହୋଇଥିଲେ। ସେ ନିଜ ଗୁଳିମାଡ଼ରେ ଆହତ ହେବା ପରେ ହସ୍ପିଟାଲ୍ ଯାଇ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ଡାକ୍ତରମାନେ ତାଙ୍କର ଅସ୍ତ୍ରୋପଚାର କରିଛନ୍ତି ବୋଲି ଗତକାଲି ତାଙ୍କ ଝିଅ ସୂଚନା ଦେଇଥିବା ବେଳେ ନିଜେ ଗୋବିନ୍ଦା ସୁସ୍ଥ ଅନୁଭବ କରୁଛନ୍ତି ବୋଲି ଏକ ବିବୃତି ଜାରି କରିବା ସହ ସମସ୍ତଙ୍କୁ ପ୍ରାର୍ଥନା କରିଥିବା ହେତୁ କୃତଜ୍ଞତା ଜଣାଇଥିଲେ। ତେବେ ଗୋବିନ୍ଦା ଏପରି ଏକ ଦୁର୍ଘଟଣାର ଶିକାର ହେବା ବେଳେ ତାଙ୍କ ପତ୍ନୀ ମୁମ୍ବାଇରେ ନଥିଲେ। ବୁଧବାର ତାଙ୍କ ପତ୍ନୀ ସୁନୀତା ଅହୁଜା ମୁମ୍ବାଇ ଫେରିଥିବା ବେଳେ ଗଣମାଧ୍ୟମରେ ଗୋବିନ୍ଦାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ସୂଚନା ଦେଇଛନ୍ତି। ବୁଧବାର ଦିନ ସୁନୀତା ଅହୁଜା କହିଛନ୍ତି, '' ସେ ଭଲ ଅଛନ୍ତି। ଆମେ ତାଙ୍କୁ ଆଜି ସାଧାରଣ ୱାର୍ଡକୁ ସ୍ଥାନାନ୍ତର କରିବୁ। ସେ ଗତକାଲି ଅପେକ୍ଷା ବହୁତ ଭଲ ଅଛନ୍ତି ଆସନ୍ତାକାଲି କିମ୍ବା ପହରିଦିନ ଡିସଚାର୍ଜ ହେବେ ସେ। ସମସ୍ତଙ୍କ ଆଶୀର୍ବାଦରେ ସେ ସୁସ୍ଥ ହୋଇଯାଇଛନ୍ତି। ତାଙ୍କର ଚାରିଆଡ଼େ ପ୍ରଶଂସକ ଅଛନ୍ତି। ମନ୍ଦିର, ଦର୍ଗା ସବୁଆଡ଼େ ତାଙ୍କ ପାଇଁ ଲୋକେ ପ୍ରାର୍ଥନା କରୁଛନ୍ତି। ଆପଣମାନଙ୍କୁ ଏତିକି କହିବି ଭୟଭୀତ ହୁଅନ୍ତୁ ନାହିଁ। ଆପଣମାନଙ୍କ ଆଶୀର୍ବାଦରେ ସେ ଭଲ ଅଛନ୍ତି। ଖୁବ୍‌ଶୀଘ୍ର ସେ ପୁଣି ନଚାନଚି କରିବା ଆରମ୍ଭ କରିଦେବେ।' ଗୋବିନ୍ଦାଙ୍କ ମ୍ୟାନେଜରଙ୍କ କହିବାନୁସାରେ ସେ ତାଙ୍କ ବନ୍ଧୁକକୁ ଏକ କପଡା ଭିତରେ ରଖୁଥିଲେ। ଏହାକୁ ସଫା କରିବା ପରେ ସକାଳ ୪.୪୫ରେ ସମୟରେ ବନ୍ଧୁକରୁ ଅଚାନକ ଗୁଳି ବାହାରି ତାଙ୍କ ଗୋଡ଼ରେ ବାଜି ଯାଇଥିଲା।

# କାଷ୍ଟିଂ କାଉଚର ଶିକାର ହେବାପରେ ମୋର ସ୍ୱପ୍ନର ବେକ ମୋଡ଼ି ଦେଇଥିଲି: ଅଭୟ



ହରର କମେଡି ଚଳଚ୍ଚିତ୍ର ମୁଂଜ୍ୟା ଜରିଆରେ ସୁନାମ ଅର୍ଜନ କରିଥିବା ଅଭିନେତା ଅଭୟ ବର୍ମା ନିକଟରେ ଏକ ସାକ୍ଷାତକାରରେ ମୁମ୍ବାଇରେ ତାଙ୍କର ପ୍ରଥମ ଦିନକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଦିନକୁ ମନେ ପକାଇ ଅଭୟ ବର୍ମା କହିଛନ୍ତି, 'ମୁଁ ଥରେ ଏକ ମିଟିଂ ପାଇଁ ଯାଇଥିଲି। ସେଠାରେ ମୋତେ କାଷ୍ଟିଂ କାଉଚ୍ ସାମ୍ନା କରିବାକୁ ପଡ଼ିଥିଲା। ଏହି ଘଟଣା ପରେ ମୁଁ ମୁମ୍ବାଇରୁ ହରିୟାଣାରେ ନିଜ ଘରକୁ ଫେରିଆସିଥିଲି। ସେତେବେଳେ ମୁଁ ସରଳ ଓ ନିରୀହ ଥିଲି। ଲୋକଙ୍କୁ ଭଲଭାବେ ଚିହ୍ନି ପାରୁ ନଥିଲି। ସମସ୍ତଙ୍କୁ ଭଲ ଭାବୁଥିଲୁ। କିନ୍ତୁ ପ୍ରତି କ୍ଷେତ୍ରରେ ଆମକୁ ଅନେକ ଲୋକ ମିଳିଥାଆନ୍ତି। ଏମାନଙ୍କ ମଧ୍ୟରୁ କିଏ ଭଲ କିଏ ମନ୍ଦ ପରିଖିବା କଷ୍ଟ ହୋଇଯାଇଥାଏ। ମୁଁ ଅନେକ ସ୍ୱପ୍ନ ନେଇ ମୁମ୍ବାଇ ଯାଇଥିଲି। କିନ୍ତୁ କାମକୁ ନେଇ ମୋତେ କାଷ୍ଟିଂ କାଉଚର ଶିକାର ହେବାକୁ ପଡ଼ିଥିଲା। ଯେଉଁ କାରଣରୁ ଘରକୁ ଫେରିଆସି ମୋର ସବୁ ସ୍ୱପ୍ନର ବେକ ମୋଡ଼ି ଦେଇଥିଲି। କିନ୍ତୁ କିଛିଦିନ କିଛମାସ ପରେ ମନକୁ ଦୃଢ଼ କଲି। ସ୍ଥିର କଲି ଅନ୍ୟକୁ ମୋ ଜୀବନ ଓ କ୍ୟାରିୟର ସହିତ ଖେଳିବାର କିଛି ଅଧିକାର ନାହିଁ। ମୁଁ ମୋର ଯାତ୍ରାରେ ଏକା ଚାଲିବି ଏକା ଲଢ଼ିବି। ଏଥିପାଇଁ କାହାରି ସାହାଯ୍ୟ ଲୋଡ଼ିବି ନାହିଁ ବୋଲି ସ୍ଥିର କରି ମୁମ୍ବାଇ ଫେରି ଯାଇଥିଲି। କାମ ମିଳିବା ପରେ ସେଥିରେ ନିଜକୁ ହଜେଇ ଦେଇଥିଲି। ଅଭୟ ବର୍ମାଙ୍କ କର୍ମମୟ ଜୀବନ କଥା କହିଲେ ଗତବର୍ଷ ଅର୍ଥାତ ୨୦୨୩ ମସିହାରେ 'ସେଫେଦ' ଫିଲ୍ମ ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ଅଭୟ ଏହି ଚଳଚ୍ଚିତ୍ରରେ ଟ୍ରାନ୍ସଜେଣ୍ଡର ଭୂମିକାରେ ଅଭିନୟ କରିଥିଲେ।

# କଳା ସାହିତ୍ୟ ଓ ସଂସ୍କୃତିକୁ ମୁଁ ଭଲ ପାଏ: ଦୁଃଶାସନ ରାଉତ



ଓଡିଶାର କଳା ସାହିତ୍ୟ ଓ ସଂସ୍କୃତିକୁ ଭଲ ପାଉଥିବା ଜଣେ ସୁନ୍ଦର ବ୍ୟକ୍ତିତ୍ୱ ହେଉଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ। ବର୍ତ୍ତମାନ ଶ୍ରୀ ରାଉତ ବାସୁଦେବପୁର ମିରାକଲ ପବ୍ଲିକ୍ ସ୍କୁଲରେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ନନ୍ଦପୁର ଗ୍ରାମରେ ଶ୍ରୀ ରାଉତ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଦୀର୍ଘ ବର୍ଷ ଧରି ସେ ବାସୁଦେବପୁର ସହରରେ ରହୁଛନ୍ତି। ଅତୀତରେ ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲରେ ଶ୍ରୀ ରାଉତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ହଜାର ହଜାର ଛାତ୍ର ଛାତ୍ରୀ ମାନଙ୍କୁ ଉପଯୁକ୍ତ ମଣିଷ କରି ପାରିଛନ୍ତି । ବର୍ତ୍ତମାନ ଶ୍ରୀ ରାଉତ ସାହିତ୍ୟ , କଳା ସଂସ୍କୃତି, ସମାଜସେବା କ୍ଷେତ୍ରରେ ମନୋନିବେଶ କରିବା ସହିତ ପାଠ ପଢ଼ାଇବା କ୍ଷେତ୍ରରେ ମଧ୍ୟ ଅଗ୍ରସର ଅଛନ୍ତି । ସ୍ରଷ୍ଟା ଓ ସୃଷ୍ଟି ସାହିତ୍ୟ ଅନୁଷ୍ଠାନ, ଶହୀଦ ତୀର୍ଥଯାତ୍ରୀ ସଂଘ, ବାସୁଦେବପୁର ଗାନ୍ଧୀ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ,ବାଇ ଚଢେଇ ସାହିତ୍ୟ ଅନୁଷ୍ଠାନ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପ୍ରଭୃତି ବିଭିନ୍ନ ଅନୁଷ୍ଠାନ ସହିତ ସେ ଜଡ଼ିତ ଅଛନ୍ତି ଓ ଅନେକ ଜନହିତକର କାର୍ଯ୍ୟ କରି ଶ୍ରୀ ରାଉତ ଲୋକପ୍ରିୟତା ଅର୍ଜନ କରି ଛନ୍ତି ଓ ଓଡ଼ିଶାରେ ସୁନାମ ଅର୍ଜନ କରିଛନ୍ତି । ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତଙ୍କ ଧର୍ମପତ୍ନୀ ଆଶା ଲତା ମହାପାତ୍ର ଖୁବ୍ ସୁନ୍ଦର ମଣିଷ ଥିଲେ ଏବଂ ପ୍ରଧାନ ଶିକ୍ଷୟତ୍ରୀ ଭାବେ ପାଠ ପଢ଼ାଇ ଅନେକ ଛାତ୍ର ଛାତ୍ରୀଙ୍କୁ ସେ ଭଲ ମଣିଷ ଭାବେ ଗଢି ତୋଲିଥିଲେ। ଶ୍ରୀ ରାଉତଙ୍କ ପୁତ୍ର ଓ ପରିବାର ବର୍ଗ ସମସ୍ତେ କଳା ସାହିତ୍ୟ ଓ ସଂସ୍କୃତିକୁ ଭଲ ପାଆନ୍ତି । ଅନେକ ଶିକ୍ଷା, ସାହିତ୍ୟ ଓ କଳା ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଶ୍ରୀ ରାଉତ ସମ୍ବର୍ଦ୍ଧିତ ହୋଇଛନ୍ତି। ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ର ରୌପ୍ୟ ଜୟନ୍ତୀ, ସୁବର୍ଣ୍ଣ ଜୟନ୍ତୀ ଓ ହୀରକ ଜୟନ୍ତୀ ପାଳନ ଅବସରରେ ଶ୍ରୀ ରାଉତ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ କବି ବଙ୍କିମ ଚନ୍ଦ୍ର ମହାରଣା, ବିଶିଷ୍ଟ ସାହିତ୍ୟିକ ଡକ୍ଟର ହୃଷୀକେଶ ପଣ୍ଡା ଆଇ ଏ ଏସ, ଶହୀଦ ତୀର୍ଥଯାତ୍ରୀ ସଂଘ ପ୍ରତିଷ୍ଠାତା ତ୍ରୈଲୋଚନ ଜେନା, ରୁକ୍ମଣୀ ମେଡ଼ିକାଲ ଷ୍ଟୋରର ପ୍ରତିଷ୍ଠାତା ମନ୍ଦର ଧର ମହାପାତ୍ର, ଇଞ୍ଜିନିୟର ମାଧବ ଚନ୍ଦ୍ର ମହାନ୍ତି, ଶିଳ୍ପପତି ତଥା କୋଣାର୍କ ବରଫ କାରଖାନାର ନିର୍ଦ୍ଦେଶକ ମହେଶ ଦାସ, ସାହିତ୍ୟିକ ଅପୂର୍ବ ରଞ୍ଜନ ରାୟ,କବି କମଳାକାନ୍ତ କର, କବି ଅଭିମନ୍ୟୁ ବେହେରା, କବି ଡକ୍ଟର ମନୀନ୍ଦ୍ର ମହାନ୍ତି,କବି ସୁଧାଂଶୁ ଶେଖର ମିଶ୍ର, ଐତିହାସିକ ଓ ଗବେଷକ ଅଜୟ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, ସତ୍ୟପ୍ରିୟ ମହାନ୍ତି, ବନମାଳି ବାରିକ୍,ରମାକାନ୍ତ ଡ଼ାଙ୍ଗୁଆ, ତ୍ରୈଲୋଚନ ସାହୁ,ନାରାୟଣ ପ୍ରାସାଦ ବାରିକ୍,କବି ପ୍ରହ୍ଲାଦ ବାରିକ, କବି ବିକାଶ ଶତପଥୀ , ଗୀତିକାର ପୀତାମ୍ବର ମିଶ୍ର, ଗାଳ୍ପିକ ସୁଦର୍ଶନ ସାମଲ ଓ ଆହୁରି ଅନେକ ବ୍ୟକ୍ତିତ୍ୱଙ୍କ ସହିତ ଶ୍ରୀ ରାଉତଙ୍କର ଖୁବ୍ ଉତ୍ତମ ସଂପର୍କ ରହିଚି। ରକ୍ତତୀର୍ଥ ଇରମ ରେ ଶହୀଦ ସ୍ମୃତି କମିଟି ପକ୍ଷରୁ ଶହୀଦ ଦିବସ ରେ ଶ୍ରୀ ରାଉତ ଅନେକ ଗୁରୁତ୍ୱ ପୂର୍ଣ୍ଣ ଦାୟିତ୍ୱ ବୁଝିଥାନ୍ତି। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀରେ ମୁଖ୍ୟ ଦାୟିତ୍ୱ ନେଇ ଶ୍ରୀ ରାଉତ ଅନେକ ଥର ପୁରସ୍କୃତ ହୋଇଛନ୍ତି । ବାସୁଦେବପୁର ସହର ରେ ଅଟଳ ବିହାରୀ ହାଇସ୍କୁଲ ଠାରେ ଜାତୀୟ କବି ବାଞ୍ଛାନିଧି ମହାନ୍ତି ଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବାରେ ମଧ୍ୟ ଶ୍ରୀ ରାଉତଙ୍କ ଭୂମିକା ରହିଛି । ଅନେକ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ କୁ ସେ ଠିକ୍ ଭାବେ ତୁଲାଇଥାନ୍ତି । ସଦା ସର୍ବଦା ହସ ହସ ମୁହଁ ଓ ମିଠା ମିଠା କଥାରେ ସେ ସମସ୍ତଙ୍କୁ ଆପଣାର କରି ନିଅନ୍ତି । ଈଶ୍ୱରଙ୍କ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ । ଆମର ଏତିକି କାମନା।


**ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି**
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ ୯୯୩୭୯୭୬୩୫୧

# ସମସ୍ୟା ଘେରରେ ଦୁର୍ଗାପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ

କନ୍ଧମାଳ, ୦୨/୧୦ (ନି.ପ୍ର):କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ଅନ୍ତର୍ଗତ ଦୁର୍ଗମ ଦୁର୍ଗାପଙ୍ଗା ପଞ୍ଚାୟତର ବଣ ପାହାଡ଼ ପର୍ବତ ଜଙ୍ଗଲ ଘେରା ମଧ୍ୟରେ ରହିଛି ସରକାରୀ ବାଳିକା ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟ ସ୍ଥାପିତ ୨୦୦୮ ମସିହାରୁ। ଏତେ ପୁରୁଣା ବିଦ୍ୟାଳୟ ହେଲେ ସୁଦ୍ଧା ଦୁଃଖ ଓ ପରିତାପର ବିଷୟ ଯେ ଏହି ବିଦ୍ୟାଳୟଟି ବହୁ ସମସ୍ୟା ମଧ୍ୟରେ ଗତି କରୁଛି। ବିଦ୍ୟାଳୟ ଓ ହଷ୍ଟେଲକୁ ଯିବା ପାଇଁ ଭଲ ରାସ୍ତା ଟିଏ ନାହିଁ। ବିଦ୍ୟାଳୟ ଗୃହ ଓ ହଷ୍ଟେଲ ଗୃହରୁ ବର୍ଷା ହେଲେ ପାଣି ଝରୁଛି। ଛାତ୍ରୀ ମାନେ ବ୍ୟବହାର କରୁଥିବା ଲାଟିନ ଓ ବାଥରୁମ ଅଚଳ ହୋଇ ପଡିଛି। ପାନୀୟ ଜଳର ସମସ୍ୟା ରହିଛି। କରେଣ୍ଟ ଥିଲେ ପାଣି ଆସୁଛି କରେଣ୍ଟ ନାହିଁତ ପାଣି ମଧ୍ୟ ନାହିଁ। ରୋଷେଇ ଗୃହ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ଉକ୍ତ ବିଦ୍ୟାଳୟର ଛାତ୍ରୀ ସଂଖ୍ୟା ୩୮୫ ଜଣ। ଛାତ୍ରୀ ସଂଖ୍ୟା ତୁଳନାରେ ସି ସି ଏ ସଂଖ୍ୟା କମ ଥିବା ଯୋଗୁଁ ସରକାରଙ୍କ ନିର୍ଦ୍ଦେଶକୁ ନେଇ ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏବଂ ସମସ୍ତ ସଦସ୍ୟଙ୍କୁ ନେଇ ଆଲଚନା କରି ୩ ଟି ସି ସି ଏ ପଦବୀକୁ ସରକାରଙ୍କ ନିୟମ ଅନୁଯାୟୀ ନିଯୁକ୍ତି କରାଗଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଅଂଚଳର କିଛି ଦୁର୍ବୃତ, ଅସାମାଜିକ ଲୋକ ପ୍ରଧାନ ଶିକ୍ଷକଙ୍କୁ ମାରିବା ପାଇଁ ଧମକ ଦେଉଛନ୍ତି। ଏହି ପରିପେକ୍ଷୀରେ ଏହି ଦୁର୍ଗମ ଅଂଚଳରେ ପ୍ରଧାନ ଶିକ୍ଷକ କିଭଳି କାର୍ଯ୍ୟ କରିବେ, ଏଠି ପ୍ରଶ୍ନ ଉଠୁଛି ଏହି ବିଦ୍ୟାଳୟର ଛାତ୍ରୀ ନିବାସରେ ଏଭଳି ଅସୁବିଧା ଥିବା ସତ୍ୱେ ପ୍ରଧାନ ଶିକ୍ଷକ ନିୟମିତ ରହି ଛୁଟିରେ ଘରକୁ ନଯାଇ ମଧ୍ୟ ବିଦ୍ୟାଳୟରେ ରହି ଏବଂ ସମସ୍ତ ସହକାରୀ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ନେଇ ପାଠପଢା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଶିକ୍ଷା ଦାନ କାର୍ଯ୍ୟକ୍ରମ କରୁଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଶ୍ରୀ ଝିରିପାଣି ମାଝୀ, ସରପଂଚ ଶ୍ରୀମତୀ ବାଳମତି ମାଝୀ, ଧନୁର୍ଜୟ ଗାଡ଼ିକା, କମଳା ମାଝୀ, ପାର୍ବତୀ ପାଟମାଝି, ଏବଂ ଜଗରନାଥ ଡାକ ପ୍ରସ୍ତା କହିବା ଅନୁଯାଇ ତୁରନ୍ତ ବିଦ୍ୟାଳୟର ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଝିରିପାଣି ମାଝୀ ଓ ସମସ୍ତ ସଦସ୍ୟ କହିବା ଅନୁଯାଇ ପ୍ରକୃତ ପ୍ରଣାଳୀରେ ସି ସି ଏ ପଦବୀ ପୂରଣ କରାଯାଇଛି।

# ଡାଙ୍ଗଣାମୁ ଘାଟି ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା : ଦୁଇ ନିଲମ୍ବିତ, ତିନି ବହିଷ୍କୃତ

କନ୍ଧମାଳ, ୦୨/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଧୀନରେ ଥିବା ଫୁଲବାଣୀ କଣ୍ଟାମାଳ ରାସ୍ତାର ଡାଙ୍ଗାଣାମୁ ଘାଟି ନିକଟରେ ଯୁବକଙ୍କ ମୃତଦେହ ଉଦ୍ଧାର ମାମଲାରେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଘଟଣାର ସଠିକ ପଦକ୍ଷେପ ଗ୍ରହଣ ହୋଇନଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ନେଇ ସୂଚନା ଦେଇଛନ୍ତି। ଜିଲ୍ଲା ପୋଲିସ ଏହି ଘଟଣାରେ ନିରପେକ୍ଷ ଭାବରେ ତଦନ୍ତ କରି ବିଭାଗର ପାଂଚ ଜଣ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଘଟଣାରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ସରଜମିନ ତଦନ୍ତ ପରେ ଗୋଛାପଡା ଥାନାରେ କାର୍ଯ୍ୟରତ ତଥା ପିଏସଏଇ ଅଜିତ କୁମାର ବେହେରା ଓ ହାବିଲଦାର ରାମଚନ୍ଦ୍ର ନାଏକଙ୍କୁ ଚାକିରିରୁ ନିଲମ୍ବିତ କରିଥିବା ବେଳେ ଥାନାରେ କାର୍ଯ୍ୟରତ ହୋମଗାର୍ଡ ଅଭିମନ୍ୟୁ ମହାନନ୍ଦ, ହୋମଗାର୍ଡ ଜଗବନ୍ଧୁ ବେହେରା ଓ ହୋମଗାର୍ଡ ଡ୍ରାଇଭର ରତ୍ନାକର ନାଏକଙ୍କୁ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଚାକିରିରୁ ବହିଷ୍କୃତ କରାଯାଇଥିବା ନେଇ ଘଟଣାର ତଦନ୍ତକାରି ପୋଲିସ ଅଧିକାରୀ କମଳାକାନ୍ତ ପଣ୍ଡାଙ୍କ ସୂତ୍ରରୁ ଜଣାପଡିଛି ଓ ଗତ ଛବିଶ ତାରିଖ ଦିନ ଏହି କର୍ମଚାରୀ ମାନଙ୍କୁ ଗୋଛାପଡା ଆଖପାଖ ଅଂଚଳରେ ପେଟ୍ରୋଲିଙ୍ଗ କରିବା ପାଇଁ ଡିଉଟି ଦିଆଯାଇଥିଲା। ଏମାନେ ଗୋଛାପଡା ଅଂଚଳରେ ପେଟ୍ରୋଲିଙ୍ଗ ନକରି ବାଇକ ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ କାହାକୁ କିଛିନକହି ଥାନା ଗାଡି ଧରି ଗୋଛାପଡା ଠାରୁ ବୌଦ୍ଧ ଜିଲ୍ଲା କଂଟାମାଳକୁ ସଂଯୋଗ କରୁଥିବା ସୁଟାଣି ଘାଟିକୁ ଯାଇଥିଲେ ଓ ଏହା ପରେ ସୁଟାଣି ଘାଟି ନିକଟରେ ଜଗି ରହିଥିବା ବେଳେ ଏକ ବାଇକ ରେ ଦୁଇ ଜଣ ବ୍ୟକ୍ତି ଗଞ୍ଜେଇ ଧରି ଯାଉଥିବା ଦେଖି ସେମାନଙ୍କୁ ପିଛା କରିଥିଲେ। ଡାଙ୍ଗାନାମୁ ଗାଁ ନିକଟ ଘାଟି ରାସ୍ତାରେ ବାଇକ୍ ଓ ଗଞ୍ଜେଇ ଛାଡି ବାଇକ ପଡିଥିବା ଦେଖି ଆରୋହୀ ମାନେ ଫେରାର ହୋଇଯାଇଥିବା ଭାବି ବାଇକ ଓ ଗଞ୍ଜେଇ ଧରି ଏହି ପୋଲିସ କର୍ମଚାରୀ ମାନେ ଥାନାକୁ ଚାଲି ଆସିଥିଲେ ଓ ପରଦିନ ସକାଳୁ ଡାଙ୍ଗାଣାମୁ ଗାଁ ନିକଟ ଘାଟି ତଳେ ପୋଲିସ ଗୋଡେଇ ଥିବା ବାଇକ ଆରୋହୀଙ୍କ କ୍ଷତବିକ୍ଷତ ମୃତ ଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ପୋଲିସ ପିଛା କରିବା ଯୋଗୁଁ ଦୃତଗତିରେ ବାଇକ୍ ଚଲାଇବା ଯୋଗୁଁ ଭାରସାମ୍ୟ ହରାଇ ବାଇକ୍ ଟି ଦୁର୍ଘଟଣା ଗ୍ରସ୍ତ ହେବା ସହିତ ବାଇକରେ ଥିବା ଯୁବକ, କଂଟାମାଳ ଥାନା ବେହେରାପଡ଼ା ଗାଁ ର ବାଲ୍ମୀକି ବଣ୍ଡକି ଙ୍କ ପୁଅ ଜ୍ୟେଷ୍ଠ ବଣ୍ଡକି ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିବା ନେଇ ପୋଲିସ ଅନୁମାନ କରୁଛି। ଏବଂ ଅନ୍ୟ ଜଣକ ସେଠାରୁ ଫେରାର ହୋଇଯାଇଥିବା ଯୋଗୁଁ ପିଛା କରୁଥିବା ପୋଲିସ ବାହିନୀ କେବଳ ବାଇକ ସହ ଗଞ୍ଜେଇ ଧରି ଥାନାକୁ ଆଣିଥିଲେ। ମୃତକଙ୍କ ଶବ ଉଦ୍ଧାର ପରେ ତାଙ୍କ ପରିବାର ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଥାନା ଘେରାଉ କରିବା ସହ ପୋଲିସ ଗଞ୍ଜେଇ ଧରିବା ନାଁରେ ଯୁବକଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ ଓ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପଙ୍କ ସହ ଡ଼ିଏସପି କମଳ ପଣ୍ଡା ଓ ସଦର ଏସଡିପିଓ ସୁପ୍ରସନ୍ନ ମଲ୍ଲିକ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଉଚିତ ତଦନ୍ତ ହେବ ଓ ଦୋଷି ଦଣ୍ଡ ପାଇବ ବୋଲି ପ୍ରତିଶୃତି ଦେବାପରେ ଆନ୍ଦୋଳନ ହଟିଥିଲା ଓ ଅନ୍ୟପଟେ ଯୁବକଙ୍କ ମୃତ୍ୟୁର ରହସ୍ୟ ବର୍ତମାନ ମଧ୍ୟ ଜଣାପଡିନଥିବା ବେଳେ ଯୁବକଙ୍କ ମୃତ୍ୟ କେଉଁ ପରିସ୍ଥିତିରେ ହୋଇଛି ସେ ଉପରେ ତଦନ୍ତ ଜାରି ରହିଥିବା ବେଳେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା ସହ ଘଟଣା ଦିନ ଏହି ପୋଲିସ ଟିମ ଠିକ ଭାବରେ ନିଜର ଦାୟିତ୍ୱ ତୁଲାଇ ନଥିବାରୁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ହେଲା ଜଣାପଡିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

## କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ

ଭୁବନେଶ୍ୱର, ୦୨/୧୦ (ନି.ପ୍ର): ଆଜି ରକ୍ତ ନିରାପତ୍ତା ନିର୍ଦ୍ଦେଶାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜାତୀୟ ସ୍ୱେଚ୍ଛାକୃତ ଦିବସ-୨୦୨୪ କ୍ୟାପିଟାଲ୍ ହସ୍ପିଟାଲ୍ ରକ୍ତଭଣ୍ଡାରଠାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନତା ପଦଯାତ୍ରା ଏବଂ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିବାପୂର୍ବକ 'ରକ୍ତଦାନ ଏକ ମହତ ଦାନ' ବୋଲି ଉଲ୍ଲେଖ କରିଥିଲେ । ରକ୍ତଦାନକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍., ରକ୍ତ ନିରାପତ୍ତା ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୨୪୫ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୦୨/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୨୪୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୨୨୨ଗୋଟି ଗ୍ରହଣ କରାଯାଇଥିବା ବେଳେ ୨୩ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ରାମଗୋପାଳ ହୋତାଙ୍କୁ ଶିଶୁଙ୍କ ଶିକ୍ଷା ସହାୟତା ନିମନ୍ତେ ଟ. ୬୦୦୦ ହଜାର, ଶ୍ରୀଧର ନାଏକ ଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ନିମନ୍ତେ ୫୦,୦୦୦ ହଜାର, ଓ ନରେନ୍ଦ୍ର ମେହେରଙ୍କୁ ଅନ୍ତିମ ସଂସ୍କାର ସହାୟତା ଓ ମୃତ୍ୟୁ କାଳୀନ ସହାୟତା ନିମନ୍ତେ ୫୦୦୦ ହଜାର ଓ ୨ଲକ୍ଷ ଟଙ୍କାର ଶ୍ରମିକ କଲ୍ୟାଣ ଆର୍ଥିକ ସହାୟତା ର ଡେମୋ ଚେକ୍ ପ୍ରଦାନ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ । ଏଥି ସହ ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ହିତାଧିକାରୀଙ୍କୁ ଜିଲ୍ଲା ଶ୍ରମ ବିଭାଗ ତରଫରୁ ୧୧ ଜଣଙ୍କୁ ଝିଅ ବିବାହ ନିମନ୍ତେ ପ୍ରୋତ୍ସାହନ ସହାୟତା, ୨ ଜଣଙ୍କୁ ମେଟରନିଟି ସହାୟତା, ୨୦ ଜଣଙ୍କୁ ଶିକ୍ଷା ନିମନ୍ତେ ସହାୟତା, ୩ ଜଣ ଙ୍କୁ ମୃତ୍ୟୁ କାଳୀନ ସହାୟତା, ଓ ୬ ଜଣଙ୍କୁ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭାଗ ତରଫରୁ ସମୁଦାୟ ବିଭିନ୍ନ ୪୨ ଜଣଙ୍କୁ ମୋଟ ଟ.୧୩ ଲକ୍ଷ ୦୪ ହଜାର ୪୦୦ ଶହ ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଂଚୟ ଖାତା କୁ ଅନଲାଇନ ଯୋଗେ ପ୍ରଦାନ କରାଯାଇଛି। ଅତିରିକ୍ତ ବିଡିଓ ଡୁଙ୍ଗୁରିପାଲି ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଡୁଙ୍ଗୁରିପାଲି ପଂଚାୟତ ସମିତି ଅଧକ୍ଷା ଅହଲ୍ୟା ସାହୁ, ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ସୋନପୁର ଶ୍ରୀମତୀ ସୌମ୍ୟାରୁପା ରଥ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅଧିକ୍ଷଣ ଯନ୍ତ୍ରୀ ପି ଡବ୍ଲୁ ଡି ଇଂ ଦାମୋଦର କୈବର୍ତ, ଆର ଡବ୍ଲୁ ଏସ ଏସ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଅବକାରୀ ଆରକ୍ଷୀ ଅଧିକ୍ଷକ ପ୍ରବୀର ସାମଲ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ ରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ, ତହସିଲଦାର ରାମପୁର, ଡେପୁଟି କଲେକ୍ଟର ଗ୍ରୀଭେନସ ଶୁଭଶ୍ରୀ ରଥ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୀ, ୦୨/୧୦ (ନି.ପ୍ର): ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ରଙ୍କର ଭୁବନେଶ୍ୱର କମିଶନରେଟ ପୁଲିସରେ ଡିସିପି ଭାବେ ବଦଳି ହୋଇଛି। ଶ୍ରୀ ମିଶ୍ରଙ୍କୁ ଗତକାଲି ସଂଧ୍ୟାରେ ରିଜର୍ଭ ପୋଲିସ ଗ୍ରାଉଣ୍ଡ ଠାରେ ଏକ ଭବ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଯୋଗ ଦେଇ ଶ୍ରୀ ମିଶ୍ରଙ୍କର ପୁରୀରେ ସ୍ୱଳ୍ପକାଳୀନ ରହଣି ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମାହିତ କରିଛନ୍ତି ବୋଲି କହିଥିଲେ। ବିଶେଷ କରି ଚଳିତ ବର୍ଷ ନିର୍ବାଚନ ପରିଚାଳନା, ରଥାତ୍ରା ସହ ଅନ୍ୟାନ୍ୟ ଆଇନ ଶୃଙ୍ଖଳା ରକ୍ଷାର କାର୍ଯ୍ୟ ଗୁଡିକ ବେଶ ଚାଲେଞ୍ଜିଂ ଥିଲା। ତେବେ ସମସ୍ତଙ୍କ ସହଯୋଗ ଓ ସମନ୍ୱୟରେ ଏହା ସୁନ୍ଦର ଭାବେ ସମ୍ପର୍ଣ୍ଣ ହୋଇଥିଲା ବୋଲି ସେ କହିବା ସହ ଏସପି ଶ୍ରୀ ମିଶ୍ରଙ୍କର ଅବଦାନ ବେଶ ଉଲ୍ଲେଖନୀୟ ଥିଲା ବୋଲି କହିଥିଲେ।ସେହିପରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସପି ଦେବବ୍ରତ ଚକ୍ର, ବିଷ୍ଣୁ ପ୍ରସାଦ ପତି ,ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଶ୍ରୀ ମିଶ୍ରଙ୍କ କାର୍ଯ୍ୟ ଶୈଳୀ, ଆଇନ ଶୃଙ୍ଖଳା ରକ୍ଷାରେ ଦକ୍ଷତା, ଅଧିକାରୀ ଓ କର୍ମଚାରୀ ମାନଙ୍କ ପ୍ରତି ସମ୍ବେଦନଶୀଳତା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିବା ସହ ନୂତନ ସ୍ଥାନରେ ଏହି ଭଳି ଉଲ୍ଲେଖନୀୟ କାର୍ଯ୍ୟ କରି ଆହୁରି ସଫଳତା ପାଆନ୍ତୁ ବୋଲି ସେମାନେ ଆଶା ବ୍ୟକ୍ତ କରିଥିଲେ।ନିଜ ପ୍ରତିକ୍ରିୟାରେ ଶ୍ରୀ ମିଶ୍ର ପୁରୀ ଜିଲ୍ଲାରେ ତାଙ୍କ ରହଣି ସମୟରେ ଅନେକ କାର୍ଯ୍ୟ ଆହ୍ୱାନପୂର୍ଣ୍ଣ ଥିଲେ ମଧ୍ୟ ସମସ୍ତଙ୍କ ସହଯୋଗରେ ତାଙ୍କ କାର୍ଯ୍ୟ ସହଜରେ ହୋଇ ପାରିଛି। ନିଷ୍ଠା, ଆତ୍ମବିଶ୍ୱାସ, ଈଶ୍ୱରଙ୍କ ପ୍ରତି ସମର୍ପଣ, ମିଳିତ ପ୍ରୟାସ ଓ ପରିଶ୍ରମ ଯେ କୌଣସି କାର୍ଯ୍ୟକୁ ସହଜ ଓ ସଫଳ କରିପାରେ। ସମସ୍ତଙ୍କ ସହଯୋଗ ପାଇଁ ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ

ବଲାଙ୍ଗିର, ୦୨/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଛକ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ- ୨୦୨୪ ପାଳନ ହୋଇଯାଇଛି ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଘାଷିରାମ ମିଶ୍ର, ଗୁରୁବକ୍ସ ସିଂ ଯାଗୋଟା, ବିକ୍ରମ ବହିଦାର, ବସନ୍ତ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ଯୋଗ ଗୁରୁ ଡିଙ୍ଗର ରାଉତଙ୍କ ଦ୍ୱାରା ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ମାନସିକ ଏବଂ ଶାରୀରିକ ମହତ୍ୱ ବିଷୟରେ ସେ ବୁଝାଇଥିଲେ । ଏହାପରେ ଏକ ସାଧାରଣ ବୈଠକରେ ଜରାଶ୍ରମଗୁଡିକରେ ବରିଷ୍ଠ ନାଗରିକମାନଙ୍କ ଉପଯୁକ୍ତ ସେବା ଯତ୍ନ ଆଦି ସହିତ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା, ରାଜ୍ୟରେ ପ୍ରତିଷ୍ଠିତ ସମନ୍ୱିତ ଭିତିଭୂମି କେନ୍ଦ୍ରଗୁଡିକରେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବିଭିନ୍ନ ସୁବିଧା, ବାର୍ଦ୍ଧକ୍ୟଜନିତ ଅକ୍ଷମତା ଦୂର ପାଇଁ ଫିଜିଓଥେରାପି କେନ୍ଦ୍ର ଆଦି ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ । ଏହା ସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଜ ଚିକିତ୍ସା ପାଇଁ ପ୍ରଶାସନ ଗୁରୁତ୍ୱ ଦେବାକୁ ମତ ଦେଇଥିଲେ । ସଭାରେ ଅତିଥିଙ୍କ ଦ୍ୱାରା ଜିଲ୍ଲାର ୨ ଜଣ ବରିଷ୍ଠ ନାଗରିକ ବିକ୍ରମ ବହିଦାର ଏବଂ ଶିବ ପ୍ରସାଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ଦେଓଗାଁ ସାଲେପାଲି ବୃଦ୍ଧଶ୍ରମର ଅଧିବାସୀଙ୍କୁ ଶ୍ରାବ୍ୟ ଜନ୍ତ୍ର ପ୍ରଦାନ କରାଯାଇଥିଲା । ସଭା ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ଓ ପ୍ରକାଶ ଥାଉକି, ଏହି ଦିବସରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା ।

# ଓଡ଼ିଆ ପ୍ରେନ୍ୟୁଅର ସ୍ମାର୍ଟ ଓଡିଶା ହାକାଥନ୍ ରାଜ୍ୟସ୍ତରୀୟ ସମାରୋହ ଉଦ୍‌ଯାପିତ

ଭୁବନେଶ୍ୱର, ୦୨/୧୦ (ନି.ପ୍ର): ଓଡ଼ିଆ ପ୍ରେନ୍ୟୁଅର ସ୍ମାର୍ଟ ଓଡିଶା ହାକାଥନ୍ ୨.୦ ରାଜ୍ୟ ସ୍ତରୀୟ ସମାରୋହ ଉଦଯାପିତ ହୋଇଛି । ଭୁବନେଶ୍ୱରସ୍ଥିତ ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱ ବିଦ୍ୟାଳୟ ପରିସରରେ ଗତ ଦୁଇଦିନ ଧରି ଏହି ହାକଥନ ଅନୁଷ୍ଠିତ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଘୁରାମ ଆୟର, ଶ୍ରୀ ଅଶ୍ୱିନୀ କୁମାର ମିଶ୍ର, ଚେୟାରମେନ କାଉନସିଲ, ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ, ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, କୁଳସଚିବ ଶ୍ରୀମତି ରେଣୁ ପ୍ରଭା ନାୟକ ଏବଂ ଇଡି ଟେକ୍ କୋଫାଉଣ୍ଡର୍ ଶ୍ରୀ ସୁମିତ ମିଶ୍ର ଉପସ୍ଥିତ ରହିଥିଲେ। ଶ୍ରୀ ଆୟର ଏହାକୁ ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି ବର୍ଣ୍ଣନା କରି ସମସ୍ତ ପ୍ରତିଯୋଗୀଙ୍କୁ ଅଭିବାଦନ ଜଣାଇବା ସହ ଓଡିଶା ସରକାରଙ୍କ ଦ୍ୱାରା ହେଉଥିବା ସୁରଭି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶ୍ରୀ ସୁମିତ ମିଶ୍ର ରାଜ୍ୟର ଭବିଷ୍ୟତର ଉପରେ ଆଲୋକପାତ କରି ଏଭଳି କାର୍ଯ୍ୟକ୍ରମ କିପରି ଏହାର ଭବିଷ୍ୟତକୁ ଜାତୀୟ ସ୍ତରରେ ଗଠନ କରିପାରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଛନ୍ତି, 'ଓଡିଶାର ବିକାଶ ଚକ୍ର ବର୍ତ୍ତମାନ ଆରମ୍ଭ ହୋଇଛି। ଉଦ୍ୟୋଗ ଉପରେ ସଠିକ୍ ଧ୍ୟାନ ଦେଇ ଆମେ ଆମ ରାଜ୍ୟ ତଥା ଏହାର ପ୍ରତିଭାକୁ ଅଧିକ ଉଚ୍ଚତାକୁ ନେଇପାରିବା।' ସମ୍ମାନିତ ଅତିଥି ଅଶ୍ୱିନୀ କୁମାର ମିଶ୍ର ସମସ୍ତ ଅଂଶଗ୍ରହଣକାରୀ, ପରାମର୍ଶଦାତା ଏବଂ ଆୟୋଜକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଡ଼ଃ ଏସ.ପି ଡିଗ୍ରୀ ମହାବିଦ୍ୟାଳୟରେ ବରିଷ୍ଠ ନାଗରିକ ଦିବସ ପାଳିତ

ମାଲକାନଗିରି, ୦୨/୧୦ (ନି.ପ୍ର): ଏସ୍ .ଡିଗ୍ରୀ ମହାବିଦ୍ୟାଳୟ, ଏମ.ଭି.୭୯ରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ପ୍ରବାସିନୀ ମହାପାତ୍ର ମାନ୍ୟବର ବରିଷ୍ଠ ନାଗରିକମାନଙ୍କୁ ସ୍ମରଣ କରି, ସେମାନଙ୍କର ଅନୁଭବ ଓ ସମାଜରେ ସେମାନଙ୍କର ଅବଦାନକୁ ଉଜାଗର କରିଥିଲେ। ସେ ଗୁରୁତ୍ୱ ବିଷୟରେ ବ୍ୟକ୍ତ କରିଥିଲେ, କିପରି ତାଲିକାରେ ଥିବା ବରିଷ୍ଠ ନାଗରିକମାନେ ପରିବାର ଓ ସମାଜରେ ସମ୍ମାନ ଯୋଗ୍ୟ। ଏହି ସଭାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବରିଷ୍ଠ ନାଗରିକ ଦିବସର ଅନୁଷ୍ଠାନ ମାଧମରେ ସମ୍ମାନ ଓ ସତ୍କାର କରିବାର ଏକ ପ୍ରଥା ତିଆରି କରିଥିଲେ, ଯାହା ସେମାନଙ୍କର ପାଇଁ ଅମୂଲ୍ୟ ଅନୁଭବ ଅବଶ୍ୟକ। ଅଧାପକ ଶ୍ରୀମନ୍ତ ମହାପାତ୍ର, ସିବାରମ ଡାଇନୀ, ତାରିଣୀ ଚରଣ ମହାନ୍ତି, ଡେମୋନଷ୍ଟେଟର ଲକ୍ଷ୍ମୀ ପ୍ରସାଦ ବାରିକ, କିରାଣୀ ପ୍ରଦୀ ପ୍ରଧାନ, ସୁବାଶିଷ ଦତ୍ତ, ଏବଂ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମାଲକାନଗିରିରେ ବ୍ଲକସ୍ତରୀୟ କୃଷକ ମେଳା ଆୟୋଜିତ

ମାଲକାନଗିରି, ୦୨/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲାର ୭ ଟି ବ୍ଲକ ଅନ୍ତର୍ଗତ ୭ ଗୋଟି ପଂଚାୟତ ଠାରେ ପଡିଆରୁ ବଢିଆ କୃଷକ ମେଳା ଓଡିଶା ଶ୍ରମଜୀବୀ ମଂଚ, ମହିଳା ଶ୍ରମଜୀବୀ ମଂଚ, ଓଡିଶା ଓ ସ୍ଥାନୀୟ ଜିଲ୍ଲା ଶ୍ରମଜୀବୀ ସଂଗଠନ ଓ ମହିଳା ଶ୍ରମଜୀବୀ ସଂଗଠନ, ମାଲକାନଗିରିର ପକ୍ଷରୁ ସମସ୍ତ ବ୍ଲକ ସ୍ତରୀୟ କୃଷକ ମେଳା ଆୟୋଜିତ ହୋଇଯାଇଛି । ଏହି ମେଳାରେ ଧାନ ଚାଷ କଲା ପରେ ପଡିଆ ରହୁଥିବା ଚାଷ ଜମି ଗୁଡିକରେ କିପରି ସମସ୍ତ ମହିଳା ଚାଷୀମାନେ ଏକତ୍ରିତ ହୋଇ ଦ୍ୱିତୀୟ ଫସଲ ଭାବରେ ମୁଗ, ବିରି,କୋଳଥ ଭଳି ବିଭିନ୍ନ ଡାଲି ଜାତୀୟ ଫସଲ ବିନା ହଳ, ବିନା ପାଣିରେ ବତର ଥିବା ମାଟିରେ କମ ଖର୍ଚ୍ଚରେ ଚାଷ କରି ଅଧିକ ଲାଭବାନ ହୋଇ ପାରିବେ , ପୃଷ୍ଟିଯୁକ୍ତ ଖାଦ୍ୟ ପାଇପାରିବେ, ଜମିର ଉର୍ବରତାୃଦ୍ଧି ହେବ, ଦାଦନ ସମସ୍ୟା ଦୂର ହେ୍ବା ସହିତ ବିଭିନ୍ନ ସରକାରୀ ସୁବିଧା ପାଇପାରି୍ବା ଆଦି ବିଷୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ବିଭିନ୍ନ ଗ୍ରାମର ପ୍ରାୟ ଶତାଧିକ ମହିଳା ଓ ପୁରୁଷ ଚାଷୀମାନେ ନିଜ ନିଜ ଅଂଚଳର ବିହନ ପଦର୍ଶନ କରାଇବା ସହିତ ଆଗାମୀ ଦିନରେ ଦେଶୀ ବିହନ କିପରି ସଂରକ୍ଷଣ କରି ଗଛିତ ରଖି ପାରିବେ ସେବିଷୟରେ ଆଲୋଚନା କରାଯାଇଥିଲା । ଉକ୍ତ କୃଷକ ମେଳା ମାନଙ୍କରେ ମୁଖ୍ୟ ଅତିଥି ସମ୍ମାନିତ ଭାବେ ବ୍ଲକ ଅଧକ୍ଷ, ସରପଂଚ, ସମିତି ସଦସ୍ୟ/ସଦସ୍ୟା, ଓ୍ୱାର୍ଡ ମେମ୍ବର, ପ୍ରତି ବ୍ଲକର କୃଷି ଅଧିକାରୀ,ଉଦ୍ୟାନ ବିଭାଗ ଅଧିକାରୀ, ଜୀବିକା ମିଶନ ଅଧିକାରୀ, କୃଷକ ସାଥି, କୃଷିମିତ୍ର, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦି ଯୋଗଦେଇ ପଡିଆ ରୁ ବଢିଆ ପାଇଁ ବିଭିନ୍ନ ଯୋଜନା ବିଷୟରେ ସଚେତନତା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସମସ୍ତ ବ୍ଲକ ସଂଗଠନ ସଦସ୍ୟା ସଦସ୍ୟ ରାମେ ପଡିଆମୀ,ରେଲିଖିଲ ,ଡମ୍ବରୁଧର ନାୟକ,ଗଣପତି ଖିଲ, ଏରା ପଡିଆମୀ ଅଭିମନ୍ୟୁ ଶୁକ୍ରୀ, ରାଜେନ୍ଦ୍ର କବାସୀ,ଲାଲୀ ପଡିଆମୀ, ଅନିତା ମାଡକାମୀ, ବଳ ଜିରାମ, ରାଧିକା ମାଡକାମୀ ସାଥି କର୍ମୀ ରାମ ବଡ଼ନାୟକ, ମୁକୁନ୍ଦ ମାଡ଼କାମୀ, ଗୋବର୍ଦ୍ଧନ ପାଙ୍ଗି, ତ୍ରିନାଥ ବଡ଼ନାୟକ, ସୀତାରାମ ଦୁରୁଆ, ଶ୍ରୀନୁ ସେଲବମ, ମଦନ ହନ୍ତାଳ, ପଦଲାମ ହନ୍ତାଳ, ଶୁଭଶ୍ରୀ ମାଢି, ମୁକୁନ୍ଦ ମାଝୀ, ଶୁକ୍ରା ଗୁରୁତେଲି ସମେତ ସମସ୍ତ କର୍ମୀ ମାନେ ପରିଚାଳନା କରିଥିଲେ ।

# କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା

କେନ୍ଦ୍ରାପଡା, ୦୨/୧୦ (ନି.ପ୍ର): ଆଜି ସକାଳ ୯ ଘଟିକା ସମୟେର ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା କେନ୍ଦ୍ରାପଡା ବିଧାୟକ ଗେଣଶ୍ୱର ବେହେରାଙ୍କ ନେତୃତ୍ୱେର ଅନୁଷ୍ଠିତ ହୋଇଯାଇଛି । ସକାଳୁ ଗରାପୁର ଛକ ଗାନ୍ଧୀ ପୀଠେର ମାହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତୀ ମାଲ୍ୟାପର୍ଣ କରି ଶତାଧିକ ଦଳୀୟ କର୍ମୀ ଓ ପଦାଧିକାରୀଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାେର ପଦଯାତ୍ରା କରି ତିନିମୁହାଣୀସ୍ଥିତ ଦାଣ୍ଡି ଯାତ୍ରା ସ୍ମାରକୀ ପୀଠେର ପହ୍ଂଥିଲେ । ସେଠାେର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତେ ମାଲ୍ୟାପର୍ଣ କରାଯାଇଥିଲା । ତିନିମୁହାଣୀଠାେର ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାକୁ କେନ୍ଦ୍ରାପଡା ବ୍ଲକ ସଭାପତି ଅାଲୋକ ସାହୁ ପରିଚାଳନା କରିଥେ୍ଲ । ଏଥେ୍ର କେନ୍ଦ୍ରାପଡା ବିଧାୟକ ଗେଣଶ୍ୱର ବେହେରା ଉଦେ୍‌ବାଧନ ଦେଇ ଗାନ୍ଧୀ ଚିନ୍ତା ଓ ଚେତନାେର ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥେ୍ଲ । ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ପରିପ୍ରେକ୍ଷୀେର ଉଦେ୍‌ବାଧନ ରଖି ସେ କହିଥେ୍ଲ ଓଡିଶାର ପୂବର୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାନ୍ଧୀବାଦେର ବିଶ୍ୱାସ ରଖିବା ସହିତ ଭାରତର ସମ୍ବିଧାନର ମୁଖ ବନ୍ଧେର ଅହିଂସା ଶବ୍ଦକୁ ସ୍ଥାନିତ କରିବା ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ରଖିବା ତାଙ୍କର ଗାନ୍ଧୀଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧାର ପରିଚୟ ଦିଏ । ବିଜୁ ଜନତା ଦଳର ଜନ ମଙ୍ଗଳକାରୀ ଯୋଜନା ଗୁଡିକୁ ନେଇ ଲୋକମାନଙ୍କ ପାଖେର ପହଁଚିବା ପାଇଁ ଆହ୍ୱାନ ଦେଇଥେ୍ଲ । ଉକ୍ତ ସଭାେର ଜିଲ୍ଲାପରିଷଦର ସଭାପତି ଶୁଶ୍ରୀ ଲିଳିତା ଦାସ, ପୌରାଧକ୍ଷା ସରିତା ସାହୁ, ବିଜେଡି ଜିଲ୍ଲା ସଭାପତି ଧେ୍ରନ ସାହୁ, କେନ୍ଦ୍ରାପଡା ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ମାହାପାତ୍ର, ଜିଲ୍ଲା ମହିଳା ସଭାପତି ରୋସନା ସାହୁ, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ, ନଗର ମହିଳା ସଭାପତି ସ୍ୱୟଂପ୍ରଭା କର, ପୂବର୍ତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, କାଉନସିଲର ନିରାକାର ସ୍ୱାଇଁ, ପ୍ରଦିପ୍ତ ଜେନା, ଦୁର୍ଗା ପ୍ରସାଦ ପତି, ଶିବ ପ୍ରସାଦ ଭୋଳ, କଳାକାର ମଲ୍ଲିକ, ଜିଲ୍ଲା ଯୁବ ସଭାପତି ରଜେଶ ଦାସ, ଜିଲ୍ଲା ଛାତ୍ର ସଭାପତି ପ୍ରଦୀପ ସାହୁ, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ରବି ସାମଲ, ରାଜୁ କବୁେର, ରଜେଶ ପଣ୍ଡା, ରଜେଶ ମହାନ୍ତି, ମୁକ୍ତାର ଖାଁ, ହିଫ୍‌ଜୁଲ ରେହମାନ, ଏସ୍‌କେ ଚନ୍ଦନ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ନିମର୍ଳା ମହାନ୍ତି , ପ୍ରିୟଦର୍ଶିନୀ ତରାଇ, ସଙ୍ଗମ ସାମଲ, ପ୍ରକାଶ ସାହୁ, ରତିକାନ୍ତ ସାମଲ, ପ୍ରଦ୍ୟୁମ୍ନ ଜେନା, , ଅନନ୍ତ ସେଠୀ, ଟୁକୁ ବିଶ୍ୱାଳ, ନାରାୟଣ ପରିଡା, ପ୍ରଭାତ ଉଡାଣ ସିଂ, ଉପସ୍ଥିତ ଥେ୍ଲ । ଶେଷେର ନଗର ବିଜେଡି ସଭାପତି ଯଯାତି ମହାନ୍ତି ଧନ୍ୟବାଦ ଅପର୍ଣ କରିଥେ୍ଲ ।

# ନାଗରିକ ଦିବସରେ ବରିଷ୍ଠ ନାଗରିକଙ୍କୁ ଅଣଦେଖା କରି ଅପବାଦ ଦେବା ନିନ୍ଦନୀୟ : ବରିଷ୍ଠ ନାଗରିକ ସଙ୍ଘ

ସୁବର୍ଣ୍ଣପୁର, ୦୨/୧୦ (ନି.ପ୍ର):ସୁବର୍ଣ୍ଣପୁର ଏକ ଐତିହ୍ୟ , ସଂସ୍କୃତି ଉଚ୍ଚ ବ୍ୟବହାର ସମ୍ପନ୍ନ ଜିଲ୍ଲା। ଲୋକଙ୍କ ଆଚାର ବ୍ୟବହାରରେ ଜିଲ୍ଲାକୁ ଆସୁଥିବା ଅମଲା ତନ୍ତ୍ର ଓ ଦେଶ ବିଦେଶର ର୍ଯ୍ୟଟକ ମାନେ ବିମୁଗ୍ଧ ହୋଇ ଯାଆନ୍ତି । କିନ୍ତୁ ସେଇ ସେଇ ଅମଲାତନ୍ତ୍ର ଜିଲ୍ଲା ପ୍ରଶାସନ ଗତ କାଲିର ବରିଷ୍ଠ ନାଗରିକ ଦିବସରେ ବରିଷ୍ଠ ନାଗରିକଙ୍କୁ ଯେଉଁ ଭଳି ଭାବେ ଅଣ ଦେଖା କରିଛି ଅପବାଦ ଦେଇଛି ତାହା ନିନ୍ଦନୀୟ ଲଜ୍ଜା ଜନକ ବୋଲି ଶ୍ରୀ ଗୋପାଳଜୀ ଯୋଗାଳୟ ଠାରେ ଆୟୋଜିତ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ଖୁଲାସା କରିଛି । ଦୁଇ ଦୁଇ ଘଂଟା ଅପେକ୍ଷା କରାଇ ତିନୋଟି ସଭା ପରେ ବରିଷ୍ଠ ନାଗରିକଙ୍କ ସଭା ଆରମ୍ଭ କରିବା, ସାତ ଲାଇନ୍ ଲେଖା ସମ୍ମାନ ପତ୍ରରେ ପାଂଚଟି ଭୁଲ୍ ଥିବା ଓ ପ୍ରତ୍ୟେକ କ୍ଷେତ୍ରରେ ସେବାରେ ଅବହେଳାର ଶିକାର ହେଉଥିବା ବରିଷ୍ଠ ନାଗରିକ ଏବଂ ଉପସ୍ଥିତ କର୍ମକର୍ତା ଦୀର୍ଘ ଦିନରୁ ଜମି ରହିଥିବା ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଯେଉଁ ପ୍ରଶାସନକୁ ବିଗତ ଦିନରେ ହକି ବିଶ୍ୱ କ, ରାହାଗିରି, ଜିଲ୍ଲା ଉତ୍ସବ ାଳନ କରିବା ବେଳେ ସମସ୍ତ ପ୍ରକାର ସହଯୋଗ ଦେଇ ଆସିଛି ଆମେ ତାଙ୍କ ଠୁଁ ଏଭଳି ବ୍ୟବହାର କେବେ ଆଶା କରି ନ ଥିଲୁ ବୋଲି ସଂଘ ସଭାପତି ଡ଼ଃ ଜ୍ୟୋତି ରଂଜନ ବହିଦାର ପ୍ରକାଶ କରିଛନ୍ତି । ଏବଂ ଚେତାବନୀ ଦେଇଛନ୍ତି ପ୍ରଶାସନକୁ ଯେ ବରିଷ୍ଠ ନାଗରିକଙ୍କୁ ଘୃଣା କରି ପାର ହେଲେ ଦୟା କର ନାହିଁ । ଯେଉଁ ପ୍ରଶାସନ ବରିଷ୍ଠ ନାଗରିକ ଦିବସରେ ବରିଷ୍ଠ ନାଗରିକଙ୍କୁ ସମୟ ଟିକେ ଦେଇ ପାରେନି ସେ ଜିଲ୍ଲାର ବିକାଶ କେତେ ଆଗେଇ ଥିବ ତାହା ଏଥିରୁ ଜଣା ପଡେ ବୋଲି ବରିଷ୍ଠ ନାଗରିକ ପ୍ରଦୀ ପୁରୋହିତ ମତ ରଖି ବର୍ତମାନ ଓଡ଼ିଆ ଅସ୍ମିତା ଓ ମର୍ଯ୍ୟାଦା କଥା କହୁଥିବା ମୁଖ୍ୟମନ୍ତ୍ରୀ ଏଇ ଜିଲ୍ଲାରେ ଏଭଳି ସୁଶାସନ ଦେଇପାରୁନଥିବା ଜିଲ୍ଲାପାଳଙ୍କୁ ତୁରନ୍ତ ବଦଳି କରିବା ପାଇଁ ଦାବୀ କରିଛନ୍ତି । ସରକାରଙ୍କ ଆକ୍ସନ୍ ନ ହେବା ଯାଏଁ ଆଗାମୀ ଦିନରେ ପ୍ରଶାସନର ସବୁ ସଭା ସମିତିକୁ ବୟକଟ କରିବୁ ବୋଲି ଶ୍ରୀ ପୁରୋହିତ ପ୍ରକାଶ କରିଛନ୍ତି । ଅମଲା ତନ୍ତ୍ରରେ ପରିଚାଳିତ ନ ହୋଇ ଲୋକତନ୍ତ୍ରରେ ଆଗେଇ ଆସିବାକୁ ଜିଲ୍ଲାର ବିକାଶ ପାଇଁ ପ୍ରଶାସନ ମୁକାବିଲା କରିବାକୁ ଦାବୀ ଜଣାଇଛନ୍ତି । ବରିଷ୍ଠ ନାଗରିକଙ୍କ ହକ ପାଇଁ, ଜିଲ୍ଲା ର ସାମଗ୍ରିକ ବିକାଶ ପାଇଁ ବରିଷ୍ଠ ନାଗରିକ ସଂଘ ଲଢେଇ କରିବ ଦରକାର୍ ହେଲେ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ବରିଷ୍ଠ ନାଗରିକ ତଥା ସାମ୍ବାଦିକ ଗୋରେଖ୍ ନାଥ ସାହୁ ପ୍ରକାଶ କରିଛନ୍ତି ।

# ଦୁର୍ଗାପୂଜା ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୦୩/୧୦ (ନି.ପ୍ର): ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଆଜି ଅପରାହ୍ନ ଘ. ୪.୩୦ମି ସମୟରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ ଦତ୍ତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ମାନ୍ୟବର ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ ଓ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ ଯୋଗଦେଇଥିଲେ ଓ ଏଥିସହିତ ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସମେତ ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ, ବିଭାଗୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ଓ ଡିଏସ୍ପି ସିଟି ଶ୍ରୀ ଶୁଭ୍ରାଂଶୁ ଶେଖର ନାୟକ ସଭା ପରିଚାଳନା କରିବା ସହିତ ବିଭିନ୍ନ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । ଦୁର୍ଗାପୂଜା ଲାଗି ବାଲେଶ୍ୱର ସହରରେ ପ୍ରାୟ ୯୫ଟି ମେଢ ନିର୍ମିତ ହେବାକୁ ଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଭସାଣୀ ଯାତ୍ରା ନିଜନିଜର କ୍ରମାଙ୍କ ଅନୁଯାୟୀ ଅନୁମୋଦିତ ସମୟ ମଧ୍ୟରେ ଶୋଭାଯାତ୍ରା ସାରି ମୂର୍ତ୍ତି ବିସର୍ଜନ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି ଓ ସେହିପରି ବାଡି ଖେଳରେ ଯେପରି ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତ୍ରଶସ୍ତ୍ର ବ୍ୟବହାର ନ ହୁଏ ସେଥିପାଇଁ କମିଟିଗୁଡିକ ଯତ୍ନବାନ ହେବା ସହ ପୋଲିସ ତନଖି କରିବାକୁ ମତପ୍ରକାଶ ପାଇଥିଲା । ଏହି ସମୟ ମଧ୍ୟରେ ଆଇନଶୃଙ୍ଖଳା ଏବଂ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି । ଭସାଣୀ ଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ଏବଂ ଡି.ଜେ ମ୍ୟୁଜିକ ସିଷ୍ଟମ ଓ ଲେଜର ଲାଇଟ ଉପରେ କଟକଣା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ପୂଜା କମିଟିମାନଙ୍କୁ ସମସ୍ତ ପ୍ରକାର ଅନୁମତି ପତ୍ର ଏବଂ ଆପତ୍ତି ବିହୀନ ପ୍ରମାଣପତ୍ର ଯୋଗାଇ ଦିଆଯିବ। ଆଖଡା ଖେଳ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ନିର୍ଦ୍ଧାରିତ ସମୟରେ ଏହାକୁ ଆରମ୍ଭ ଓ ଶେଷ କରିବା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ମରାମତି, ମାଦକ ଦ୍ରବ୍ୟ ନିଷେଧ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସମ୍ପର୍କରେ ଏହି ବୈଠକରେ ସବିଶେଷ ଆଲୋଚନା କରାଯାଇଥିଲା । ବିଶେଷ କରି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ବୈଠକରେ ମତାମତ ପ୍ରକାଶ ପାଇଥିବା ବେଳେ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶବ୍ଦର ତୀବ୍ରତା ୬୫ଡେସିବଲ ମଧ୍ୟରେ ସୀମିତ ରହିବ ଏବଂ ଏହାର ଉଲ୍ଲଙ୍ଘନ ହେଲେ ଆଇନ ଅନୁଯାୟୀ ପଦେକ୍ଷପ ନିଆଯିବ। ଶୂନ୍ୟଶବ୍ଦ ଅଞ୍ଚଳରେ ଶୋଭାଯାତ୍ରା ଗଲାବେଳେ କୌଣସି ଶବ୍ଦ ଯେପରି ନ ହୁଏ ତାହା ପୂଜା କମିଟି ମାନେ ନିଶ୍ଚିତ କରିବେ। ମେଢ଼ ଗୁଡ଼ିକରେ ସି.ସି.ଟି.ଭି ଲଗାଇବା ପାଇଁ ପୂଜା କମିଟି ସଦସ୍ୟମାନଙ୍କୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ଓ ଆସନ୍ତା ଦୁର୍ଗାପୂଜାକୁ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଜିଲ୍ଲାପାଳ ଶ୍ରୀ ବିକାଶ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ଦାବି ପୂରଣ ପାଇଁ ବ୍ଲକ ସମ୍ମୁଖରେ ଗ୍ରୀନ କାର୍ଡଧାରୀ ମହିଳାଙ୍କ ବିକ୍ଷୋଭ




ଲଙ୍ଗଳେଶ୍ୱର ୦୩/୧୦ (ନି ପ୍ର ) ସବୁଜ ପତ୍ରିକାଧାରୀ ମହିଳାମାନଙ୍କୁ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ସହାୟତା ଯୋଗାଇବା ଦେବା ଦାବିରେ ଗୁରୁବାର ବାଲିଆପାଳ ବ୍ଲକ ସମ୍ମୁଖରେ ପତ୍ରିକା ଧାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।ସୂଚନା ଅନୁଯାୟୀ, ଦୁଇଟି ପିଲା ପରେ ଯୋଉଁ ମହିଳା ମାନେ ପରିବାର ନିୟୋଜନ ଅସ୍ତ୍ରୋପଚାର କରିବେ ସେହି ମହିଳାମାନଙ୍କୁ ସବୁଜ ପତ୍ରିକା ପ୍ରଦାନ କରଯାଇ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବ୍ୟବସ୍ଥା କରିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଏହି ପତ୍ରିକାଧାରୀ ହିତାଧିକାରୀମାନଙ୍କୁ କୌଣସି ସରକାରୀ ସହାୟତା ମିଳୁନାହିଁ। ବିଶେଷ କରି ୨୦୦୮ ମସିହା ଠାରୁ ସରକାର ଏହି ହିତାଧିକାରୀମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି ଯାହାକୁ ନେଇ ଆଜି ବାଲିଆପାଳ ବ୍ଲକ ସମ୍ମୁଖରେ ଶତାଧିକ ହିତାଧିକାରୀ ବିକ୍ଷୋଭ କରିବା ସହିତ ବାଲିଆପାଳ ବିଡ଼ିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ହିତାଧିକାରୀମାନଙ୍କୁ ଭତ୍ତାଦେବା, ସେମାନଙ୍କ ପିଲାମାନଙ୍କ ପଢାଖର୍ଚ୍ଚ , ସରକାରୀ ଚାକିରୀ ସମେତ ୮ ଡେସିମିଲ ଜମି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ପ୍ରତିଶ୍ରୁତି ରେ ହିଁ ରହିଥିବା ଅଭିଯୋଗ ହୋଇଛି। ଦୁସ୍ଥ ପୀଡ଼ିତ କାର୍ଡ ଧାରୀଙ୍କୁ ସମସ୍ତ ସ୍ୱାସ୍ଥ୍ୟ ଖର୍ଚ୍ଚ ଦିଆଯାଉ, କ୍ଷତି ଗ୍ରସ୍ତଙ୍କୁ କ୍ଷତି ପୂରଣ ଦିଆଯାଉ ଓ ନିର୍ବାଚନରେ ସେମାନଙ୍କ ପାଇଁ ସରଂକ୍ଷଣ ବ୍ୟବସ୍ଥା କରାଯାଉ। ଦାବି ପୂରଣ ନହେଲେବାଲିଆପାଳ ଭିଟାମାଟି ସୁରକ୍ଷା ମଞ୍ଚ ସଭାପତି ଅରୁଣ ଜେନା, ସୂଚନା ଅଧିକାର ଅଭିଯାନ ସଂଘ ର ସଭାପତି ଅନୁଜ କୁମାର ମହାପାତ୍ର, ଗଣ ଚେତନା ମଞ୍ଚ ସଭାପତି କୁଷଧ୍ୱଜ ଜେନା, ମୃତ୍ୟୁଞ୍ଜୟ ରାଉତ, ନନ୍ଦନ ପାଲ, ମନୋଜ ନାୟକ, ଦେବେନ୍ଦ୍ର ଦାସ, ବିପିନ ଦାସ, ଶରତ କୁମାର ପାତ୍ର, ସୁବୋଧ କୁମାର ପାତ୍ର, ବାସନ୍ତୀ ପରିଡା, ଭାରତୀ ରାଉତ, ଜ୍ୟୋସ୍ନା ରାଣୀ ସାମଲ, ଆଶାଲତା ଆଚାର୍ଯ୍ୟ, ବାସନ୍ତୀ ରାଉତ, ହେମାଙ୍ଗିନୀ କୁହ୍ଲାରୀ ପ୍ରମୁଖ ଆନ୍ଦୋଳନ ଜୋର ଦାର ହେବ ବୋଲି ଚେତାବନୀ ଦେଇଛନ୍ତି।

# 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର, ୦୩/୧୦ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ପ୍ୱିତ୍ର ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ସଚେତନତା କାର୍ଯ୍ୟ କ୍ରମରେ ଗଣଦୌଡ, ସଫେଇ, ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ପ୍ରବନ୍ଧ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଏହି ଉତ୍ସବ ନୀଳମଣି ଟାଉନ ହଲ୍ ପରିସରରେ ହୋଇଥିଲା । ସିଟି ମିଶନ ପରିଚାଳକ ଗଦାଧର ସାହୁ ସଂଯୋଜନା କରିଥିଲେ । ବାସୁଦେବପୁର ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସେବା କାର୍ଯ୍ୟ କ୍ରମ ର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ବିଭିନ୍ନ ଅନୁଷ୍ଠାନର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ନୃତ୍ୟ, ସଂଗୀତ ଓ କ୍ଷୁଦ୍ର ନାଟକ ପରିବେଷଣ କରା ଯାଇଥିଲା । କୃତି ପ୍ରତିଯୋଗୀ ଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା । ପୌର ପାଳିକା ର ପରିମଳ ପରାମର୍ଶ ଦାତା ବିଶ୍ୱ ରଞ୍ଜନ ଜେନାଙ୍କ ସହିତ ବାଦଲ ନାୟକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନୂତନ ରୋଟାରାକ୍ଟ କ୍ଲବ ଗଠନ



ନୀଳଗିରି, ୦୩/୧୦ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜର ପାଠ୍ୟକ୍ରମ ସହ ବିଭିନ୍ନ ସମାଜ ସେବା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥାଆନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପରାମର୍ଶ ତଥା ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବାଲେଶ୍ୱର ରୋଟାରୀ କ୍ଲବର ସହଯୋଗ ଓ ପ୍ରାୟୋଜନା ରେ ନୂତନ ରୋଟାରାକ୍ଟ କ୍ଲବ ଗଠନ କରାଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଏହି କ୍ଲବ ଗଠନର ସଂଯୋଜକ ଡ଼କ୍ଟର ପ୍ରତିମା ପ୍ରଧାନ ତଥା ବାଲେଶ୍ୱର ରୋଟାରୀ କ୍ଲବର ପ୍ରେସିଡେଣ୍ଟ କର୍ଣ୍ଣଲ କ୍ଷେତ୍ରମୋହନ ମହାପାତ୍ର, ସେକ୍ରେଟେରୀ ପ୍ରବଳ ସିହ୍ନା, ଉପଦେଷ୍ଟା ସୁବ୍ରତ କୁମାର କର, ଦେବେନ୍ଦ୍ର କୁମାର ଧଳ, ଏସ.କେ ଅସଗର ଅଲ୍ଲୀ, ଚିତ୍ତରଞ୍ଜନ ବେହେରା ପ୍ରମୁଖ ସଦସ୍ୟଙ୍କ ଉପସ୍ଥିତି ରେ ଏହି କ୍ଲବ ସଂପର୍କିତ ବିଭିନ୍ନ ତଥ୍ୟ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହି କ୍ଲବ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା, ଦାୟିତ୍ୱ ନିର୍ବାହ, ନେତୃତ୍ୱ, ଏକତାଭାବ, ସ୍ୱେଚ୍ଛାସେବୀ ମନୋଭାବ, ଗୋଷ୍ଠୀ ତଥା ସାମାଜିକ ତତ୍ତ୍ୱ ସହ ସଂଯୋଗ ସ୍ଥାପନ ଇତ୍ୟାଦି ସଂପର୍କରେ ଆଲୋଚନା କରାଯାଇଥିଲା। ଦେଶ ଓ ରାଜ୍ୟ ସ୍ତରରେ ରୋଟାରୀ କ୍ଲବ ଓ ଏଥି ଅନ୍ତର୍ଭୁକ୍ତ କାର୍ଯ୍ୟକଳାପର ଭୂମିକା ବିଷୟରେ ଛାତ୍ରଛାତ୍ରୀମାନେ ପଚାରି ବୁଝିଥିଲେ। ଏହାସହିତ ଏହି କ୍ଲବର ପରିଚାଳନା ପାଇଁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ପ୍ରଦାନ କରାଯାଇଥିଲା। ପ୍ରେସିଡେଣ୍ଟ ସ୍ଲୋଗାନ ବାରିକ, ସେକ୍ରେଟେରୀ ମନୀଷା ସାହୁ, ଭାଇସ-ପ୍ରେସିଡେନ୍ଟ ସୁଶ୍ରୀ ବାରିକ, ଯୁଗ୍ମ ସଚିବ ଋତୁରାଜ ମହାପାତ୍ର, କୋଷାଧ୍ୟକ୍ଷ ଆଶିଷ କୁମାର ସାମଲ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ରୋଟାରୀ କ୍ଲବର ସଦସ୍ୟଙ୍କୁ ବିଶ୍ୱବିଦ୍ୟାଳୟରେ କ୍ଲବ ଗଠନରେ ସହଯୋଗ ପାଇଁ ଅଭିନନ୍ଦନ ଜ୍ଞାପନ କରିବା ସହ ଛାତ୍ରଛାତ୍ରୀଙ୍କୁ ଏହି କ୍ଲବର ଅଂଶବିଶେଷ ଭାବେ ସମାଜ ପାଇଁ ନିଷ୍ଠାର ସହିତ କର୍ମ କରିବାକୁ ଉତ୍ସାହିତ କରିଥିଲେ ।

# ଛାତ୍ରଛାତ୍ରୀଙ୍କ ପୋଷାକ ତିଆରିକୁ ନେଇ ବିଇଓ କାଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା



ଜଳେଶ୍ୱର , ୦୩/୧୦ (ନି.ପ୍ର):ସରକାରଙ୍କ ଦ୍ୱାରା ବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଯୋଗାଇ ଦିଆଯାଇଥିବା ପୋଷାକ ତିଆରିକୁ ନେଇ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା ଜଳେଶ୍ୱର ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା । ସୂଚନାନୁଯାୟୀ ସରକାରଙ୍କ ନିୟମମୁତାବକ ବିଦ୍ୟାଳୟ ଗୁଡିକରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଇଥିବା ପୋଷାକର ସିଲେଇ ପାଇଁ ସ୍ୱୟଂସହାୟକ ଗ୍ରୁପର ମହିଳାମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ସରକାର ନିୟମ କରିଛନ୍ତି । ସେହି ନିୟମ ମୁତାବକ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀ ଗୁଡିକୁ ଚୟନ କରି କାଯ୍ୟାଦେଶ ଦେଇଛନ୍ତି । କିନ୍ତୁ ଏହି କାଯ୍ୟ ବଣ୍ଟନରେ ଚଂଚକତା ହୋଇଛି ବୋଲି ଗୋବର୍ଦ୍ଧନପୁର ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ ଜଳେଶ୍ୱର ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଦିନ ସମୟରେ ଧାରଣା ଦେଇଥିବାର ଦେଖିବାକୁ ମିଳିଛି । ମହିଳା ମାନଙ୍କ କହିବାଅନୁଯାୟୀ ବହୁ ଗ୍ରୁପର କୌଣସୀ ପୋଷାକ ତିଆରି ସରଂଜାମ ନ ଥିବା ବେଳେ ସେମାନଙ୍କୁ ଅଧିକ ବିଦ୍ୟାଳୟର କାଯ୍ୟ ଦିଆଯାଇଥିବା ବେଳେ ଯେଉଁ ମାନଙ୍କର ସିଲେଇ ସିଲେଇ ମେସିନ ଓ ଲୋକବଳ ରହିଛି ସେମାନଙ୍କୁ କମ୍ କାଯ୍ୟଦେଇଛନ୍ତି । ତେଣୁ ତୁରନ୍ତ ଏହି ଏହି କାଯ୍ୟାଦେଶକୁ ରଦ୍ଧ କରାଯାଇ ନୂତନ କାର୍ଯ୍ୟାଦେଶ ଦେବାପାଇଁ ଦାବୀ କରିଛନ୍ତି । ଗୋଷ୍ଠୀର ମହିଳା ମାନେ ଜଳେଶ୍ୱର ବିଇଓ ଜଗବନ୍ଧୁ ଜେନାଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ । ଶେଷରେ ସମସ୍ତ କାର୍ଯ୍ୟାଦେଶର କରିବା ସହିତ ନୂତନ ଭାବେ କାର୍ଯ୍ୟାଦେଶ ବଣ୍ଟନ କରାଯିବ ବୋଲି ବିଇଓ ପ୍ରତିଶ୍ରୁତି ପରେ ଧାରଣା ଭଙ୍ଗ ହୋଇଥିଲା ।

# ଅସ୍ୱାଭାବିକ ଭାବେ ବୃଦ୍ଧଙ୍କର ମୃତ୍ୟୁ

ଜୟପୁର, ୦୩/୧୦ (ନି.ପ୍ର): ଅସ୍ୱାଭାବିକ ଭାବେ ବୃଦ୍ଧର ମୃତ୍ୟୁ ହୋଇଛି । ମୃତ ବୃଦ୍ଧ ଜଣକ ହେଉଛନ୍ତି କଙ୍ଗା ପଂଚାୟତ ସଲଫିଆଗୁଡା ଗ୍ରାମର ରେଲୁ ଅମାନତ୍ୟ (୫୨) । ପୋଲିସ ସୁଚନା ଅନୁଯାଇ ଜୟପୁର ସହର ଢେପଗୁଡା ଚଚ୍ଚ ସମ୍ମୁଖରେ ରେଲୁ ଅମାନତ୍ୟ ମୃତ୍ୟ ବରଣ କରିଥିଲେ । ଜୟପୁର ଟାଉନ ପୋଲିସ ସୁଚନା ପାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଶବ ବ୍ୟବଛେଦ କରାଯାଇ ଆଜି ଅପରାହ୍ନ ୨ ଘଂଟା ସମୟରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ଶିଳ୍ପ ହବ୍ ହେବ...

ତେଣୁ ମେଟାଲ ଓ ମାଇନିଂ କ୍ଷେତ୍ରରେ ପୁଞ୍ଜି ନିବେଶକଙ୍କ ଆଗ୍ରହ ବଢ଼ିବା ସ୍ୱାଭାବିକ। ତେବେ ଯେଉଁ କ୍ଷେତ୍ରରେ କମ୍ ପୁଞ୍ଜିନିବେଶରେ ଅଧିକ ଆୟ ସାଙ୍ଗକୁ ଅଧିକ ସ୍ଥାନୀୟ ନିଯୁକ୍ତି ଦେଇ ହେବ ସେ ଦିଗରେ ସରକାର ଫୋକସ୍ କଲେ ଭଲ୍। ଓଡ଼ିଶାରେ ପର୍ଯ୍ୟଟନର ଭରପୁର ସମ୍ଭାର ଥିବାରୁ ଏହାକୁ ବିଶ୍ୱ ସ୍ତରୀୟ କରିବାରେ ଉଦ୍ୟମ କରାଗଲେ ବେଶି ଫାଇଦା ମିଳିବ। ନୂଆଦିଲ୍ଲୀରେ ଆୟୋଜିତ ଆମ୍ବାସଡର୍ସ ମିଟ୍ ରେ ୩୪ଟି ଦେଶର ପ୍ରତିନିଧିଙ୍କ ସହ ୯ଟି ଅନ୍ତରାଷ୍ଟ୍ରୀୟ ବ୍ୟବସାୟୀ ସଂଘ ମଧ୍ୟ ଅଂଶ ଗ୍ରହଣ କରିଥିଲେ।

## ପାର୍ବଣରେ ବାଜିବ ...

କାମ ଶେଷ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ରାସ୍ତା ଉପରେ ତୋରଣ ନିର୍ମାଣ ପ୍ରସଙ୍ଗରେ କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶରେ କୋହଳ କରିବା ପାଇଁ କେତେକ ପୂଜା କମିଟି ଅନୁରୋଧ କରିଥିଲେ। ତୋରଣ ନିର୍ମାଣ କାମ ଯଥେଷ୍ଟ ଅଗ୍ରଗତି ହୋଇଥିବାରୁ ଏହା ବନ୍ଦ କରିବା କଷ୍ଟକର ବ୍ୟାପାର ବୋଲି କୁହାଯାଇଥିଲା। ଆସନ୍ତା ବର୍ଷରୁ ରାସ୍ତା ଉପରେ ତୋରଣ ନିର୍ମାଣ କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପାଇଁ ମଧ୍ୟ କହିଥିଲେ ପୂଜା କମିଟି। ହେଲେ କୋର୍ଟ ସେହି ଅନୁରୋଧକୁ ଗ୍ରହଣ ନକରି ଲୋକଙ୍କୁ ସମସ୍ୟାରେ ନପକାଇବା ସହ ଧନଜୀବନ ଯେଭଳି ହାନି ନହୁଅ, ସେନେଇ ଧ୍ୟାନ ଦେବାକୁ କହିଛନ୍ତି। ଆଜିର ଶୁଣାଣିରେ ସିଏମସି କମିସନର, ସିଟି ଇଞ୍ଜିନିୟର, ସ୍ୱାସ୍ଥ୍ୟ ଅଧିକାରୀ, ଆରଏଣ୍ଡବି ଯନ୍ତ୍ରୀ, ଡିସିପି, ଅଗ୍ନି ନିର୍ବାପକ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ।

## ଓଡ଼ିଶାରେ ଅଛନ୍ତି ୬୯୬...

ଏହାକୁ ନେଇ ଉଠିଛି ପ୍ରଶ୍ନ। ଖୋଦ୍ ଜଙ୍ଗଲ ମନ୍ତ୍ରୀ ବି କହିଛନ୍ତି, ଯଦିଓ ଚଳିତ ଗଣନାରେ କଲରାପତରିଆଙ୍କ ସଂଖ୍ୟା ବଢ଼ିଛି, ତାହା ଆହୁରି ବଢ଼ିବା କଥା। ନିୟମିତ ଶିକାର ଓ ବାଘଛାଲ ଜବତ ଯୋଗୁ କଲରାପତରିଆ ସଂଖ୍ୟା ହ୍ରାସ ପାଇଛି ବୋଲି କୁହାଯାଉଛି। ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ୨୦୧୮ ଓ ୨୦୨୨ରେ ଘଞ୍ଚଉଇର ଗଣନା ଷ୍ଟାଟିଷ୍ଟିକଲ ମଡେଲ ଥିଲା। ସେମାନେ ଶିମିଳିପାଳ ଓ ସାତକୋଶିଆ ଭଳି ସୀମିତ ସ୍ଥାନରେ କ୍ୟାମେରା ଲଗାଉ ଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ ନିଜସ୍ୱ କଲରାପତରିଆ ଗଣନା ବେଳେ ୪୭ଟି ଡିଭିଜନରେ କ୍ୟାମେରା ଲଗାଯାଇଥିଲା। ୨୦୧୮ ରେ ଷ୍ଟାଟିଷ୍ଟିକାଲ ଏରର ୩୫% ଥିଲା। ୨୦୧୬ ରେ ୩୩% ଏରର ହୋଇଥିଲା। ଏଥର କ୍ୟାମେରା ଟ୍ରାପରେ ୨୮୪ରୁ ୨୯୬ ବିରଳ କଲରାପତରିଆ ଚିହ୍ନଟ ହୋଇଛନ୍ତି। ଆମର ଏଷ୍ଟିମେସନ ଷ୍ଟାଟିଷ୍ଟିକାଲ ଏରର ୧୦%ରୁ କମ। କିନ୍ତୁ ଘଞ୍ଚଉଇର ୟୁନିକ୍ କଲରାପତରିଆ ସଂଖ୍ୟା ୧୦୦ ତଳେ ଥିଲା। ତଥ୍ୟ ଅନୁସାରେ, ଶିମିଳିପାଳ ଅଭୟାରଣ୍ୟ ଥିବା ମୟୂରଭଞ୍ଜ-କେନ୍ଦୁଝରର ଲ୍ୟାଣ୍ଡସ୍କେପରେ ସର୍ବାଧିକ ୨୦୦ କଲରାପତରିଆ ଅଛନ୍ତି। ସାତକୋଶିଆ- ଆଠମଲ୍ଲିକ- ବୌଦ୍ଧ ଲ୍ୟାଣ୍ଡସ୍କେପରେ ୧୫୦ରୁ ୧୬୦, ହୀରାକୁଦ- ରେଢ଼ାଖୋଲ- ସମ୍ବଲପୁର ଲ୍ୟାଣ୍ଡସ୍କେପରେ ୭୦ରୁ ୮୦, ଖରିଆର- ସୁନାବେଢ଼ା ଅଞ୍ଚଳରେ ୪୦-୫୦ ପାଖାପାଖି ଓ ଢେଙ୍କାନାଳ ଅଞ୍ଚଳରେ ପ୍ରାୟ ୨୦ଟି କଲରାପତରିଆ ରହିଛନ୍ତି। ଆମ ରାଜ୍ୟରେ ଘଞ୍ଚ ଜଙ୍ଗଲ ଥିବାରୁ କଲରାପତରିଆ ବାଘ ସଂଖ୍ୟା ବଢ଼ିବାର ଆଶଙ୍କା କମ୍। କଲାପତରିଆ ସଂଖ୍ୟ ୭ଶହ ରୁ ୮ଶହ ରହିବ ବୋଲି ପିସିସିଏଫ୍ ଆକଳନ କରିଛନ୍ତି।

## ବବିଙ୍କ ଆକାଂକ୍ଷାରେ ପାଣି ଫଟେଇ...

ହେବା ପରେ ଆଜି ଗଣମାଧ୍ୟମ ସାମ୍ନାକୁ ଆସି ସ୍ପଷ୍ଟୀକରଣ ରଖିଛନ୍ତି ଯାଜପୁର ବିଜେଡି ବିଧାୟିକା ସୁଜାତା ସାହୁ। ସେ କହିଛନ୍ତି ମୁଁ ଇସ୍ତଫା ଦେବାର ନାହିଁ କି ବବି ଦାସ ଉପନିର୍ବାଚନ ଲଢ଼ିବାର ନାହିଁ। ଯାହା ଚର୍ଚ୍ଚା ହେଉଛି ତାର କୌଣସି ସତ୍ୟତା ନାହିଁ। ଅନ୍ୟପକ୍ଷରେ ମହିଳା କାର୍ଡ ଖେଳି କହିଛନ୍ତି, ବିଜେଡି ସବୁବେଳେ ମାଆମାନଙ୍କୁ ସମ୍ମାନ ଦେଇଆସିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ୍ ଶକ୍ତି ମା ହିସାବରେ ମୋତେ ନିଜେ ଟିକଟ୍ ଦେଇଥିଲେ। ସେପଟେ ବିଜେପି ବିଧାୟକ ଅମର ନାୟକ କହିଛନ୍ତି କ୍ଷମତାରୁ କିଛି ମାସ ଦୂରେଇ ବିବ୍ରତ ହୋଇଯାଉଛନ୍ତି ବବି। ସମ୍ବଲପୁରରେ ଲଢି ସେ ଫଳ ପାଇଛନ୍ତି। ଯାଜପୁର ଲୋକେ ବୋକା ନୁହନ୍ତି। ସେପଟେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯାଜପୁର ଉପନିର୍ବାଚନ ନେଇ ଦଳ କୌଣସି ନିଷ୍ପତ୍ତି ନେଇନାହିଁ। ୨୪ ବିପର୍ଯ୍ୟୟ ପରେ ଦଳ ଭିତରୁ ବବି ଦାସଙ୍କୁ ପ୍ରବଳ ବିରୋଧ କରାଯାଉଛି। ଯେଉଁଥିଲାଗି କୌଣସି କମିଟିରେ ବି ବବିଙ୍କୁ ରଖିନାହାନ୍ତି ସୁପ୍ରିମୋ ନବୀନ ପଟ୍ଟନାୟକ। ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ନିର୍ବାଚନର ୪ ମାସ ପରେ ବବି ପୁଣି ସଭାମଞ୍ଚକୁ ଯିବା ଓ ନିଜ ନିର୍ବାଚନ ମଣ୍ଡଳୀରେ ଦମ୍ଭୋକ୍ତି ପ୍ରକାଶ କରିବା ଭିନ୍ନ ଦିଗକୁ ଇଙ୍ଗିତ କରୁଛି। ଯଦି ବବି ଯାଜପୁର ବିକାଶ ପାଇଁ ବିଜେଡିକୁ ଶ୍ରେୟ ଦେଉଛନ୍ତି ତେବେ ଯାଜପୁର ବିଧାୟିକା ମାତ୍ର ଅଢେଇ ହଜାରର ଅତି କମ୍ ଭୋଟ୍ ବ୍ୟବଧାନରେ କେମିତି ଜିତିଲେ ? ଯାଜପୁର ଭୋଟର୍ କାହିଁକି ପୂର୍ବଭଳି ଆଉ ବିଜେଡିକୁ ଭରସା କରିପାରୁ ନାହାନ୍ତି ? ରାଜନୈତିକ ସମୀକ୍ଷକଙ୍କ ମତ ହେଲା ଦଳ ଭିତରେ ନିଜର ପକଡକୁ ପୁଣିଥରେ ମଜବୁତ କରିବାକୁ ବବି ଏଭଳି ବୟାନ ଦେଇଛନ୍ତି। ଅନ୍ୟପଟେ ଗତକାଲି ବବି କହିଥିଲେ, ୪ ବର୍ଷ ଜେଲ୍ ଯିବାକୁ ପ୍ରସ୍ତୁତ ଅଛି। ମତେ ଯେତେ ଭାଙ୍ଗିବାକୁ ଚେଷ୍ଟା କଲେ ବି ନବୀନ ପଟ୍ଟନାୟକଙ୍କ ପାଖରୁ ମତେ କେହି ଦୂରେଇ ପାରିବ ନାହିଁ। ଜବାବରେ ବିଜେପି କହିଛି ସମୟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୧୧ଲକ୍ଷ କୋଟି ...

ତୈଳ ମୂଲ୍ୟରେ ବୃଦ୍ଧି ଭାରତ ଭଳି ଦ୍ରବ୍ୟ ଆମଦାନୀ କରୁଥିବା ଦେଶ ପାଇଁ ନକାରାତ୍ମକ ସାବ୍ୟସ୍ତ ହେବ। କାରଣ ଅଶୋଧିତ ତୈଳ ଦେଶର ଆମଦାନୀ ବିଲରେ ବିଶେଷ ଅବଦାନ ଦେଇଥାଏ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏମ ଆଣ୍ଡ ଏମ, ଏଲ ଆଣ୍ଡ ଟି ଏବଂ ଭାରତ ଏୟାରଟେଲ ସେୟାର ଅଧିକ ହ୍ରାସ ପାଇଥିଲା। ସେହି ସମୟରେ ଜେଏସଡବ୍ଲୁ ଷ୍ଟିଲ୍ ଏବଂ ଟାଟା ଷ୍ଟିଲ୍ ଏକମାତ୍ର ଷ୍ଟକ୍ ଥିଲା ଯାହା ଲାଭ ସହିତ ଖୋଲିଥିଲା। ମଧ୍ୟପ୍ରାଚ୍ୟରେ ବିବାଦ ବଢ଼ିବା ନେଇ ଚିନ୍ତାରେ ନିଫ୍ଟି ତୈଳ ଏବଂ ଗ୍ୟାସ ସୂଚକାଙ୍କ ପ୍ରାରମ୍ଭିକ କାରବାରରେ ୧.୨% ରୁ ଅଧିକ ହ୍ରାସ ପାଇଥିଲା। ଇଣ୍ଡେକ୍ସରେ ହିନ୍ଦୁସ୍ତାନ ପେଟ୍ରୋଲିୟମ, ଆଇଓସି ଏବଂ ଜିଏସପିଏଲ୍ ସବୁଠୁ ବଡ ପଛରେ ଥିଲା। ଏହି ସମୟରେ, ଭାରତ ଭିଆଏକ୍ସ ୮.୯% ରୁ ୧୩.୦୬%କୁ ବୃଦ୍ଧି ପାଇଥିଲା। ଘରୋଇ ଷ୍ଟକ୍ ବଜାରରେ ହ୍ରାସର ମୁଖ୍ୟ କାରଣ ମଧ୍ୟରେ ଇରାନ ଏବଂ ଇସ୍ରାଏଲ ବିବାଦ ରହିଛି। ପଶ୍ଚିମ ଏସିଆରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବଢୁଥିବା ତିକ୍ତତା ବିଶ୍ୱବଜାର ପାଇଁ ଚିନ୍ତାର କାରଣ ପାଲଟିଛି। ଆଗାମୀ ଦିନରେ ଅଶୋଧିତ ତୈଳ ଉତ୍ପାଦନ ଉପରେ ପ୍ରଭାବ ପକାଇବାର ଆଶଙ୍କା ରହିଛି। ଏହା ସମଗ୍ର ବିଶ୍ୱ ବଜାରକୁ ପ୍ରଭାବିତ କରିବ । ଏହି ଚିନ୍ତାଧାରାକୁ ଦୃଷ୍ଟିରେ ରଖି ନିବେଶକମାନେ ବଜାରରେ ନୂତନ କ୍ରୟରୁ ଦୂରେଇ ରହିଛନ୍ତି। ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଅଶୋଧିତ ତୈଳ ମୂଲ୍ୟ ଉପରେ ପ୍ରଭାବ ପକାଇବା ଆରମ୍ଭ କରିଛି। ବ୍ରେଣ୍ଟ ଅଶୋଧିତ ଡଲାର ପ୍ରତି ୭୫ ଡଲାର ମୂଲ୍ୟ ଅତିକ୍ରମ କରିଛି। ଶ୍ରେଷ୍ଠ ଟେକ୍ସାସ୍ ମଧ୍ୟବର୍ତ୍ତୀ ଅଶୋଧିତ ମୂଲ୍ୟ ମଧ୍ୟ ୭୨ ଡଲାର ରେ ପହଞ୍ଚିଛି। ଗତ ତିନି ଦିନ ମଧ୍ୟରେ ଉଭୟ ସୂଚକାଙ୍କ ପାଞ୍ଚ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏହା ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା, କାରଣ ଭାରତ ଏକ ତୈଳ ଆମଦାନୀ କରୁଥିବା ଦେଶ ଏବଂ ଆମଦାନୀ ବିଲର ଏକ ପ୍ରମୁଖ ଅଂଶ ଅଶୋଧିତ ତୈଳ ଅଟେ। ସେବି ନିକଟରେ ଏହାର ବୋର୍ଡ ବୈଠକରେ ଫ୍ୟୁଚର ବାଣିଜ୍ୟର ନିୟମରେ ପରିବର୍ତ୍ତନକୁ ଅନୁମୋଦନ କରିଛି। ଫ୍ୟୁଚର ଏବଂ ବିକଳ୍ପ (ଏଫ ଆଣ୍ଡ ଓ) ସେଗମେଣ୍ଟରେ ନିୟମାବଳୀକୁ କଡାକଡି କରିବାକୁ ମାର୍କେଟ ରେଗୁଲେଟର ସେବି ଦ୍ୱାରା ସମ୍ପ୍ରତି ନିଷ୍ପତ୍ତି ମଧ୍ୟ ଇକ୍ୱିଟି ବଜାରରେ ହ୍ରାସ କରିବାରେ ସହାୟକ ହୋଇଛି। ବିଶ୍ଳେଷଣକାରୀଙ୍କ ଅନୁଯାୟୀ ଏହି ନୂତନ ପଦକ୍ଷେପ, ପ୍ରତ୍ୟେକ ବିନିମୟରେ ସାପ୍ତାହିକ ସମାପ୍ତିକୁ ସମାନ ଦିନକୁ ଘୁଞ୍ଚାଇବା ଏବଂ ଚୁକ୍ତିନାମା ଆକାର ବୃଦ୍ଧି କରିବା ଅନ୍ତର୍ଭୁକ୍ତ କରି ଖୁଚୁରା ବ୍ୟବସାୟୀଙ୍କୁ ଅସନ୍ତୋଷ କରିପାରେ। ଏହା ବାଣିଜ୍ୟକୁ ହ୍ରାସ କରିବାର ଆଶଙ୍କା ରହିଛି। ବାଣିଜ୍ୟ ଗତିଶୀଳତା ବିଷୟରେ ଏହି ଅନିଶ୍ଚିତତା ନିବେଶକଙ୍କ ଚିନ୍ତା ବଢ଼ାଇଛି। ଯେଉଁ କାରଣରୁ ବ୍ୟାପକ ଭୂ-ରାଜନୈତିକ ତିକ୍ତତା ମଧ୍ୟରେ ଷ୍ଟକ୍ ବଜାରରେ ହ୍ରାସ ପରିଲକ୍ଷିତ ହୋଇଛି। ଚୀନ୍ର ଷ୍ଟକ୍ ମାର୍କେଟର ଶକ୍ତିକୁ ନେଇ ଭାରତୀୟ ନିବେଶକମାନେ ମଧ୍ୟ ଚିନ୍ତିତ ଅଛନ୍ତି।

## କୌଣସି ମୁହୂର୍ତ୍ତରେ ବଡ଼ ...

ସମର୍ଥନ କରୁଛି କିନ୍ତୁ ଯଦି ଇରାନର ଆଣବିକ ଘାଟି ଉପରେ ଇସ୍ରାଏଲ ଆକ୍ରମଣ କରେ ତେବେ ଆମେରିକା ଏହାକୁ ସମର୍ଥନ କରିବ ନାହିଁ। କ୍ଷେପଣାସ୍ତ୍ର ଆକ୍ରମଣର ଜବାବରେ ଇରାନର ଆଣବିକ ଘାଟି ଉପରେ ଇସ୍ରାଏଲ୍ ଆକ୍ରମଣକୁ ସମର୍ଥନ କରିବେ ନାହିଁ ବୋଲି ବାଇଡେନ କହିଛନ୍ତି। ଶତ୍ରୁ ବିରୋଧରେ ଆନୁପାତିକ ପଦକ୍ଷେପ ନେବାକୁ ଇସ୍ରାଏଲକୁ ଅନୁରୋଧ କରିଛନ୍ତି। ଇରାନ ଦ୍ୱାରା ହୋଇଥିବା ଏହି ଆକ୍ରମଣକୁ ବାଇଡେନ ପୂର୍ବରୁ ପ୍ରଭାବହୀନ ବୋଲି ବର୍ଣ୍ଣନା କରିଥିଲେ। ବାଇଡେନ କହିଛନ୍ତି ଯେ ଇରାନ ଉପରେ ଅଧିକ କଟକଣା ଲାଗୁ କରାଯିବ ଏବଂ ସେ ଶୀଘ୍ର ନେତାନ୍ୟାହୁଙ୍କ ସହ କଥା ହେବେ। ତେବେ ବିଶେଷଜ୍ଞଙ୍କ କହିବା ଅନୁସାରେ ଏପ୍ରିଲରେ ଇସ୍ରାଏଲରେ ଇରାନର କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଅପେକ୍ଷା ଏଥର ଇସ୍ରାଏଲର ପ୍ରତିକ୍ରିୟା ଅଧିକ ସାଂଘାତିକ ହୋଇପାରେ। ଏଥର ଇସ୍ରାଏଲ୍ ତେହେରାନର ଆଣବିକ ଘାଟି କିମ୍ବା ତୈଳ ଡିପୋକୁ ଟାର୍ଗେଟ କରିପାରେ। ଇସ୍ରାଏଲର ଅଧିକାରୀମାନେ ସେମାନଙ୍କ ଆମେରିକୀୟ ପ୍ରତିପକ୍ଷଙ୍କୁ କହିଛନ୍ତି ଯେ ସେମାନେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣର ଜବାବ ଦେବା ପାଇଁ ଲକ୍ଷ୍ୟ, ସମୟ ଏବଂ ସ୍ଥାନ ସ୍ଥିର କରୁଛନ୍ତି। ଆକ୍ରମଣ ପାଇଁ କ୍ଷେପଣାସ୍ତ୍ର ବାହାର କଲାଣି ଇସ୍ରାଏଲ।

## ଦେଶର ଆଉ ...

୧୨.୭ରୁ ୨୦.୨ ନିୟୁତ ଟନ୍କୁ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ୨୦୩୧ ସୁଦ୍ଧା ଲକ୍ଷ୍ୟ ହାସଲ ପାଇଁ କ୍ୟାବିନେଟ୍ ରେ ନିଷ୍ପତ୍ତି ହୋଇଛି। ଏଥିସହ ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ୍ ପାଇଁ କେନ୍ଦ୍ର କ୍ୟାବିନେଟରେ ମଂଜୁରୀ ମିଳିଛି। ଏହାଦ୍ୱାରା ୧୧ ଲକ୍ଷ ୭୨ ହଜାର ୨୪୦ ରେଲୱେ କର୍ମଚାରୀ ଉପକୃତ ହେବେ। ମୋଟ ୨ ହଜାର ୨୯ କୋଟି ଟଙ୍କା ବୋନସ୍ ପ୍ରଦାନ ପାଇଁ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିବା ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ଶୁକ୍ରବାର, ୦୪ ଅକ୍ଟୋବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମେଘାସନ ମହାବିଦ୍ୟାଳୟ ଇତିହାସ ବିଭାଗର ନବାଗତଙ୍କୁ ସ୍ୱାଗତ ଉତ୍ସବ

ଉଦଳା, ୦୩/୧୦ (ନି.ପ୍ର): କପ୍ତିପଦା ଉପଖଣ୍ଡସ୍ଥ ମେଘାସନ ମହାବିଦ୍ୟାଳୟରେ ଆଜି ୧ ଘଟିକା ସମୟରେ ସଭାଗୃହଠାରେ ଇତିହାସ ବିଭାଗର ନବାଗତ ଛାତ୍ରଛାତ୍ରୀ ମାନଙ୍କର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏକ ଶାନ୍ତ ଗମ୍ଭିର ଅଥଚ ସୌହାଦ୍ୟପୂର୍ଣ୍ଣ ସୁନ୍ଦର ପରିବେଶରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇତିହାସ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସରୋଜ କୁମର ମହାନ୍ତି ସଭାପତିତ୍ୱ କରି ଇତିହାସର ଅର୍ଥ ଓ ଲିଖିତ ଇତିହାସର



ଉତ୍ପତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ନବାଗତ ବନ୍ଧୁ ପରିଜନ ଓ ଅତିଥି ମାନଙ୍କୁ ସ୍ୱାଗତ କରିବା କରିବା ଆମ ସଂସ୍କୃତି । ଏହି ପରମ୍ପରା ଆମର ହୃଦଉଙ୍କଛ । ଏହିଭଳି ଅନେକ ପ୍ରଥା ଓ ପରମ୍ପରା କାହିଁ କେତେ ଯୁଗରୁ ଆମ ସମାଜରେ ପ୍ରଚଳିତ ହୋଇ ସମାଜକୁ ପ୍ରେରଣା ଦେବା ସହିତ ସମାଜକୁ ପରିପୁଷ୍ଟ ଓ ସଂସ୍କୃତି ସମ୍ପନ୍ନ କରିଅଛି । ଅତୀତର ଗୌରବମୟ ଇତିହାସରୁ ଶିକ୍ଷାଲାଭ କରି ମଣିଷ ନିଜକୁ ସଚେତନ କରିବା ସହିତ ଆଜିର ସଭ୍ୟ ଯୁଗରେ ପାଦ ଥାପିଛି । ଇତିହାସର ଅଧ୍ୟୟନ ଓ ଗବେଷଣା ନଥିଲେ ମଣିଷ ସମାଜର ଅବସ୍ଥା ନିଶ୍ଚୟ ଗୌଣ ହୋଇଥାନ୍ତା ବୋଲି ମଂଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ । ମେଘାସନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲାବେଳେ ଡଃ ନିରଂଜନ ପାଠୀ ମୁଖ୍ୟବକ୍ତା ଆସନ ଅଳଙ୍କୃତ କରିଥିଲେ ।

## ଇଫଂକୋ ପାରାଦୀପ ୟୁନିଟ୍‌ର ହେଡ ଦାୟିତ୍ୱ ନେଲେ ପି.କେ. ମହାପାତ୍ର

ପାରାଦୀପ, ୦୩/୧୦ (ନି.ପ୍ର): ପାରାଦୀପ ରେ ଥିବା ବିଶ୍ୱର ବୃହତମ ସମବାୟଭିତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫଂକୋର ନୂତନ ୟୁନିଟ୍ ହେଡ୍ ଭାବେ ଦାୟିତ୍ୱ ନେଇଛନ୍ତି ଇଂ. ପି.କେ.ମହାପାତ୍ର । ୧୯୮୯ ମସିହାରେ ଆରଇସି, ରାଉରକେଲାରୁ ମେକାନିକାଲ୍ ଇଂଜିନିୟର ଭାବେ ଶିକ୍ଷା ସମାପ୍ତ କରିବା ପରେ ସାର ଶିଳ୍ପରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି । ଇଫଂକୋ ସହିତ ତାଙ୍କର ଦୀର୍ଘ ୧୮ ବର୍ଷର ସମ୍ପର୍କ ରହିଛି । ଜଣେ ଦକ୍ଷ ମେକାନିକାଲ୍ ଇଂଜିନିୟର ଭାବେ ବିଭିନ୍ନ ପଦବୀରେ ରହି ନିଜର ଦକ୍ଷତା ପ୍ରତିପଦିତ କରିଛନ୍ତି । ଇଫଂକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଅଭିଜ୍ଞତା, ଦକ୍ଷତା, ଅନୁଭବ ଏହି ବୃହର ସାର ଉତ୍ପାଦନକାରୀ ସଂସ୍ଥା ପାରାଦୀପ ୟୁନିଟ୍‌କୁ



ସଫଳତାର ଶୀର୍ଷରେ ପହଂଚାଇବେ ବୋଲି ଇଫଂକୋର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି । ଇଫଂକୋର ପାରାଦୀପ ୟୁନିଟ୍ ହେଡ୍ ଥିବା କେ.ଜେ.ପଟେଲଙ୍କୁ ପଦୋନ୍ନତି ମିଳିଛି । ପାରାଦୀପ ୟୁନିଟ୍ ?ର ମୁଖ୍ୟ ଭାବେ ଶ୍ରୀ ପଟେଲଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ । ତାଙ୍କୁ ଇଫଂକୋର ମୁଖ୍ୟ ବୈଷୟିକ ମୁଖ୍ୟ ଭାବେ ନୂଆଦିଲ୍ଲୀକୁ ବଦଳି ହୋଇଥିବା ନେଇ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

## ମେଗା ସଫେଇ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୦୩/୧୦ (ନି.ପ୍ର): ନୀଳଗିରି ସନ୍ତରାଗଡିଆ ସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ମେଗା ସଫେଇ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଏବଂ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୭/୯ତାରିଖରୁ ୨/୧୦ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ପକ୍ଷୀପ୍ରେମୀ, ସମାଜସେବୀ ଏବଂ କୁଲଡ଼ିହା ବନଖଣ୍ଡ ଅଧିକାରୀ ଉକ୍ତ ସଫେଇରେ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଗୌରହରି ଜେନା ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ କୁଲଡ଼ିହା ବନଖଣ୍ଡ ଅଧିକାରୀ ପ୍ରବୀର କୁମାର ମୁର୍ମୁ, ଏ.ବି.ଏ କଲେଜର ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଶିଶିର କୁମାର ସାହୁ, ଡ. ଗଦାଧର ବେହେରା, ଡ଼ଃ ଅକ୍ଷୟ କୁମାର ପାଣିଗ୍ରାହୀ, ଅଧ୍ୟାପକ ତ୍ରିଲୋଚନ ବାରିକ, ଅଭିମନ୍ୟୁ ମାହୁନ୍ତ, ଗଙ୍ଗାଧର ପରିଡ଼ା, ସଂଘମିତ୍ରା ରାଉତ ଏବଂ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଭବାନୀ ଶଙ୍କର ଜେନା, ପଞ୍ଚଲିଙ୍ଗେଶ୍ୱର ବନପାଳ ଭାଗ୍ୟଶ୍ରୀ ଦ୍ୱିବେଦୀଙ୍କ ସହିତ ଅନ୍ୟ ଅଧିକାରୀ ଓ ପକ୍ଷୀ ବିଶେଷଜ୍ଞ ତଥା ସମାଜସେବୀ ମନୋରଞ୍ଜନ ଦାସ ସମେତ ସ୍ଥାନୀୟ ଜନସାଧାରଣ ସାମିଲ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ହରିଶଙ୍କର ପାଣିଗ୍ରାହୀ ପରିଚାଳନା କରିଥିଲେ।

## ବେତନଟୀରେ ନୈତିକ ଶିକ୍ଷା ଓ ପରିବେଶ ସଚେତନତା ସହ ବୃକ୍ଷ ରୋପଣ



ବେତନଟୀ, ୦୩/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ତୋଟାପଡା ଠାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟରେ ଆମ୍ବଗଡିଆ ବିକାଶ ପରିଷଦ ପକ୍ଷରୁ ନୈତିକ ଶିକ୍ଷା ଓ ପରିବେଶ ସଚେତନତା ସହ ବୃକ୍ଷ ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମଳୟ କୁମାର ଗିରି ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆଁ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ ମୁଖ୍ୟ ବକ୍ତା ଓଡ଼ିଆ ଭାଷା ଜାଗରଣ ଯାତ୍ରା, ଓଡ଼ିଶାର ଆବାହକ,ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟ , ବରେଣ୍ୟ ଅତିଥି ପରିବେଶବିତ୍ ଓ ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ,ଅନ୍ୟତମ ଅତିଥି ବିକାଶ ପରିଷଦର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର , ବିଶିଷ୍ଟ କଳାକାର ପୂର୍ଣ୍ଣଚନ୍ଦ୍ର ନାୟକ,ଗଛ ମଣିଷ ଶ୍ରୀଯୁକ୍ତ ରବୀନ୍ଦ୍ର ବେହେରା ପ୍ରମୁଖ ଅତିଥିଗଣ ଯୋଗଦାନ କରି ବୃକ୍ଷ ରୋପଣ କରିବା ସହ ନୈତିକ ଶିକ୍ଷା ଓ ପରିବେଶ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ପରିଷଦର ସମ୍ପାଦକ କୁଳ ମହାନ୍ତ, ସଦସ୍ୟ ହେମନ୍ତ ଦାସ ଙ୍କ ସହିତ ବିଦ୍ୟାଳୟ ପକ୍ଷରୁ ଶିକ୍ଷୟିତ୍ରୀ ସବିତା ରାଣୀ ଦାସ, କଲ୍ୟାଣୀ ମଞ୍ଜରୀ ଗିରି, ସତ୍ୟଭାମା ନାୟକ, ମିନତୀ ଦତ୍ତ, ଦମୟନ୍ତୀ ବିଶ୍ୱାଳ, ଆଭାରାଣୀ ନାଥ ତଥା ଛାତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିସରରେ କୃଷ୍ଣଚୂଡ଼ା ଓ ବଉଳ ଆଦି ବୃକ୍ଷ ରୋପଣ କରାଯାଇଥିଲା। ନୈତିକ ଶିକ୍ଷା ଓ ପରିବେଶ ଆଧାରିତ କିଛି ପ୍ରଶ୍ନର ସଠିକ୍ ଉତ୍ତର ପାଇଁ ବିଦ୍ୟାଳୟର କୃତୀଛାତ୍ରୀ ସୁଶ୍ରୀ ରଚିତା ପ୍ରିୟଦର୍ଶନୀ ରାଉତଙ୍କୁ ମୁଖ୍ୟ ଅତିଥି ଆଚାର୍ଯ୍ୟ ବିଜୟ ଜୀଙ୍କ ଦ୍ୱାରା ଏକ ଚମ୍ପାଗଛ ଉପହାର ରୂପେ ପ୍ରଦାନ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ସବିତା ରାଣୀ ଦାସ ଧନ୍ୟବାଦ ଜଣାଇଥିଲେ।

## ପାସେଞ୍ଜର ଟ୍ରେନ ଆଗକୁ ଡେଇଁ ପଡ଼ିଲେ ଯୁବକ

ନୀଳଗିରି, ୦୩/୧୦ (ନି.ପ୍ର): ପାସେଞ୍ଜର ଟ୍ରେନ ଆଗକୁ ଡେଇଁପଡ଼ି ଯୁବକର ମୃତ୍ୟୁ। ସୂଚନାରୁ ଜଣାଯାଇଛି ଗୁରୁବାର ଦିନ ପ୍ରାୟ ୧ଟା ବେଳେ, ଗୋପୀନାଥପୁର ନୀଳଗିରି ରେଳ ଷ୍ଟେସନରୁ ଯାତ୍ରୀବାହୀ ପାସେଞ୍ଜର ଟ୍ରେନଟି ବାଲେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଷ୍ଟେସନ ସାହି - ଗର୍ଜନ ରାସ୍ତାର ରେଲ କ୍ରସିଂ ନିକଟରେ ହଠାତ ଜଣେ ଯୁବକ ଟ୍ରେନ ଆଗକୁ ଡେଇଁ ପଡ଼ିବାରୁ ଟ୍ରେନ ଧକ୍କାରେ ରେଳଲାଇନ୍ ଉପରେ ଗୁରୁତର ଆହତ ହୋଇ ପଡ଼ିଯାଇଥିଲେ। ଟ୍ରେନଟି ଅଟକି ଯାଇଥିଲା ବେଳେ ଗାର୍ଡଙ୍କ ନିର୍ଦ୍ଦେଶକ୍ରମେ ସେହି ଟ୍ରେନରେ ଥିବା ରେଳ କର୍ମଚାରୀ ସଙ୍ଗେସଙ୍ଗେ ବାଲେଶ୍ୱର ନେଇ , ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ହେଁ,ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଯୁବକ ଜଣକ ନୀଳଗିରି ଏନ୍‌ଏ ସି ୧୧ ନମ୍ବର ୱାର୍ଡ ଷ୍ଟେସନ ସାହି (ପଣ୍ଡା ଅଫିସ୍)ର ବାଙ୍ଗୁରୁ ସିଂ ପୁଅ ବାପିଲି ସିଂ(୧୮)ବୋଲି ଜଣାଯାଇଛି।

## ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟରେ ପୋଷାକ ବଣ୍ଟନ

ବସ୍ତା , ୦୩/୧୦ (ନି.ପ୍ର): ଗୁରୁବାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟରେ ପୋଷାକ ବଣ୍ଟନ ହୋଇଯାଇଛି। ଆଶା ର ପ୍ରତିଷ୍ଠାତା, ସମ୍ପାଦକ, ଯୁବ ସମାଜ ସେବୀ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମର କୁମାର ପାଳ ପୌରହିତ୍ୟ କରିବା ସହିତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଣୀ ଶ୍ରୀମତୀ ପ୍ରତିଭା ବେହେରା ଓ ଶ୍ରୀଯୁକ୍ତ ରାଜୀବ ଲୋଚନ ନାୟକ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ପାଳ ଆଶା ସଂଗଠନ ଏହି ବିଦ୍ୟାଳୟ ପାଇଁ କରିଥିବା ଅକ୍ଳାନ୍ତ ପରିଶ୍ରମ ଓ ସାଧନା ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଶ୍ରୀମତୀ ବେହେରା ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଥିବା ତାଙ୍କର ସ୍ନେହ ଓ



ଶିକ୍ଷକ, ଶିକ୍ଷୟତ୍ରୀ, ଅଣ ଶିକ୍ଷକ ଏବଂ ଅଣ ଶିକ୍ଷୟତ୍ରୀ ମାନେ କରୁଥିବା ମହତ କାର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏବଂ ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷ ଅମର କୁମାର ପାଳ ଓ ମୁଖ୍ୟ ଅତିଥି ଶ୍ରୀମତୀ ପ୍ରତିଭା ବେହେରା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବିତରଣ କରିଥିଲେ। ଅନୁଷ୍ଠାନର ଶିକ୍ଷକ ଶ୍ରୀଯୁକ୍ତ ଅରୁଣ କୁମାର ଦାସ, ଚନ୍ଦନ କୁମାର ବିଶ୍ୱାଳ, ନିର୍ମଳା ବାସିନୀ ସେନାପତୀ, ହର୍ଷ ବର୍ଦ୍ଧନ ଧଳ, ପ୍ରଦୀପ କୁମାର ସାହୁ, ଗଜେନ୍ଦ୍ର ନାଥ ପ୍ରଧାନ, ସରସ୍ୱତୀ ସାହୁ, ଭକ୍ତ ରଞ୍ଜନ ସାହୁ, ଜୟଶ୍ରୀ ସ୍ୱାଇଁ, ଅଶୋକ ବିଶ୍ୱାଳ, ସନ୍ଧ୍ୟାରାଣୀ ବିଶ୍ୱାଳ, ପ୍ରଜ୍ଞା ପ୍ରକାଶ ପାଳ, ସୁମନା ପରିଡା, ଗୋପାଳ ଆଇଚ୍, ରତିକାନ୍ତ ପରିଡା, ଗୌରାଙ୍ଗ ଚରଣ ଦାସ, ଅପର୍ଣ୍ଣା ରାଉତ, ଏଲିନ। ଏଲିଶା ପାଳ, ହେମାଙ୍ଗିନୀ ମକ୍ଷହାର୍ଣ୍ଣା ଓ ଅଞ୍ଜୁରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏବଂ ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ମିତା ରାଣୀ ମହାପାତ୍ରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭାସାଙ୍ଗ କରାଯାଇଥିଲା।

## ନୈତିକ ଶିକ୍ଷା ଓ ପରିବେଶ ସଚେତନତା ସହ ବୃକ୍ଷ ରୋପଣ

ବସ୍ତା , ୦୩/୧୦ (ନି.ପ୍ର): ଆମ୍ବଗଡିଆ ବିକାଶ ପରିଷଦ ପକ୍ଷରୁ ତୋଟାପଡା ଉଚ୍ଚ ବାଳିକା ବିଦ୍ୟାଳୟରେ ନୈତିକ ଶିକ୍ଷା ଓ ପରିବେଶ ସଚେତନତା ସହ ବୃକ୍ଷ ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମଳୟ କୁମାର ଗିରି ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆଁ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଥିଲେ । ମୁଖ୍ୟ ବକ୍ତା ଓଡ଼ିଆ ଭାଷା ଜାଗରଣ ଯାତ୍ରା, ଓଡ଼ିଶାର ଆବାହକ,ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ପଣ୍ଡିତ ଦେବେନ୍ଦ୍ର ଆଚାର୍ଯ୍ୟ , ବରେଣ୍ୟ ଅତିଥି ପରିବେଶବିତ୍ ଓ ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ,ଅନ୍ୟତମ ଅତିଥି ବିକାଶ ପରିଷଦର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର , ବିଶିଷ୍ଟ କଳାକାର ପୂର୍ଣ୍ଣଚନ୍ଦ୍ର ନାୟକ,ଗଛ ମଣିଷ ରବୀନ୍ଦ୍ର ବେହେରା ପ୍ରମୁଖ ଅତିଥିଗଣ ଯୋଗଦାନ କରି ବୃକ୍ଷ ରୋପଣ କରିବା ସହ ନୈତିକ ଶିକ୍ଷା ଓ ପରିବେଶ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ପରିଷଦର ସମ୍ପାଦକ କୁଳ ମହାନ୍ତ, ସଦସ୍ୟ ହେମନ୍ତ ଦାସ ଙ୍କ ସହିତ ବିଦ୍ୟାଳୟ ପକ୍ଷରୁ ଶିକ୍ଷୟିତ୍ରୀ ସବିତା ରାଣୀ ଦାସ, କଲ୍ୟାଣୀ ମଞ୍ଜରୀ ଗିରି, ସତ୍ୟଭାମା ନାୟକ, ମିନତୀ ଦତ୍ତ, ଦମୟନ୍ତୀ ବିଶ୍ୱାଳ, ଆଭାରାଣୀ ନାଥ ତଥା ଛାତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିସରରେ କୃଷ୍ଣଚୂଡ଼ା ଓ ବଉଳ ଆଦି ବୃକ୍ଷ ରୋପଣ କରାଯାଇଥିଲା। ନୈତିକ ଶିକ୍ଷା ଓ ପରିବେଶ ଆଧାରିତ କିଛି ପ୍ରଶ୍ନର ସଠିକ୍ ଉତ୍ତର ପାଇଁ ବିଦ୍ୟାଳୟର କୃତୀଛାତ୍ରୀ ସୁଶ୍ରୀ ରଚିତା ପ୍ରିୟଦର୍ଶନୀ ରାଉତଙ୍କୁ ମୁଖ୍ୟ ଅତିଥି ଆଚାର୍ଯ୍ୟ ବିଜୟ ଜୀଙ୍କ ଦ୍ୱାରା ଏକ ଚମ୍ପାଗଛ ଉପହାର ରୂପେ ପ୍ରଦାନ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ସବିତା ରାଣୀ ଦାସ ଧନ୍ୟବାଦ ଜଣାଇଥିଲେ।

## ରାଜସ୍ୱ ମନ୍ତ୍ରୀ ପରିଦର୍ଶନ କଲେ ଆହାର କେନ୍ଦ୍ର

ସମ୍ବଲପୁର, ୦୩/୧୦ (ନି.ପ୍ର): ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସମ୍ବଲପୁର ସହରର ଜେଲ୍ ଛକ ସ୍ଥିତ ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପୂଜାରୀ ଅସହାୟ ହିତାଧିକାରୀମାନଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନ କରି ଆହାର କେନ୍ଦ୍ର ଅନୁଧ୍ୟାନ କରିଥିଲେ। ଖାଇବାକୁ ଆସୁଥିବା ଜନସାଧାରଣଙ୍କୁ ମିଳୁଥିବା ସେବା ବାବଦରେ ମଧ ପଚାରି ବୁଝିଥିଲେ । ପରେ ଆହାର କେନ୍ଦ୍ରକୁ ପରିଚାଳନା କରୁଥିବା ମହିଳା ଅଧିକାରୀ ମାନଙ୍କ ସହିତ କଥାବାର୍ତା କରିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ ଆହାର କେନ୍ଦ୍ରରେ ଅଧିକ ସ୍ୱଚ୍ଛତା କରିବା, ଖାଇବା ସଂଖ୍ୟା ଆଉ ବଢାଇବା ତଥା ଲୋକେ ଯେମିତି ପେଟ ପୁରା ଖାଇବା ସହିତ ଖାଦ୍ୟ ଯେମିତି ନଷ୍ଟ ନ ହେବ ସେ ଦିଗରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ




ଲଙ୍ଗଳେଶ୍ୱର,୩/୧୦(ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଲକ୍ଷ୍ମୀପ୍ରିୟ ଜୁନିୟର ମହିଳା କଲେଜରେ ଗୁରୁବାର ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଏନ ଏସ ଏସ ୟୁନିଟ ଏବଂ ସ୍ଥାନୀୟ ସତ୍ୟସାଇ ପ୍ରେମ ତରୁ ସଂଗଠନର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ଉତ୍ତମ ପ୍ରାକୃତିକ ପରିବେଶ ସୃଷ୍ଟି କରିବା ପାଇଁ ଗୁଆ ଏବଂ ଦେବଦାରୁ ବୃକ୍ଷ ରୋପଣ କରଯାଇଛି। ଏହି ଅବସର ରେ ବିଦ୍ୟାଳୟର ଅଧ୍ୟକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ସତ୍ୟସାଇ ପ୍ରେମତରୁ ସଂଗଠନର ପ୍ରଭାକର ପଡ଼ିଆରି, ସାଇ ବନ୍ଧନ ବିଶ୍ୱାଳ, ଆଲୋକ ସାମନ୍ତରାୟ, ସାଇକୃଷ୍ଣ ମାଝି ପ୍ରମୁଖ ଯୋଗଦେଇ ବୃକ୍ଷ ଓ ମନୁଷ୍ୟ ମଧ୍ୟ ରେ ଥିବା ସୁସମ୍ପର୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ ରେ ଇତିହାସ ଅଧ୍ୟାପକ ରାଜେନ୍ଦ୍ର କୁମାର ବାରିକ,ଅଧ୍ୟାପକ ବରେନ୍ଦ୍ର ବେହେରା, ଉତ୍ତମ ମାହାନା, ଅପର୍ଣ୍ଣା ମାଜୀ, ସନ୍ନ୍ୟାସୀ ବେହେରା, ବିନୋଦ ବେହେରା, ସୁଶାନ୍ତ ମହାପାତ୍ର, ଅରୁଣ ମାଣିକ,ସୁକାନ୍ତ ଜେନା,ଦିଗମ୍ବର ରଣା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏନ ଏସ ଏସ ର ପ୍ରୋଗ୍ରାମ ଅଫିସର ରମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା।

## କୃଷି ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୦୩/୧୦ (ନି.ପ୍ର): ଗୁରୁବାର ସକାଳ ୧୧ ଘଟିକା ସମୟରେ ବାଲେଶ୍ୱର ସର୍କିଟ ଗୃହରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ସମ୍ପଦ, ପ୍ରାଣୀ ସମ୍ପଦ ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ବାଲେଶ୍ୱର ଜିଲ୍ଲାର ୧୨ ଗୋଟି ବ୍ଲକରୁ ଆସିଥିବା ଅଧିକୃତ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଶ୍ରୀ ଦାସ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଉଚିତ୍ ବ୍ୟକ୍ତିଙ୍କୁ ତଥା ସଂଗଠନକୁ ଚିହ୍ନଟ କରି ସରକାରୀ ଯୋଜନା ମାନ ଗ୍ରାମାଞ୍ଚଳରେ ପ୍ରତିଫଳିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ରାସାୟନିକ ସାରର ବ୍ୟବହାର କେମିତି କମିବ ଏବଂ ଜୈବିକ ସାର ବ୍ୟବହାର ସମ୍ପର୍କରେ ଚାଷୀଙ୍କୁ ପ୍ରଶିକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ କୃଷି ଏବଂ ମତ୍ସ୍ୟ ବିଭାଗ ବିଧାୟକ ପ୍ରତିନିଧି ସୁବୋଧ ଚନ୍ଦ୍ର ପଣ୍ଡା, ରେମୁଣା ବ୍ଲକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସଦର ବ୍ଲକ ପ୍ରତିନିଧି ଲମ୍ବୋଦର ପ୍ରଧାନ, ବିଧାୟକ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ବିଦ୍ୟୁତ୍ ବିଭାଗ ପ୍ରତିନିଧି ଗଜେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦ ହେଲା ହୀରାକୁଦ ଡ୍ୟାମର ସମସ୍ତ ସ୍ଲୁଇସ୍ ଗେଟ୍

ସମ୍ବଲପୁର, ୦୩/୧୦ (ନି.ପ୍ର): ଗୁରୁବାର ସକାଳ ୬ଟା ପର୍ଯ୍ୟନ୍ତ ହୀରାକୁଦ ଡ୍ୟାମ୍ ର ଗୋଟିଏ ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ କରାଯାଉଥିବା ବେଳେ ପରେ ସ୍ଥିତିକୁ ଦେଖି ପୂର୍ବାହ୍ନରେ ଏହି ସ୍ଲୁଇସ୍ ଗେଟ୍ ବନ୍ଦ କରାଯାଇଛି । ଫଳରେ ହୀରାକୁଦ ଡ୍ୟାମ ର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ ରହିଛି । ସକାଳ ୯ଟା ସୁଦ୍ଧା ହୀରାକୁଦ ଡ୍ୟାମର ଜଳସ୍ତର ୬୨୯.୯୭ ଫୁଟ ରହିଛି । ଯାହାକି ଡ୍ୟାମ୍ ର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ ।

## ମୟୁରଭଞ୍ଜ ସର୍ବୋଦୟ ମଣ୍ଡଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ

ବାରିପଦା , ୦୩/୧୦ (ନି.ପ୍ର): ଆଜି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜୟନ୍ତୀ ଅବସରରେ ବାରିପଦା ଗାନ୍ଧୀପାର୍କ ଠାରେ ମହାତ୍ମା ଗାନ୍ଧୀ, ଲାଲ ବହାଦୁର ଶାସ୍ତ୍ରୀ ଏବଂ କସ୍ତୁରବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୟୁରଭଞ୍ଜ ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ବାରାଣସୀ ସ୍ଥିତ ଗାନ୍ଧୀ - ବିନୋବା - ଜୟପ୍ରକାଶଙ୍କ ବିଚାର ଆଧାରିତ ସର୍ବୋଦୟ ସାଧନା କେନ୍ଦ୍ରକୁ ସ୍ଥାନୀୟ ସରକାର ଭାଙ୍ଗି ଦେଇଥିବାରୁ ଏହାର ର ପୁନଃନିର୍ମାଣ ପାଇଁ ସର୍ବ ସେବା ସଙ୍ଘ ତରଫରୁ ଜାରି ରହିଥିବା ୧୦୦ ଦିନ ବ୍ୟାପୀ ନ୍ୟାୟର ଦୀପ ଜଳାଅ ସତ୍ୟାଗ୍ରହ ସମର୍ଥନରେ ମୟୁରଭଞ୍ଜ ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ମହମ ବତୀ ଜଳାଇ ତୁରନ୍ତ ସରକାର ଏଭଳି ଏକ ଐତିହ୍ୟ ସ୍ଥଳୀର ପୁନଃ ନିର୍ମାଣ କରିବାକୁ ଦାବୀ କରାଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଗାନ୍ଧିବାଦୀ କର୍ମୀ ଶରତ ଚନ୍ଦ୍ର ନାୟକ, ଆର୍ଯ୍ୟଭଟ୍ଟ ମହାନ୍ତି, ଦୀପକ କୁମାର ନାୟକ, ସୟେଦ ସିରାଜୁଦ୍ଦିନ, ଶାରଦା ପ୍ରସାଦ ବାରିକ, ରମାକାନ୍ତ ରାଉତ, ହରେକୃଷ୍ଣ ପାତ୍ର, ଶିବ ଶଙ୍କର ମହାନା, ଜ୍ୟୋତ୍ସ୍ନା ଅଗ୍ରୱାଲ, ଝିଲି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ କଲେଜ ଅଫ ଆକଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ବାରିପଦା, ୦୩/୧୦ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଜାତୀୟ ସେବା ଯୋଜନା ଆନୁକୂଲ୍ୟ ରେ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଙ୍କ ସଭାପତିତ୍ୱ ରେ ପାଳିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ ର ଶିକ୍ଷା ବିଭାଗ ର ଅଧ୍ୟାପିକା ସୁଜାତା ପାଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗାନ୍ଧୀ ଏବଂ ଶାସ୍ତ୍ରୀଜୀ ଙ୍କ ନୀତି ଶିକ୍ଷା କୁ ଛାତ୍ର ଛାତ୍ରୀ ମାନେ ତାଙ୍କ ଜୀବନରେ ପ୍ରୟୋଗ କରି ଆତ୍ମ ନିର୍ଭରଶୀଳ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗ ର ଅଧ୍ୟାପିକା ତୃପ୍ତି ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀ ଙ୍କ ଜୀବନ ବୃତ୍ତାନ୍ତ ଉପରେ ଆଲୋକପାତ କରିବା ସହିତ କର୍ମଠ ହେବା ନିମନ୍ତେ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ଏହି




ଅବସରରେ ଛାତ୍ର ଛାତ୍ରୀ ଏବଂ ସ୍ୱେଚ୍ଛାସେବୀ ମାନେ ନିଜ ନିଜର ବକ୍ତୃତା ପ୍ରଦାନ କରିଥିଲେ। ସେଚ୍ଛାସେବୀ ଏସ କେ ଆଜାଦ୍, ବ୍ରହ୍ମଶାଶ୍ୱତ ନାୟକ, ଲକି ଗଛାୟାତ୍ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିବା ସହିତ ପଦାର୍ଥ ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଶେଷ ବର୍ଷ ର ଛାତ୍ର ସାହିଲ କୁମାର ଲେଙ୍କା ଧନ୍ୟବାଦ୍ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo